

‘ଦ ରାଜା ସାବ୍’ର ଗୀତ ରିଲିଜ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-149 •TUESDAY •25 NOVEMBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୪୯ •ମଙ୍ଗଳବାର •୨୫ ନଭେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦




# ବଲିଉଡ୍‌ର 'ହି-ମ୍ୟାନ୍' ଧର୍ମେନ୍ଦ୍ରଙ୍କ ପରଲୋକ

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି
## ଶୋକ ପ୍ରକାଶ କଲେ ମୋହନ, ନବୀନ
## ମହାନାୟକଙ୍କୁ ଅନ୍ତିମ ବିଦାୟ ଦେଲେ ସିନେ ତାରକା

■ ମୁମ୍ବଇ, ୨୪।୧୧ (ଏଜେନ୍ସି): ଆଉ ଜଣେ କିମ୍ବଦନ୍ତୀ ଅଭିନେତାଙ୍କୁ ହରାଇଛି ବଲିଉଡ୍। ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କ ପରଲୋକ ହୋଇଛି। ସୋମବାର ଅପରାହ୍ଣ ୧.୧୦ରେ ୮୯ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଦୀର୍ଘ ୬ ଦଶନ୍ଧି ଧରି ସେ ପ୍ରଶଂସକଙ୍କ ହୃଦୟରେ ରାଜ୍ କରୁଥିବା ଧର୍ମେନ୍ଦ୍ର ପ୍ରାୟ ୩୦୦ ସିନେମାରେ ଅଭିନୟ କରିଥିଲେ। ତାଙ୍କ ସହ ବଲିଉଡ୍‌ରେ ଗୋଟିଏ ଯୁଗର ଅବସାନ ହୋଇଛି। ସେ ଆଗାମୀ ପିଢ଼ି ପାଇଁ ଏକ ବଳିଷ୍ଠ ପରମ୍ପରା ଛାଡି ଯାଇଛନ୍ତି। ମୁମ୍ବଇର ଭିଲେ ପାର୍ଲେ ଶ୍ମଶାନରେ ନିରାଡ଼ମ୍ବରରେ ଅପରାହ୍ଣ ୩ଟାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଧର୍ମେନ୍ଦ୍ରଙ୍କ ଦେହାନ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ପ୍ରମୁଖ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧର୍ମେନ୍ଦ୍ରଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଧର୍ମେନ୍ଦ୍ରଙ୍କ ବିୟୋଗରେ ଭାରତୀୟ ସିନେମାରେ ଏକ ଯୁଗର ଅନ୍ତ ହେଲା ବୋଲି କହିଛନ୍ତି। ଅଭିନେତା ଅମିତାଭ ବଚ୍ଚନ, ଶାହରୁଖ ଖାନ୍, ସଞ୍ଜୟ ଦତ୍ତ, ସଲମାନ ଖାନ୍, ଅମୀର ଖାନ, ରଣବୀର ସିଂ, ଦୀପିକା ପାଦୁକୋନଙ୍କ ସମେତ ବହୁ ବଲିଉଡ୍ ତାରକା ଶ୍ମଶାନରେ ଉପସ୍ଥିତ ରହି ଏହି ମହାନାୟକଙ୍କ ଅନ୍ତିମ ବିଦାୟ ଦେଇଛନ୍ତି।

ଗତ କିଛିଦିନ ହେବ ଧର୍ମେନ୍ଦ ଅସୁସ୍ଥ ଥିଲେ। ସେ ବୟସାଧିକ ଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୧୦ ତାରିଖରେ ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ମୁମ୍ବଇର ଏକ ▶ପୃଷ୍ଠା-୭




▶ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି: ପୃଷ୍ଠା-୨

# ମିଲ୍ ଖୁନ୍ଦାଖୁନ୍ଦି: ଧାନ କିଣିବାକୁ ଅମଙ୍ଗ ମିଲର୍

## ପ୍ରତିଶ୍ରୁତି ସତ୍ତ୍ୱେ କଷ୍ଟମ୍ ମିଲିଂ ଦର ବଢ଼ାଇଲେନି ସରକାର
## ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନ ଥିବାରୁ ଅସନ୍ତୋଷ

■ ଭୁବନେଶ୍ୱର, ୨୪।୧୧(ସମିସ): ମିଲ୍‌ରେ ମହଜୁଦ ରହିଛି ପର୍ଯ୍ୟାପ୍ତ ପରିମାଣରେ ଧାନ। ଗତ ଖରିଫ୍ ଋତୁର ଧାନ ମିଲିଂ ସରିନାହିଁ, ରବି ଋତୁ ଧାନ ଆସି ଗଦା ହୋଇଛି। ଏପରି ଅବସ୍ଥାରେ ଚଳିତ ଖରିଫ ଧାନ କିଣିବାକୁ ମିଲର ନାରାଜ। ମିଲ୍‌ରେ ଫାଙ୍କା ସ୍ଥାନ ନ ଥିବାରୁ ଧାନ କିଣିଲେ କେଉଁଠାରେ ରଖିବୁ ବୋଲି ସରକାରଙ୍କୁ ପାଲଟା ପ୍ରଶ୍ନ କରୁଛନ୍ତି। ଏହାକୁ ନେଇ ସରକାର-ମିଲରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଛକାପଞ୍ଝା ଚଳିତ ବର୍ଷ ଧାନ କିଣାରେ ଅହେତୁକ ବିଳମ୍ବ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଚାଷୀ ନେତାମାନେ ମିଲର-ସରକାରଙ୍କ ଏହି ବିବାଦକୁ କେବଳ ଚାଷୀଙ୍କୁ ଭୂଆଁ ବୁଲାଇବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ କରିଛନ୍ତି।

ମିଲରମାନଙ୍କ ଅଭିଯୋଗ ଅନୁଯାୟୀ ସରକାର ଧାର୍ଯ୍ୟ ସମୟରେ ଉତ୍ପାଦିତ ସମସ୍ତ ଚାଉଳ ଉଠାଉ ନ ଥିବାରୁ ବହୁ ପରିମାଣରେ ଚାଉଳ ଗଚ୍ଛିତ ରହିଛି। ଧାନକୁ ଚାଉଳ କରି ରଖିଲେ ନଷ୍ଟ ହେବାର ଆଶଙ୍କା ଥିବାରୁ ମିଲିଂ ହୋଇପାରୁନାହିଁ। ସରକାରଙ୍କ ପାଖରେ ଧାନ ଓ ଚାଉଳ ଗଚ୍ଛିତ ରଖିବା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥିବାରୁ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ସେହିପରି ମିଲ୍‌ରେ ଧାନ ଗଚ୍ଛିତ ରଖିଲେ ତାହାର ରକ୍ଷଣାବେକ୍ଷଣ ପାଇଁ ସରକାର କ୍ୱିଣ୍ଟାଲ ପିଛା ୭.୨୦ ଟଙ୍କା ଦେବାର ପ୍ରାବଧାନ ରହିଛି। ମାତ୍ର ଗତ ଦୁଇ ଆର୍ଥିକ ବର୍ଷରେ ଏଥିପାଇଁ ମିଲରମାନଙ୍କୁ ଚାଉଳ ଗଚ୍ଛିତ ରଖିବା ବାବଦ ଅର୍ଥରାଶି ▶ପୃଷ୍ଠା-୭

## ଚାଷୀ-ମିଲର୍ସ ସଲାସୁତ୍ରରେ କଟ୍‌ନୀଛଟ୍‌ନୀ: ମନ୍ତ୍ରୀ

### ମନ୍ତ୍ରୀଙ୍କ ବେପରୁଆ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ: ବିଜେଡି
### ପ୍ରତିଶ୍ରୁତି ଭୁଲିଛନ୍ତି ସରକାର, ସବୁଠାରେ କଟନୀଛଟନୀ: କଂଗ୍ରେସ

■ ଭୁବନେଶ୍ୱର, ୨୪।୧୧(ସମିସ): ଧାନ କିଣା ସମୟରେ ଚାଷୀ ଓ ମିଲର୍ସ ପରସ୍ପର ମଧ୍ୟରେ ସଲାସୁତ୍ରା ହୋଇ କଟନୀଛଟନୀ କରୁଛନ୍ତି। ଏଥିରେ ସରକାର କଣ କରିପାରିବେ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଟିପ୍ପଣୀକୁ ନେଇ ଆରମ୍ଭ ହୋଇଛି ବିବାଦ। ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ କଟନୀଛଟନୀ ନେଇ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀଙ୍କ ପ୍ରତି ଘୋର ଅପମାନ। ନିଜେ ନିଜର କ୍ଷତି କରିବାକୁ ଚାଷୀ କେମିତି ଚିନ୍ତା କରିବ ବୋଲି ସେ ପ୍ରଶ୍ନ କରିବା ସହ ମନ୍ତ୍ରୀ ତୃଣମୂଳସ୍ତରର ସ୍ଥିତି ଜାଣୁ ନ ଥିବା କଟାକ୍ଷ କରିଛନ୍ତି। ଗତବର୍ଷ ଚାଷୀଙ୍କ ଠାରୁ କୁଇଣ୍ଟାଲ ପିଛା ୧୦ରୁ ୧୨ କିଲୋ ଲେଖାଏଁ କଟନୀଛଟନୀ କରାଯାଇଛି। ବିନା କଟନୀଛଟନୀରେ ଧାନ କିଣା ନେଇ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଚାଷୀର ସ୍ୱାର୍ଥ ରକ୍ଷା କରିବା ଓ କଟନୀଛଟନୀ ରୋକିବା ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଅପରପକ୍ଷରେ ଚଳିତବର୍ଷ କେନ୍ଦ୍ର ସରକାର ଧାନ କୁଇଣ୍ଟାଲ ପ୍ରତି ୬୦ ଟଙ୍କା ବଢ଼ାଇଥିବାବେଳେ ତାହାକୁ ରାଜ୍ୟ ସରକାର ଓଡ଼ିଶାର ଚାଷୀଙ୍କୁ ପ୍ରଦାନ ନ କରିବା ପାଇଁ ଯୋଜନା କରିଥିବା ସେ ଅଭିଯୋଗ କରିଛନ୍ତି। ସରକାର ଦେଉଥିବା ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡିରୁ ଏହି ଟଙ୍କା କାଟିଦେବେ। ଫଳରେ ଚାଷୀ ଆର୍ଥିକ କ୍ଷତିରେ ପଡ଼ିବେ। ଏନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି। ଅନୁରୂପ ଭାବରେ କଂଗ୍ରେସ ବିଧାୟକ ଦଳ ▶ପୃଷ୍ଠା-୭

# ସିଜେଆଇ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଶପଥ



## ନୂଆ ଉଦାହରଣ ସୃଷ୍ଟିକଲେ ବିଦାୟୀ ସିଜେଆଇ ଗଭାଇ
## ଉତ୍ତରାଧିକାରୀଙ୍କ ପାଇଁ ଛାଡ଼ିଗଲେ ସରକାରୀ ଗାଡ଼ି

■ ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଜଷ୍ଟିସ ସୂର୍ଯ୍ୟକାନ୍ତ ଭାରତର ୫୩ ତମ ପ୍ରଧାନ ବିଚାରପତି (ସିଜେଆଇ) ହୋଇଛନ୍ତି। ରାଷ୍ଟ୍ରପତି ଭବନରେ ସୋମବାର ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ହିନ୍ଦୀରେ ଶପଥ ନେଇ ସାରିବେ ପରେ ସିଜେଆଇ କାର୍ଯ୍ୟକ୍ରମରେ ଉପସ୍ଥିତ ନିଜ ଭଉଣୀ ଏବଂ ବଡ଼ ଭାଇଙ୍କୁ ପାଦ ଛୁଇଁ ପ୍ରଣାମ କରିଥିଲେ। ଏହି ଅବସରରେ ତାଙ୍କ ପରିବାରର ଅନ୍ୟ ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ଏହା ପରେ ସେ ଉପ-ରାଷ୍ଟ୍ରପତି ସିପି ରାଧାକୃଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ବିଆର ଗଭାଇ ନିଜ ଉତ୍ତରାଧିକାରୀଙ୍କୁ କୁଣ୍ଢାଇ ପକାଇ ଥିଲେ। ପ୍ରଥମ ଥର ପାଇଁ ଏହି ସମାରୋହରେ ବ୍ରାଜିଲ, ଭୁଟାନ, କେନିଆ, ମାଲେସିଆ, ▶ପୃଷ୍ଠା-୭

# କମିଲା ଅତିରିକ୍ତ ବଜେଟ ଆକାର

## ୧୧ ହଜାର କୋଟି ମଧ୍ୟରେ ରହିବ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ

### ୨୮ ତାରିଖରେ ବିଧାନସଭାରେ ଆଗତ ହେବ ଅତିରିକ୍ତ ବଜେଟ

■ ଭୁବନେଶ୍ୱର,୨୪।୧୧(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକରେ ଅତିରିକ୍ତ ବଜେଟ୍‌କୁ ମିଳିଛି ମଞ୍ଜୁରୀ। ଆସନ୍ତା ଶୀତ ଅଧିବେଶନ ୨୭ ତାରିଖରୁ ଆରମ୍ଭ ହେବ ଓ ୨୮ ତାରିଖରେ ଅତିରିକ୍ତ ବଜେଟ ଚିଠା ପ୍ରସ୍ତାବ ଆଗତ ହେବ। ମନ୍ତ୍ରୀ ପରିଷଦ ବୈଠକରେ ୧୦ ହଜାର କୋଟିରୁ ଅଧିକ ଟଙ୍କାର ଚିଠା ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଥିବା ସୂଚନା ମିଳିଛି।

୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ମୋଟ ୧୨,୧୫୬ କୋଟି ଟଙ୍କାର ଅତିରିକ୍ତ ବଜେଟ ବିଧାନସଭାରେ ଆଗତ କରିଥିଲେ। ଏଥିରେ କାର୍ଯ୍ୟକ୍ରମ ବ୍ୟୟ ବାବଦରେ ୧୦,୧୫୫ କୋଟି ଟଙ୍କା ଆବଣ୍ଟିତ ହୋଇଥିବା ବେଳେ ପ୍ରଶାସନିକ ବ୍ୟୟ ପାଇଁ ୧,୬୮୫ କୋଟି ଟଙ୍କା ଆବଣ୍ଟିତ ହୋଇଥିଲା। ତେବେ ଚଳିତ ଆର୍ଥିକ ବର୍ଷରେ ଆବଣ୍ଟିତ ବଜେଟ ଅର୍ଥରେ ଆଖିଦୃଶିଆ ବ୍ୟୟ ହୋଇପାରି ନାହିଁ। ଏବେବି ବହୁ ବିଭାଗର ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚ ବେଶ୍ ନିରୁତ୍ସାହଜନକ ରହିଛି। ଯାହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ବିଭିନ୍ନ ବୈଠକରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିଯୋଗୁଁ ଅତିରିକ୍ତ ବଜେଟର ପରିମାଣକୁ ପୂର୍ବ ଆର୍ଥିକ ବର୍ଷ ତୁଳନାରେ କମାଇ ଦିଆଯାଇଥିବା ଆଲୋଚନା ହେଉଛି।

# ରାଜ୍ୟ କ୍ୟାବିନେଟରେ ୩ ପ୍ରସ୍ତାବକୁ ମଞ୍ଜୁରୀ

■ ଭୁବନେଶ୍ୱର, ୨୪।୧୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୩ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଅନୁମୋଦିତ ସମସ୍ତ ୩ଟି ପ୍ରସ୍ତାବ ସାଧାରଣ ପ୍ରଶାସନ ବିଭାଗର ହୋଇଥିବା ନେଇ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

୩ଟି ପ୍ରସ୍ତାବ ମଧ୍ୟରୁ ଉଚ୍ଚ ମାଧ୍ୟମିକସ୍ତର କିମ୍ବା ସମାନସ୍ତର ଅଧୀନସ୍ଥ ସ୍ୱତନ୍ତ୍ର ସେବା ଓ ପଦବୀ ପାଇଁ ମିଳିତ ନିଯୁକ୍ତି ପରୀକ୍ଷା ନିୟମାବଳୀ ୨୦୨୨ର ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ପୂର୍ବରୁ ଏହି ନିୟମାବଳୀର ଅନୁଚ୍ଛେଦ-୧ରେ ୧୧ଟି ଭିନ୍ନ ପଦବୀ ଅନ୍ତର୍ଭୁକ୍ତ ▶ପୃଷ୍ଠା-୭

**ସମୁଦ୍ର ମଧ୍ୟରେ ଏକାଧିକ ଘୂର୍ଣ୍ଣିବଳୟ**

# ଆଗକୁ ବଢ଼ିପାରୁନି ଲଘୁଚାପ

■ ଭୁବନେଶ୍ୱର, ୨୪।୧୧ (ସମିସ): ବର୍ତ୍ତମାନ ପ୍ରଶାନ୍ତ ମହାସାଗରରେ ଗୋଟିଏ ବାତ୍ୟା ସକ୍ରିୟ ରହିଛି। ଏହାସହ ମଲାକ୍କା ସମୁଦ୍ର ଏବଂ ଦକ୍ଷିଣ-ଆଣ୍ଡାମାନ ସାଗର ଉପରେ ଏକ ସଦୃଶ ଲଘୁଚାପ ରହିଛି। ଏହା ବ୍ୟତୀତ କୋମ୍‌ରିନ୍ ପାର୍ଶ୍ୱବର୍ତ୍ତୀ ଦକ୍ଷିଣପଶ୍ଚିମ ବଙ୍ଗୋପସାଗର ଏବଂ ଶ୍ରୀଲଙ୍କା ଉପରେ ଗୋଟିଏ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବା ବେଳେ ଆରବ ସାଗର ଉପରେ ଆଉ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ସମୁଦ୍ର ମଧ୍ୟରେ ଗୋଟିଏ ସମୟରେ ଏତେଗୁଡ଼ିଏ ଲଘୁଚାପ ଓ ଘୂର୍ଣ୍ଣିବଳୟ ଘେରି ରହିଥିବାରୁ ଉଭୟେ ଉଭୟଙ୍କୁ ପ୍ରଭାବିତ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ଦୀର୍ଘ ୬ ଦିନ ପରେ ମଧ୍ୟ ମଲ୍ଲାକା ସମୁଦ୍ର ନିକଟରେ ଥିବା ସଦୃଶ ଲଘୁଚାପ ବଙ୍ଗୋପସାଗରରେ ପହଞ୍ଚିପାରି ନାହିଁ। ଏହି ଲଘୁଚାପ ବାତ୍ୟାରେ ପରିଣତ ହେବ ବୋଲି ଆଇଏମ୍‌ଡି ପୂର୍ବରୁ ଆକଳନ କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହା ଆଗକୁ ବଢୁ ନ ଥିବାରୁ ବାତ୍ୟା ସୃଷ୍ଟି ହେବା ଓ ଏହା ଆନ୍ଧ୍ର-ଓଡ଼ିଶା ଉପକୂଳ ମୁହାଁ ହେବା ଉପରେ ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଶ୍ରୀଲଙ୍କା ଉପରେ ରହିଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ ସୃଷ୍ଟି ହେବା ସହ ଏହା ବାତ୍ୟାରେ ପରିଣତ ହେବା ନେଇ ଆଉ ଏକ ନୂଆ ସମୀକରଣ ସୃଷ୍ଟି ହୋଇଛି। ▶ପୃଷ୍ଠା-୭



ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ଆଶଙ୍କା କ୍ଷୀଣ

# ଆଇଏଲ୍‌ଏସ୍‌ର ଯକ୍ଷ୍ମା ଟିକା ଗବେଷଣା ସଫଳ




### ବିଶ୍ୱ ବଜାରରେ ଟିକା ପହଞ୍ଚାଇବା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ

■ ଭୁବନେଶ୍ୱର, ୨୪।୧୧ (ସମିସ): ଯକ୍ଷ୍ମା ନିରାକରଣରେ ଦିଗରେ ଏକ ଅଭୂତପୂର୍ବ ସଫଳତା ମିଳିଛି। ଭୁବନେଶ୍ୱର ଆଇଆଇଟି ଏବଂ ଜୀବ ବିଜ୍ଞାନ ପ୍ରତିଷ୍ଠାନ (ଆଇଏଲଏସ), ଭୁବନେଶ୍ୱର ମିଳିତ ଭାବେ ଏକ ପ୍ରଭାବଶାଳୀ ଯକ୍ଷ୍ମା ଟିକାର ଉଦ୍ଭାବନ କରିଛନ୍ତି। ଏହି ଟିକାକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏବଂ ଅଧିକ ଗବେଷଣା ପାଇଁ ସୋମବାର ଆଇଆଇଟି, ଆଇଏଲ୍‌ଏସ୍ ଏବଂ ନ୍ୟାସନାଲ ରିସର୍ଚ୍ଚ ଡେଭଲପମେଣ୍ଟ କର୍ପୋରେସନ୍ ପକ୍ଷରୁ ଟେକ୍-ଇନଭେନସନ୍ ଲାଇଫ କେୟାର ନାମକ ଘରୋଇ ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଚ୍‌ଏସ୍‌ପି ସବ-ୟୁନିଟ୍ ନାମକ ଏହି ଭାକ୍ସିନ୍ ଯକ୍ଷ୍ମା ନିୟନ୍ତ୍ରଣରେ ବହୁତ ଭଲ ପ୍ରଭାବ ଦେଖାଉଛି। ଆଇଆଇଟିର ପ୍ରଫେସର୍ ଆଶିଷ ବିଶ୍ୱାସ, ଆଇଏଲସର ଡ. ସୁନୀଲ କୁମାର ରାଘବଙ୍କ ନେତୃତ୍ୱରେ ଗବେଷକଙ୍କ ଦଳ ଏହି ସଫଳତା ପାଇଛି।

# ଗଣଦୁଷ୍କର୍ମ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା !

## ବୟାନ ବଦଳାଇବାକୁ ନାବାଳିକାଙ୍କ ଉପରେ ପୁଲିସର ଚାପ
## ତଦନ୍ତ ଅଧିକାରୀଙ୍କ ଭୂମିକାକୁ ନେଇ ମା’ ଆଣିଲେ ସାଂଘାତିକ ଅଭିଯୋଗ
## ହସ୍ପିଟାଲରେ ନାବାଳିକାଙ୍କୁ ଭେଟିଲେ ବିଜେଡି-କଂଗ୍ରେସ ନେତା
## ନିଜ ଆଡୁ ମାମଲା ରୁଜୁ କଲେ ଶିଶୁ ସୁରକ୍ଷା ଅଧିକାର କମିସନ

■ ଭୁବନେଶ୍ୱର, ୨୪।୧୧ (ସମିସ): ଖୋର୍ଦ୍ଧା ନାବାଳିକା ଗଣଦୁଷ୍କର୍ମ ମାମଲାରେ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବାବେଳେ ଚିକିତ୍ସାଧୀନ ପୀଡ଼ିତାଙ୍କୁ ଡାକ୍ତରଖାନାରେ ନିର୍ଯାତନା ଦିଆଯାଉଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ତଦନ୍ତକାରୀ ପୁଲିସ ଅଧିକାରୀ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ସହ ବୟାନ ବଦଳାଇବାକୁ ମାନସିକ ନିର୍ଯାତନା ଦେଉଥିବା ପୀଡ଼ିତାଙ୍କ ମା’ ଅଭିଯୋଗ କରିଛନ୍ତି।

କ୍ୟାପିଟାଲ ହସ୍ପିଟାଲରେ ଖୋର୍ଦ୍ଧା ବାଘମାରୀ ପୁଲିସ ନାବାଳିକାଙ୍କ ବୟାନ ରେକର୍ଡ କରିଛି। ଗଣଦୁଷ୍କର୍ମ ମାମଲାରେ କିଏ କିଏ ସମ୍ପୃକ୍ତ ଅଛନ୍ତି। ଅପରାଧ କିଭଳି ସଂଗଠିତ ହେଲା, କେଉଁ ପରିସ୍ଥିତିରେ ଅପରାଧ ଘଟିଲା, ଘଟଣା ପଛରେ କେଉଁକେଉଁ ଲୋକ ଅଛନ୍ତି ଆଦି ଅନେକ ପ୍ରଶ୍ନ ପୀଡ଼ିତାଙ୍କୁ କରାଯାଇଛି। ସେ ମଧ୍ୟ ପୁଲିସକୁ ବିସ୍ତୃତ ଭାବରେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତେବେ ଏହି ଘଟଣାରେ ପୁଲିସର ଭୂମିକାକୁ ନେଇ ପୀଡ଼ିତାଙ୍କ ମା’ ସନ୍ଦେହପ୍ରକଟ କରିବା ସହ ତାଙ୍କ ଝିଅକୁ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ କରିଛନ୍ତି। ବୟାନରେ ପୀଡ଼ିତା ଯାହା କହୁଛନ୍ତି ତାକୁ ରେକର୍ଡ ପରିବର୍ତ୍ତେ ବୟାନ ବଦଳାଇବା ଓ ମାମଲା ରଫାଦଫା ପାଇଁ ତଦନ୍ତକାରୀ ଅଧିକାରୀ ଧମକ ଦେଉଥିବା ସେ ଅଭିଯୋଗ କରିଛନ୍ତି। ପ୍ରଭାବଶାଳୀ ଅଭିଯୁକ୍ତଙ୍କୁ ମାମଲାରୁ ଖସାଇବା ପାଇଁ ପୁଲିସ ଆରମ୍ଭରୁ ଯୋଜନା କରୁଛି ବୋଲି ସେ କହିଛନ୍ତି।

ପୀଡ଼ିତାଙ୍କ ମା’ ଏପରି ଅଭିଯୋଗ ଆଣିବା ପରେ ପୁଲିସର ଭୂମିକା ଉପରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ କ’ଣ ପାଇଁ, କାହାକୁ ସୁରକ୍ଷା ଦେବାକୁ ଓ କାହା ନିର୍ଦ୍ଦେଶରେ ଚାପ ପକାଉଛି ତାହା ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ପୁଲିସର ତଦନ୍ତ ଉପରେ ପରିବାର ଲୋକ ପ୍ରଶ୍ନ ଉଠାଉଥିବାରୁ ଘଟଣାର ତଦନ୍ତକାରୀ ଅଧିକାରୀଙ୍କୁ କାହିଁକି ବଦଳାଯାଉ ନାହିଁ ବୋଲି ମଧ୍ୟ ଅନେକ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ବିଜେଡି ଓ କଂଗ୍ରେସ ଦଳର ନେତାମାନେ ଡାକ୍ତରଖାନାରେ ପୀଡ଼ିତାଙ୍କୁ ଭେଟି ତାଙ୍କର୍ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ଶିଶୁ ସୁରକ୍ଷା କମିଶନରଙ୍କ ଅଧ୍ୟକ୍ଷତାରେ ଶିଶୁ ସୁରକ୍ଷା ଆୟୋଗର ଏକ ୩ ଜଣିଆ ଟିମ୍ କ୍ୟାପିଟାଲ ହସ୍ପିଟାଲରେ ପୀଡ଼ିତାଙ୍କୁ ଭେଟିଛନ୍ତି। ଆୟୋଗ ନିଜ ଆଡୁ ଏକ ମାମଲା ରୁଜୁ କରିଛି। ଦୋଷୀ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି କମିସନର ବବିତା ପାତ୍ର କହିଛନ୍ତି। ଏହି ମାମଲାରେ ପୁଲିସ ଏପର୍ଯ୍ୟନ୍ତ ୬ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ବିଭିନ୍ନ ସ୍ଥାନରେ ଚଢଉ କରିବା ସହ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି।

# ଅଲ୍‌ବିଦା ହି-ମ୍ୟାନ୍

## କୃଷ୍ଣ ଦେଓ୍ୱଲରୁ ଧର୍ମେନ୍ଦ୍ର

ଧର୍ମେନ୍ଦ୍ରଙ୍କ ପ୍ରକୃତ ନାଁ କୃଷ୍ଣ ଦେଓ୍ୱଲ । ତେବେ ସେ ଫିଲ୍ମକୁ ଆସିବା ପରେ ଧର୍ମେନ୍ଦ୍ର ନାଁରେ ଲୋକପ୍ରିୟ ହେଲେ । ସେ ୧୯୩୫ ମସିହା ଡିସେମ୍ବର ୮ ତାରିଖରେ ଲୁଧିଆନାର ସାହନେବାଲ ଗାଁରେ ଜନ୍ମଗ୍ରହଣ କରିଥିଲେ । ସେ ଦ୍ୱାଦଶ ଶ୍ରେଣୀ ଯାଏଁ ପାଠ ପଢ଼ିଛନ୍ତି । ଆଗକୁ ପଢ଼ିବାକୁ ଚାହୁଁଥିଲେ, ହେଲେ ଅଭିନୟ ନିଶା ତାଙ୍କର ଏତେ ବେଶି ହେଲା ଯେ ସେ ଆଉ ପାଠ ପଢ଼ିଲେ ନାହିଁ ।



ଆଉ ନାହାଁନ୍ତି ବଲିଉଡ୍‌ର **ହି-ମ୍ୟାନ୍** ଧର୍ମେନ୍ଦ୍ର । ଅସଂଖ୍ୟ ପ୍ରଶଂସକଙ୍କୁ ଶୋକ ସାଗରରେ ଭସାଇ ୮୯ ବର୍ଷ ବୟସରେ ସୋମବାର ପରଲୋକ ଗମନ କରିଛନ୍ତି 'ଡ୍ରିମ୍‌ଗର୍ଲ'ଙ୍କ ଡ୍ରିମ୍ ପୁରୁଷ ବୀରୁ । ରୋମାଣ୍ଟିକ୍ ହେଉ କି ଆକ୍ସନ୍ ଅଥବା କମେଡ଼ି ପ୍ରତ୍ୟେକ ଚରିତ୍ରକୁ ପରଦାରେ ଜୀବନ୍ତ କରିପାରୁଥିଲେ ସେ । ସାତ ଦଶନ୍ଧିର କ୍ୟାରିୟରରେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି । ହିନ୍ଦୀ ସିନେମା ଇଣ୍ଡଷ୍ଟ୍ରୀରେ ସବୁଠୁ ଅଧିକ ହିଟ୍ ଫିଲ୍ମ ଦେବାର ଶ୍ରେୟ ଧର୍ମେନ୍ଦ୍ରଙ୍କୁ ଯାଏ । 'ଦିଲ୍ ଭି ତେରା ହମ୍ ଭି ତେରେ' ଫିଲ୍ମରୁ ସେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ । 'ଫୁଲ୍ ଔର୍ ପଥର' ଫିଲ୍ମ ଦେଇଥିଲା ତାଙ୍କୁ 'ହି-ମ୍ୟାନ୍'ର ପରିଚୟ । ଏହି ଫିଲ୍ମରେ ସେ ସାର୍ଟ ଖୋଲି ଦର୍ଶକଙ୍କ ପ୍ରିୟ 'ହି-ମ୍ୟାନ୍' ପାଲଟି ଯାଇଥିଲେ । ସେ ହିନ୍ଦୀ ସିନେମାର ପ୍ରଥମ ଆକ୍ସନ୍ ଷ୍ଟାର୍ ଥିଲେ । ଷ୍ଟଣ୍ଟ ମ୍ୟାନ୍ ବିନା ନିଜେ ଷ୍ଟଣ୍ଟ ସିନ୍ କରୁଥିଲେ । 'ଶୋଲେ', 'ଚୁପ୍‌କେ ଚୁପ୍‌କେ', 'ସତ୍ୟକାମ', 'ଅନୁପମା', 'ଧରମ୍‌ବୀର' ଆଦି ଫିଲ୍ମରେ ସେ ନିଖୁଣ ଅଭିନୟ ଦ୍ୱାରା ଦର୍ଶକଙ୍କ ହୃଦୟରେ ନିଜର ଏକ ସ୍ୱତନ୍ତ୍ର ଛାପ ଛାଡ଼ିଥିଲେ । ବୟସାଧିକ ସତ୍ତ୍ୱେ ବି ଧର୍ମେନ୍ଦ୍ର ଅଭିନୟ ଛାଡ଼ି ନ ଥିଲେ । ତାଙ୍କୁ ଶେଷଥର ପାଇଁ 'ତେରି ବାତୋଁ ମେଁ ଐସା ଉଲ୍‌ଝା ଜିୟା'ରେ ଦେଖିବାକୁ ମିଳିଥିଲା । ସେ 'ଇକ୍କିସ୍' ଫିଲ୍ମରେ ମଧ୍ୟ ଅଭିନୟ କରିଥିଲେ । ଏହି ଫିଲ୍ମଟି ଡିସେମ୍ବର ୨୫ରେ ରିଲିଜ ହେବ । ହେଲେ ତାଙ୍କ ଫିଲ୍ମ ରିଲିଜ୍ ହେବା ପୂର୍ବରୁ ସେ ଏ ଦୁନିଆରୁ ବିଦାୟ ନେଇଛନ୍ତି । ଜୀବନ ଯୁଦ୍ଧରେ ହାରିଯାଇଥିଲେ ସୁଦ୍ଧା ଧର୍ମେନ୍ଦ୍ର ତାଙ୍କର ସ୍ମିତହାସ୍ୟ, ଗମ୍ଭୀର ସଂଳାପ, ବଳିଷ୍ଠ ଅଭିନୟ ମାଧ୍ୟମରେ ସବୁବେଳେ ଦର୍ଶକଙ୍କ ହୃଦୟରେ ରହିବେ ।



## ଅମର କରିଛି 'ବୀରୁ'

ସେ ତାଙ୍କ ସିନେମା କ୍ୟାରିୟରରେ ୩୦୦ ସିନେମା କରିଛନ୍ତି । ହେଲେ ତାଙ୍କ ଜୀବନର ସବୁଠୁ ସ୍ମରଣୀୟ ସିନେମା ହେଉଛି 'ଶୋଲେ ।' ଏହି ସିନେମାରେ ବୀରୁ ଚରିତ୍ର ତାଙ୍କୁ ଅମର କରାଇଛି । ଧର୍ମେନ୍ଦ୍ରଙ୍କ ନାଁ ନେବା ମାତ୍ରେ ହିଁ ଏହି ଚରିତ୍ରଟି ଆପେ ସମସ୍ତଙ୍କ ମନକୁ ଆସିଯାଏ । ସିନେମାଟି ଏବେ ଏବେ ଗୋଲଡେନ ଜୁବଲି ମଧ୍ୟ ପୂରା କରିଛି ।





## ଦୁଇ ଥର ବିବାହ

ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ର ଦୁଇ ଥର ବିବାହ କରିଥିଲେ । ୧୯୫୪ ମସିହାରେ ପ୍ରଥମେ ସେ ପ୍ରକାଶ କୌରଙ୍କୁ ବିବାହ କରିଥିଲେ । ସେତେବେଳେ ସେ ଦୁଇଟି ପୁତ୍ର ସନ୍ତାନ ଓ ଦୁଇଟି କନ୍ୟା ସନ୍ତାନର ପିତା ହୋଇଥିଲେ । ସେମାନେ ହେଲେ ସନି ଦେଓ୍ୱଲ, ବବି ଦେଓ୍ୱଲ, ବିଜେତା ଦେଓ୍ୱଲ ଏବଂ ଅଜିତା ଦେଓ୍ୱଲ । ସେହିପରି ୧୯୮୦ ମସିହାରେ ତାଙ୍କଠାରୁ ୧୩ ବର୍ଷ ସାନ ଡ୍ରିମ୍‌ଗର୍ଲ ହେମାମାଳିନୀଙ୍କ ସହିତ ତାଙ୍କର ଦ୍ୱିତୀୟ ବିବାହ ହେଲା । ପରବର୍ତ୍ତୀ ସମୟରେ ହେମାମାଳିନୀ ଓ ଧର୍ମେନ୍ଦ୍ରଙ୍କର ଈଶା ଓ ଅହାନା ହେଲେ ଦୁଇ ସନ୍ତାନ । 'ତୁମ୍ ହସିନ୍ ମେଁ ଜବାନ୍' ସେଟ୍‌ରେ ହେମାମାଳିନୀଙ୍କ ସହ ଧର୍ମେନ୍ଦ୍ରଙ୍କ ପ୍ରଥମ ସାକ୍ଷାତ ହୋଇଥିଲା । ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବଢ଼ିଗଲା । ଦୁହେଁ ପରସ୍ପରକୁ ଭଲ ପାଇ ବସିଲେ । ଧର୍ମେନ୍ଦ୍ର ବିବାହିତ ଜାଣି ବି ଡ୍ରିମ୍‌ଗର୍ଲ ତାଙ୍କ ସହିତ ବିବାହ କରିବାକୁ ରାଜି ହୋଇଥିଲେ । ଅନ୍ୟପଟେ ଧର୍ମେନ୍ଦ୍ର ପ୍ରଥମ ପତ୍ନୀଙ୍କୁ ଛାଡ଼ପତ୍ର ଦେବାକୁ ଚାହୁଁ ନ ଥିଲେ । ତେଣୁ ହେମାମାଳିନୀଙ୍କୁ ସେ ୨୧ ଅଗଷ୍ଟ ୧୯୭୯ ମସିହାରେ ଇସ୍‌ଲାମ୍ ରୀତିନୀତିରେ ବିବାହ କଲେ । ପରେ ଏହି ଦମ୍ପତି ୨ ମଇ, ୧୯୮୦ ମସିହାରେ ହିନ୍ଦୁ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ।



## ପ୍ରଥମ ରୋଜଗାର ୫୧ ଟଙ୍କା

୧୯୬୦ ମସିହାରେ ଧର୍ମେନ୍ଦ୍ର ତାଙ୍କର ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ । ଅର୍ଜୁନ ହିଙ୍ଗୋରାନୀଙ୍କ ପ୍ରଥମ ଫିଲ୍ମ 'ଦିଲ୍ ଭି ତେରା, ହମ୍ ଭି ତେରେ'ରେ ତାଙ୍କ ଅଭିନୟ ଦେଖିବାକୁ ମିଳିଥିଲା । ଏଥିରେ ତାଙ୍କୁ ପାରିଶ୍ରମିକ ୫୧ ଟଙ୍କା ମିଳିଥିଲା । ତେବେ ସେ ତାଙ୍କ କ୍ୟାରିୟରର ଆରମ୍ଭ ରୋମାଣ୍ଟିକ୍ ହିରୋ ଭାବେ କରିଥିଲେ । ଅବଶ୍ୟ ଖୁବ୍‌ଶୀଘ୍ର ସେ ଆକ୍ସନ ଷ୍ଟାର୍ ଭାବେ ଲୋକପ୍ରିୟ ହୋଇଥିଲେ । କେବଳ ସେତିକି ନୁହେଁ; ୧୯୬୦-୭୦ରେ ସବୁଠୁ ଅଧିକ ଫିଲ୍ମ ସାଇନ୍ କରିଥିବା ଅଭିନେତା ପାଲଟିଲେ । ଏହି ସମୟରେ ସେ 'ହି ମ୍ୟାନ୍' ଭାବେ ଲୋକପ୍ରିୟ ହେଲେ ।

## ବିବାହ ପରେ ଅଭିନୟ

ଧର୍ମେନ୍ଦ୍ରଙ୍କ ପ୍ରଥମ ବିବାହ ପରେ ଫିଲ୍ମ କ୍ୟାରିୟର କରିବା ପାଇଁ ମୁମ୍ବଇ ଆସିଲେ । ସେ ଫିଲ୍ମଫେୟାର୍ ମାଗାଜିନ୍‌ର 'ନ୍ୟୁ ଟ୍ୟାଲେଣ୍ଟ ଆୱାର୍ଡ' ଜିତି ମୁମ୍ବଇ ଆସିଥିଲେ । ୧୯୬୦ ମସିହାରେ ସେ 'ଦିଲ୍ ଭି ତେରା ହମ୍ ଭି ତେରେ' ସିନେମାରୁ ଅଭିନୟ ଯାତ୍ରା ଆରମ୍ଭ କରିଥିଲେ । ଏହି ସିନେମା ପରେ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି । ତାଙ୍କ ପ୍ରଥମ ସିନେମା ଫ୍ଲପ୍ ହୋଇଥିଲା; ହେଲେ ତାଙ୍କ କ୍ୟାରିୟରର ରାସ୍ତା ଖୋଲି ଯାଇଥିଲା । ଏହାପରେ ସେ ୧୯୬୧ ମସିହାରେ ଲଗାତାର ଅନେକ ହିଟ୍ ସିନେମା ଭେଟି ଦେଲେ । 'ସୋଲା ଔର୍ ଶବ୍‌ନମ୍', 'ଅନ୍‌ପଢ଼', 'ବନ୍ଦିନୀ', 'ଶୋଲେ', 'ସୀତା ଔର୍ ଗୀତା', 'ଧରମ୍ ବୀର୍', 'ୟାଦୋଁ କି ବାରାତ୍', 'ଚରସ୍', 'ଚୁପ୍‌କେ ଚୁପ୍‌କେ' ଭଳି ସିନେମାରେ ଦର୍ଶକଙ୍କ ମନ ଜିଣିଛନ୍ତି । ସେ କେବଳ ଅଭିନେତା ଭାବେ ନୁହେଁ; ପ୍ରଯୋଜକ ଭାବେ ବି କାମ କରି ସଫଳତା ଅର୍ଜନ କରିଛନ୍ତି ।





## ଅଭୁଲା ସଂଳାପ

'ବସନ୍ତୀ ଇନ୍ କୁତୋ କେ ସାମ୍ନେ ମତ୍ ନାଚ୍' (ଶୋଲେ)

'ଉମା ଜି! ସାୟଦ୍ ଆପ୍ କଭି ଖୁଦ୍ କୋ ହସ୍‌ତେ ହୁଏ ନହିଁ ଦେଖା, କଭି ଚୁପ୍‌କେ ସେ ଆଇନେ କେ ସାମ୍‌ନେ ଜା କର୍ ଦେଖିଏ, ଔର୍ ଦେଖିଏ, ୟେ ହସି କିତ୍‌ନେ ଖୁବ୍ ସୁରତ୍ ହୈ ।' (ଅନୁପମା)

'କୁତେ କମିନୋ, ମେଁ ତେରା ଖୁନ୍ ପି ଯାଉଁଗା' (ୟାଦୋଁ କେ ବାରାତ୍)

ହ୍ୱେନ୍ ଆଇ ଡେଡ୍, ପୁଲିସ୍ କମିଂ...ପୁଲିସ୍ କମିଂ, ବୁଢ଼ିଆ ଗୋଇଙ୍ଗ ଜେଲ୍...ଇନ୍ ଜେଲ୍ ବୁଢ଼ିଆ ଚକି ପିସିଂ ଆଣ୍ଡ ପିସିଂ, ଆଣ୍ଡ ପିସିଂ, ଆଣ୍ଡ ପିସିଂ ।' (ଶୋଲେ)

'ମର୍ଦ୍ଦ କା ଖୁନ୍ ଔର୍ ଔରତ୍ କା ଆଁସୁ ଜବ୍ ତକ୍ ନ ବହେ... ଉନ୍ କି କିମତ୍ ନହିଁ ଲଗାୟୀ ଜା ସକ୍‌ତି ।' (ଧରମ୍ ବୀର୍)

'କିସି ଭି ଭାଷା କା ମଜାକ୍ ଉଡ଼ାନା ଘଟିୟାପନ୍ ହୈ, ଔର୍ ମେଁ ୱହି କର୍ ରହା ହୁଁ ।' (ଚୁପ୍‌କେ ଚୁପ୍‌କେ)

## ଶ୍ରେଷ୍ଠ ସିନେମା

- ବନ୍ଦିନୀ (୧୯୬୩)
- ହକିକତ୍(୧୯୬୪)
- ଅନୁପମା (୧୯୬୬)
- ଫୁଲ୍ ଔର୍ ପଥର୍ (୧୯୬୬)
- ଆଖେଁ (୧୯୬୮)
- ସତ୍ୟକାମ୍ (୧୯୬୯)
- ଜୀବନ୍ ମୃତ୍ୟୁ (୧୯୭୦)
- ମେରା ଗାଓଁ ମେରା ଦେଶ୍(୧୯୭୧)
- ଗୁଡ଼ି (୧୯୭୧)
- ଶୋଲେ (୧୯୭୫)
- ଚୁପ୍‌କେ ଚୁପ୍‌କେ (୧୯୭୫)
- ଡ୍ରିମ୍‌ଗର୍ଲ (୧୯୭୭)
- ଧରମ୍ ବୀର୍ (୧୯୭୭)
- ୟମ୍‌ଲା, ପଗ୍‌ଲା, ଦିୱାନା (୨୦୧୧)

## ଶେଷ ଇନ୍‌ଷ୍ଟା ପୋଷ୍ଟ

ଅକ୍ଟୋବର ୨ ତାରିଖରେ ଧର୍ମେନ୍ଦ୍ର ଇନଷ୍ଟାଗ୍ରାମ୍‌ରେ ଶେଷ ପୋଷ୍ଟ କରିଥିଲେ । ସେ ତାଙ୍କ ଆକାଉଣ୍ଟ @ଆପ୍‌କା ଧରମ୍‌ରେ ଏକ ଭିଡିଓ ବାର୍ତ୍ତା ସେୟାର୍ କରିଥିଲେ । ସେ ଏକ କାର୍ ଉପରେ ବସି ହାତରେ ଗାଡ଼ିର ଷ୍ଟିୟରିଂ ଧରିଥିବା ଏହି ଭିଡିଓରେ ଦେଖିବାକୁ ମିଳିଥିଲା । ନିଜ ଷ୍ଟାଇଲ୍ ଓ ଅନ୍ଦାଜ୍‌ରେ ସେ ନିଜ ପ୍ରଶଂସକଙ୍କୁ ପବିତ୍ର ଦଶହରାର ଶୁଭେଚ୍ଛା ଜଣାଇଥିଲେ ।

■ ଦାବି ପୂରଣ କରୁନାହାନ୍ତି ସରକାର

## ୩ରୁ ଆୟୁଷ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଚେତାବନୀ

ପୁରୀ,୨୪।୧୧(ସମିସ): ଆସନ୍ତା ୩ତାରିଖରୁ ଆୟୁଷ ଡାକ୍ତର ସମୂହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ। ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଡା. ବିଶ୍ୱରଞ୍ଜନ ଜେନା ଏହି ସୂଚନା ଦେଇଛନ୍ତି। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଜାତୀୟ ସ୍ୱାସ୍ଥ୍ୟ ମିଶନରେ ସେବା ଯୋଗାଇ ଆସୁଥିବା ପ୍ରାୟ ୩ ହଜାର ଆୟୁଷ ଡାକ୍ତରଙ୍କ ପ୍ରତି ସରକାର ଚରମ ଅବହେଳା କରିଆସୁଥିବା ସଂଘ ଅଭିଯୋଗ କରିଛି।୨୪ବର୍ଷ ହେବ ସେବା ଯୋଗାଇ ଆସୁଥିଲେ ମଧ୍ୟ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଦୈନିକ ରୋଗୀ ସେବା, ପ୍ରାକୃତିକ ବିପର୍ଯ୍ୟୟ ଓ କୋଭିଡ୍ ବେଳେ ଡାକ୍ତରମାନେ ନିରବଚ୍ଛିନ୍ନ ସେବା ଯୋଗାଇ ଆସିଛନ୍ତି। କିନ୍ତୁ ଆୟୁଷ ଡାକ୍ତରଙ୍କ ଦାବି ପ୍ରତି ସରକାର ଆନ୍ତରିକତା ଦେଖାଉ ନଥିବାରୁ କ୍ଷୋଭ ପ୍ରକାଶ ପାଇଛି।

ଏପରିକି ରାଜ୍ୟ ସରକାରଙ୍କ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଅଧୀନସ୍ଥ ୬୮ଜଣ ଆୟୁଷ ଡାକ୍ତରଙ୍କୁ ନିୟମିତ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିୟମିତ କରାଗଲାନାହିଁ। ସେହିପରି, ଆୟୁଷ ଡାକ୍ତରଙ୍କ ୧୦ଦଫା ଦାବି ନେଇ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଛି। ହେଲେ, ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ମହିଳା ଆୟୁଷ ଡାକ୍ତର ସୀମାରାଣୀ ସ୍ୱାଇଁ କହିଛନ୍ତି। ଚାକିରି ନିୟମିତ କରିବା, ଅବସରକାଳୀନ ଭତ୍ତା, ସମାନ କାମକୁ ସମାନ ଦରମା ପ୍ରଦାନ, ୧୧ମାସିଆ ଚୁକ୍ତି ଉଚ୍ଛେଦ, ମୃତ୍ୟୁ ହେଲେ ଆର୍ଥିକ କ୍ଷତିପୂରଣ ପ୍ରଦାନ ଆଦି ୧୦ ଦଫା ଦାବି ପୂରଣ ନେଇ ସଂଘ ସରକାରଙ୍କ ନିକଟରେ ଦାବି ରଖିଛି। ମାତ୍ର ଦାବି ପୂରଣ ହୋଇ ନ ଥିବାରୁ ଆସନ୍ତା ଡିସେମ୍ବର ୩ରୁ ସମୂହ ଆୟୁଷ ଡାକ୍ତର କାର୍ଯ୍ୟ ବନ୍ଦ କରିବେ ବୋଲି ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଡା. ଜେନା ଚେତାବନୀ ଦେଇଛନ୍ତି।

# ରାଜଧାନୀରେ ଗର୍ଜିଲେ ଅଙ୍ଗନୱାଡି କର୍ମୀ

## କର୍ମୀଙ୍କୁ ୧୮ ହଜାର ଟଙ୍କା ଓ ସହାୟିକାଙ୍କୁ ୯ ହଜାର ଦରମା ଦାବି

ଭୁବନେଶ୍ୱର, ୨୪।୧୧(ସମିସ): ଅଙ୍ଗନବାଡି କର୍ମୀମାନେ ୧୧ ଦଫା ଦାବି ନେଇ ବିଧାନସଭା ସମ୍ମୁଖରେ ସୋମବାର କରିଛନ୍ତି ବିରାଟ ଆନ୍ଦୋଳନ। ହଜାର ହଜାର କର୍ମୀ ଏକାଠି ହୋଇ ନିର୍ବାଚନ ପୂର୍ବରୁ ବିଜେପି ବିଧାୟକ ଓ ନେତାମାନେ ଦେଇଥିବା ପ୍ରତିଶ୍ରୁତିକୁ ମନେ ପକାଇଛନ୍ତି। ଦେଢ଼ ବର୍ଷ ପରେ ମଧ୍ୟ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ସରକାରଙ୍କୁ ଚରମବାଣୀ ଶୁଣାଇଛନ୍ତି। ଏବେ ଦାବି ପୂରଣ କର, ନହେଲେ ଆଗକୁ ଆନ୍ଦୋଳନ ଆହୁରି ବ୍ୟାପକ ହେବ ବୋଲି ଚେତାବନୀ ଦେଇଛନ୍ତି। ଅଙ୍ଗନବାଡି କର୍ମୀଙ୍କ ଦରମା ୧୮ ହଜାର ଏବଂ ସହକର୍ମୀଙ୍କ ଦରମା ୯ ହଜାର କରିବା ପାଇଁ ସଂଘ ଦାବି କରିଛି। ଏହାସହ ସରକାରୀ ମାନ୍ୟତା ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ୫ ହଜାର ଏବଂ ସହକର୍ମୀଙ୍କୁ ୩ ହଜାର ପେନସନ, ପଦୋନ୍ନତି, ମୃତ୍ୟୁକାଳୀନ ସହାୟତା, ଅବସର ସମୟରେ କର୍ମୀଙ୍କୁ ୧୦ ଲକ୍ଷ ଓ ସହକର୍ମୀଙ୍କୁ ୫ଲକ୍ଷ ପ୍ରଦାନ ପରି ୧୧ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ବିଧାନସଭାରେ ଅଧିବେସନରେ ସେମାନଙ୍କ ଦାବି ପୂରଣ ପାଇଁ ସରକାର ଘୋଷଣା ନ କଲେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ସଂଘର ସଭାନେତ୍ରୀ ସୁମିତ୍ରା ମହାପାତ୍ର ଓ ସାଧାରଣ ସମ୍ପାଦିକା କୁଞ୍ଜଲତା ଦାସ କହିଛନ୍ତି।



## ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପିତ



ବରଗଡ଼, ୨୪।୧୧ (ସମିସ): ୭୮ତମ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ଶୁଭସ୍ତମ୍ଭ ସୋମବାର ସ୍ଥାପିତ ହୋଇଛି। ପ୍ରଥମେ ଇଷ୍ଟଦେବୀ ମା' ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବରଗଡ଼ ହାଟପଦାସ୍ଥିତ ସଞ୍ଚାର ପଡ଼ିଆରେ ରୀତିନୀତି ଆନୁସାରେ ପୂଜା କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ରାଜପୁରୋହିତ ନିଖିଲ ଦାଶ ପୂଜାର୍ଚ୍ଚନା କରିଥିଲେ। ଏହାବ୍ୟତୀତ, ଚଳିତବର୍ଷ ଧନୁଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନେଇ ଆଲୋଚନା ହୋଇଥିଲା। ଯାତ୍ରାରେ ଆଇନଶୃଙ୍ଖଳା ରକ୍ଷା ପାଇଁ କମିଟି ପକ୍ଷରୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଯାତ୍ରାରେ ଲକ୍ଷଲକ୍ଷ ଦର୍ଶକଙ୍କ ସୁରକ୍ଷା ଓ ସୁବିଧା ନିମନ୍ତେ ପୁଲିସ ବିଭାଗ ସଜାଗ ରହିଛି ବୋଲି ବରଗଡ଼ ଏସ୍‌ପି ଓ ଜିଲ୍ଲାପାଳ କହିଥିଲେ।

ଏହି ଅବସରରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋଏଲ, ଏସ୍‌ପି ପ୍ରହଲ୍ଲାଦ ସାହାଇ ମୀନା, ଉପ-ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେଙ୍କ ସମେତ ଧନୁଯାତ୍ରା କମିଟି ତଥା କଂସ ଅଭିନୟ କରୁଥିବା କଳାକାର ସୁଶୀଲ ମେହେର, ଧନୁଯାତ୍ରା ମହୋତ୍ସବ ସମିତି ସମ୍ପାଦକ ସୁରେଶ୍ୱର ଶତପଥୀ, ଅକ୍ରୂର ମଲ୍ଲିକ, ଗୋପାଳ ଦାଶ, ଅବନୀ ପଣ୍ଡା, ମହାମନ୍ତ୍ରୀ ଗୋଲାପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ମାମଲା

## ଝାରପଡ଼ା ଜେଲ୍ ଗଲେ ଶଙ୍କର ପୃଷ୍ଟି ସମେତ ୧୨ ଅଭିଯୁକ୍ତ

ବ୍ରହ୍ମପୁର, ୨୪।୧୧ (ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ମାମଲାରେ ବ୍ରହ୍ମପର ଜେଲ୍‌ରେ ଥିବା ୧୨ଅଭିଯୁକ୍ତଙ୍କୁ ଆଜି ରାତିରେ ଭୁବନେଶ୍ୱର ଝାରପଡ଼ା ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ, ମାଷ୍ଟରମାଇଣ୍ଡ ତଥା ପଞ୍ଚସପ୍ତ ଟେକ୍ନୋଲୋଜିସ ପ୍ରାଇଭେଟ ଲିମିଟେଡର ମାଲିକ ଗଞ୍ଜାମ ଜିଲ୍ଲା ବ୍ରାହ୍ମଣଛାଇ ଗ୍ରାମର ଶଙ୍କର ପୃଷ୍ଟି ସମେତ ସିଲିକନ ଟେକ୍ କମ୍ପାନୀର ମାଲିକ ସୁରେଶ ଚନ୍ଦ୍ର ନାୟକ, ମୁଖ୍ୟ ଦଲାଲ ଅରବିନ୍ଦ ଦାସ ଓ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ଶ୍ରୀକାନ୍ତ ମହାରଣା, ଏ. ଅଭିମନ୍ୟୁ ଦୋରା, ପ୍ରିୟଦର୍ଶିନୀ ସାମଲ, ସାଗର କୁମାର ଗୌଡ଼, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ ଓ ତଫିମ ଅହମ୍ମଦ ଖାନ।

ସିବିଆଇର ତଦନ୍ତକାରୀ ଅଧିକାରୀ ତଥା ଅତିରିକ୍ତ ଏସପି ବୈଦ୍ୟନାଥ ସାମଲ ଓ ସିବିଆଇ ଓକିଲ ଏ. କୁମାରଙ୍କ ସମେତ ୪ଜଣ ଅଧିକାରୀ ସୋମବାର ଅପରାହ୍ଣରେ ବ୍ରହ୍ମପୁରସ୍ଥିତ ଜିଲ୍ଲା କୋର୍ଟ ପରିସରରେ ପିପି ବିଶ୍ୱଜିତ ବରାଳଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ପରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମଙ୍କ ସହ ମଧ୍ୟ ମାମଲା ସମ୍ପର୍କରେ ପୃଥକ ଭାବେ ଆଲୋଚନା କରିଥିଲେ। ସିବିଆଇକୁ ତଦନ୍ତରେ ପୁଲିସ ସମସ୍ତ ସହଯୋଗ କରିବ ବୋଲି ଏସପି ପ୍ରତିଶ୍ରୁତି ଦେଇଥିଲେ। ପରେ ବିଳମ୍ବିତ ରାତିରେ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରରୁ ବାହାର କରାଯାଇ ଭୁବନେଶ୍ୱର ଅଭିମୁଖେ କଡ଼ା ସୁରକ୍ଷା ମଧ୍ୟରେ ନିଆଯାଇଥିଲା।

ମାମଲାର ତଦନ୍ତଭାର ସିବିଆଇକୁ ହସ୍ତାନ୍ତର ପରେ ସମସ୍ତ ନଥିପତ୍ର ସହ ମାମଲାକୁ ସିବିଆଇ ଅଦାଲତକୁ ସ୍ଥାନାନ୍ତର କରିବାକୁ ଜେଏମ୍‌ଏଫ୍‌ସି କୋର୍ଟରେ ସିବିଆଇ ପକ୍ଷରୁ ଆବେଦନ କରାଯାଇଥିଲା। ସେହିପରି ମଣ୍ଡଳ କାରାଗାରରେ ଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ସମେତ ସମସ୍ତ ୧୨ଜଣ ଅଭିଯୁକ୍ତଙ୍କୁ ଭୁବନେଶ୍ୱରସ୍ଥିତ ଝାରପଡ଼ା ଜେଲକୁ ସ୍ଥାନାନ୍ତର ପାଇଁ ମଧ୍ୟ ନିବେଦନ କରିଥିଲା ସିବିଆଇ।

ପୂର୍ବରୁ ମାମଲାରେ ଗିରଫ ହୋଇ ମଣ୍ଡଳ କାରାଗାରରେ ଥିବା ୧୧୪ଜଣ ଏସଆଇ ଚାକିରି ଆଶୟୀଙ୍କୁ କୋର୍ଟରୁ ଜାମିନ ମିଳିବା ପରେ ସେମାନେ ମୁକୁଳିଥିଲେ। ଏପଟେ ସିବିଆଇ ମାମଲାର ତଦନ୍ତ ଜାରି ରଖିଥିବାରୁ ବ୍ରହ୍ମପୁର ଗୋଲନ୍ଥରା ଥାନା ଅଧିକାରୀ ତଥା ଡିଏସପି ବିବେକାନନ୍ଦ ସ୍ୱାଇଁ ଏବଂ କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ସ୍ୱାଇଁଙ୍କଠାରୁ ମାମଲା ସମ୍ପର୍କିତ କାଗଜପତ୍ର ହାସଲ କରିଛି ସିବିଆଇ।

ଉଲ୍ଲେଖଯୋଗ୍ୟ, ଗତ ସେପ୍ଟେମ୍ବର ୨୯ ତାରିଖରେ ୩ଜଣ ଦଲାଲ ଓ ୧୧୪ଜଣ ଚାକିରି ଆଶୟୀଙ୍କୁ ବ୍ରହ୍ମପୁର ପୁଲିସ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଅଞ୍ଚଳରୁ କାବୁ କରିବା ପରେ ଏହି ଜାଲିଆତିର ପର୍ଦ୍ଦାଫାସ ହୋଇଥିଲା। ଏନେଇ ପ୍ରଥମେ ଗୋଲନ୍ଥରା ଥାନାରେ ପୁଲିସ ଏକ ମାମଲା ରୁଜୁ କରିଥିଲା।

## ଛାତରୁ ଖସି ଦୁଇ ଓଡ଼ିଆ ଦାଦନଙ୍କ ମୃତ୍ୟୁ

ସୋର, ୨୪।୧୧ (ସମିସ): ପୁଣି ଦାଦନ ଦୁଃଖ। ଚେନ୍ନାଇରେ ଦାଦନ ଖଟୁଥିବା ବାଲେଶ୍ୱର ଜିଲ୍ଲା ସୋର ଥାନା ଦାଣ୍ଡହରିପୁର ଗ୍ରାମର ଦୁଇ ଶ୍ରମିକ ଛାତରୁ ପଡ଼ି ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ଦାଣ୍ଡହରିପୁର ଗ୍ରାମର ଶଶିକାନ୍ତ ମଳିକ (୪୫), ବୀରେନ୍ଦ୍ର ମଳିକ (୩୫)। ଏହି ଦୁର୍ଘଟଣାରୁ ସେମାନଙ୍କ ସାଥୀ ଅରୁଣ ମଳିକ ଅଳ୍ପକେ ବର୍ତ୍ତି ଯାଇଛନ୍ତି।

ଶଶିକାନ୍ତ, ବୀରେନ୍ଦ୍ର ଓ ଅରୁଣ ଚେନ୍ନାଇର ଏକ ସ୍କ୍ରାପ୍ କମ୍ପାନୀରେ କାମ କରନ୍ତି। ଗତ ଶନିବାର ୩ଜଣ ଯାକ ଏକ ବିଲଡିଂ ଉପରେ ଚଢ଼ି କାନ୍ଥ ଭାଙ୍ଗୁଥିବା ବେଳେ ଶଶିକାନ୍ତ ଏବଂ ବୀରେନ୍ଦ୍ର ଅସାବଧାନତା ବଶତଃ ତିନି ମହଲାରୁ ତଳକୁ ଖସି ପଡ଼ିଥିଲେ। ତେବେ ସୌଭାଗ୍ୟବଶତଃ ଅରୁଣ ଏକ ରଡ୍‌କୁ ଧରି ଝୁଲି ରହି ନିଜ ଜୀବନ ବଞ୍ଚାଇଥିଲେ। ସାଥୀ ଶ୍ରମିକମାନେ ଦୁହିଁଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଏହି ଖବର ମିଳିବା ପରେ ଦୁହିଁଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଥିଲା। ଖବର ପାଇ ଉଭୟଙ୍କ ପରିବାରଲୋକେ ଚେନ୍ନାଇରେ ପହଞ୍ଚିଥିଲେ। ବ୍ୟବଚ୍ଛେଦ ପରେ ଦୁହିଁଙ୍କ ଶବକୁ ସେମାନଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୋମବାର ଅପରାହ୍ଣରେ ଉଭୟଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରେ ଉଭୟଙ୍କ ମରଶରୀରକୁ ଦୁଇଟି ସ୍ୱର୍ଗରଥରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସରପଞ୍ଚ ମୋନିକା ପରିଡ଼ା, ସମିତି ସଭ୍ୟା ସାଇସ୍ମିତା ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ପରିକ୍ରମା କରିବା ପରେ ଉଭୟଙ୍କ ଶବକୁ ଅନ୍ତିମ ସଂସ୍କାର କରାଯାଇଛି।

### ବିଧାୟକଙ୍କ ସୁପାରିସରେ ଶିକ୍ଷକ ବଦଳି ପ୍ରସଙ୍ଗ

## ହାଇକୋର୍ଟରେ ଶୁଣାଣି ଶେଷ, ରାୟ ସଂରକ୍ଷିତ

କଟକ, ୨୪।୧୧ (ସମିସ): ବିଧାୟକ ଓ ସାଂସଦମାନେ ନିଜ ନିର୍ବାଚନମଣ୍ଡଳୀର ୧୫ ଯୋଗ୍ୟ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ୍ କରିବା ନେଇ ରାଜ୍ୟ ସରକାର ଗ୍ରହଣ କରିଥିବା ନୀତିଗତ ନିଷ୍ପତ୍ତିକୁ ଚାଲେଞ୍ଜ କରି ଦାୟର ମାମଲାଗୁଡ଼ିକର ଶୁଣାଣି ଆଜି ହାଇକୋର୍ଟରେ ଶେଷ ହୋଇଛି। ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ସଂକ୍ରାନ୍ତୀୟ ୩୦ରୁ ଅଧିକ ମାମଲାର ଏକତ୍ର ପୂର୍ଣ୍ଣାଙ୍ଗ ଶୁଣାଣି କରାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଏବଂ ଅନ୍ୟ ପ୍ରତିପକ୍ଷଙ୍କ ତରଫରୁ ଚୂଡ଼ାନ୍ତ ପର୍ଯ୍ୟାୟ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଓ ଦେଶର ଅନ୍ୟ ହାଇକୋର୍ଟମାନଙ୍କ ରାୟର ନଜିର ମଧ୍ୟ ଖଣ୍ଡପୀଠ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ହାଇକୋର୍ଟ ମାମଲାଗୁଡ଼ିକର ରାୟ ସଂରକ୍ଷିତ ରଖିଛନ୍ତି। ତେବେ ମାମଲାର ରାୟ ପ୍ରକାଶ ପାଇବା ପର୍ଯ୍ୟନ୍ତ ପୂର୍ବରୁ ଜାରି କରାଯାଇଥିବା ଅନ୍ତରୀଣ ରହିତାଦେଶ ବଳବତ୍ତର ରହିବ ବୋଲି ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କେତେକ ଜିଲ୍ଲାରେ ବିଧାୟକଙ୍କ ସୁପାରିସ ଆଧାରରେ ଜାରି କରାଯାଇଥିବା ବଦଳି ନିର୍ଦ୍ଦେଶକୁ ଚାଲେଞ୍ଜ କରି ଶିକ୍ଷକ ଶିକ୍ଷୟିତ୍ରୀମାନେ ହାଇକୋର୍ଟରେ ମାମଲା ଦାୟର କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୧୨, ମେ' ୧୫ରେ ପ୍ରକାଶିତ ବଦଳି ଗାଇଡ୍‌ଲାଇନ୍ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରି ଏହି ବଦଳି ଆଦେଶ ଜାରି କରାଯାଇଛି। ପୂର୍ବରୁ ହାଇକୋର୍ଟ ମାମଲାଗୁଡ଼ିକର ପ୍ରାରମ୍ଭିକ ଶୁଣାଣି କରି ବଦଳି ଆଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିବା ସହ ଆବେଦନକାରୀମାନେ ସମାନ ପଦବୀରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କାର୍ଯ୍ୟ ଜାରି ରଖିବେ ବୋଲି କହିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ଓ ଡ. ପୁରୁଷୋତ୍ତମ ଚୁଳି ମାମଲା ପରିଚାଳନା କରୁଥିବା ବେଳେ ପ୍ରତିପକ୍ଷଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ କୁମାର ରାଉତ ଯୁକ୍ତି ଉପସ୍ଥାପନ କରିଥିଲେ।

> ୩୦ରୁ ଅଧିକ ମାମଲାର ଚୂଡ଼ାନ୍ତ ଯୁକ୍ତି ଉପସ୍ଥାପନ; ଅନ୍ତରୀଣ ରହିତାଦେଶ ବଳବତ୍ତର

## +୨ ପରୀକ୍ଷା ଦେବେ ୪ ଲକ୍ଷ ଛାତ୍ରଛାତ୍ରୀ


ଭୁବନେଶ୍ୱର, ୨୪।୧୧(ସମିସ): ଫେବୃଆରୀ ତୃତୀୟ ସପ୍ତାହଠାରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ପ୍ରାୟ ୪ ଲକ୍ଷ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଛନ୍ତି। କଳା ବର୍ଗରେ ସର୍ବାଧିକ ୨ଲକ୍ଷ ୫୪ହଜାର ୩୨୬ଜଣ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧ ଲକ୍ଷ ୧୪ ହଜାର, ବାଣିଜ୍ୟରେ ୨୪ ହଜାର ୩୬୮ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫ହଜାର ୮୮୭ଜଣ ପିଲା ରହିଛନ୍ତି। ତନ୍ମଧ୍ୟରେ ୩ ଲକ୍ଷ ୭୩ ହଜାର ୯୧୦ ରେଗୁଲାର୍ ଏବଂ ୨୪ ହଜାର ୬୭୨ ଏକ୍ସ-ରେଗୁଲାର୍ ଛାତ୍ରଛାତ୍ରୀ ରହିଛନ୍ତି।

ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ପ୍ରସ୍ତୁତି ପ୍ରାୟ ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଫର୍ମ ପୂରଣ ପ୍ରକ୍ରିୟା ସରିଥିବା ବେଳେ ଡିସେମ୍ବର ୨୨ତାରିଖରୁ ଇଣ୍ଟରନାଲ୍ ପରୀକ୍ଷା ଆରମ୍ଭ ହେବ। ବାର୍ଷିକ ପରୀକ୍ଷା ପାଇଁ ଫେବୃଆରୀ ୧୪ତାରିଖ ସୁଦ୍ଧା ପିଲାଙ୍କୁ ଆଡମିଟ୍ କାର୍ଡ ପ୍ରଦାନ କରାଯିବ। ୧୫ରୁ ୨୫ତାରିଖ ମଧ୍ୟରେ ପରୀକ୍ଷା ଆରମ୍ଭ ହେବ। ଏହା ପୂର୍ବରୁ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ପାଇଁ ସିଏଚ୍‌ଏସ୍‌ଇ ବ୍ୟାପକ ପ୍ରସ୍ତୁତି ଜାରି ରଖିଛି। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ଷ୍ଟ୍ରଙ୍ଗରୁମ୍ ସମେତ ପରୀକ୍ଷା ହଲ୍, ଲାବରୋଟାରୀ ଓ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସିସିଟିଭି ଲଗାଇବାକୁ ସିଏଚ୍‌ଏସ୍‌ଇ ଗୁରୁତ୍ୱ ଦେଇଛି। ବିଶେଷକରି ପ୍ରଥମଥର ପାଇଁ ସେଣ୍ଟର୍ ହେଉଥିବା ଶିକ୍ଷାନୁଷ୍ଠାନରେ ସିସିଟିଭି ସୁନିଶ୍ଚିତ କରିବାକୁ କୁହାଯାଇଛି। ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାକୁ ଯାଞ୍ଚ କରି ତାରିଖ ଓ ସମୟ ଠିକ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେଗୁଡ଼ିକର ଆଇଡି ଓ ପାସ୍‌ୱାର୍ଡ ମଧ୍ୟ ଆସନ୍ତା ୨୯ ତାରିଖ ସୁଦ୍ଧା ସିଏଚ୍‌ଏସ୍‌ଇକୁ ପ୍ରଦାନ କରିବେ। ଫଳରେ କୃତ୍ରିମ ବୁଦ୍ଧିମତା (ଏଆଇ) ଉପଯୋଗ କରି ପରୀକ୍ଷା ସମୟର ସିଧା ପ୍ରସାରଣ ଦେଖିବା ସହ ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟରୁ ନିୟନ୍ତ୍ରଣ କରାଯାଇ ପାରିବ। କୌଣସି ଅସଙ୍ଗତି ପରିଲକ୍ଷିତ ହେଲେ, ସିଧାସଳଖ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ।

### ଅଢ଼େଇ ମାସ ହେଲା ନିଖୋଜ ଥିଲେ

## ପୋଖରୀରୁ ମିଳିଲା ଓକିଲଙ୍କ କଙ୍କାଳ, କାର୍

ବାରିପଦା / ସାରସକଣା, ୨୪।୧୧ (ସମିସ): ଅଢ଼େଇ ମାସ ଧରି ନିଖୋଜ ଥିବା ଜଣେ ଆଇନଜୀବୀଙ୍କ କଙ୍କାଳ ଆଜି ଏକ ପୋଖରୀରୁ ଉଦ୍ଧାର ହୋଇଛି। ମୃତ ଆଇନଜୀବୀଜଣଙ୍କ ହେଲେ, ବିଶୋଇ ଥାନା ଅଧୀନ ଟୁରକଚୁଟାଣୀ ଗ୍ରାମର ଗୁଲେଶ ଚନ୍ଦ୍ର ଗୋଚ୍ଛାୟତ (୪୨)। ପୋଖରୀରୁ ତାଙ୍କ କାର୍ ମଧ୍ୟ ଉଦ୍ଧାର ହୋଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଗୁଲେଶଙ୍କୁ ହତ୍ୟା କରିବା ପରେ ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ଅପଚେଷ୍ଟା କରାଯାଇଥିବା ତାଙ୍କ ପରିବାରଲୋକ ଅଭିଯୋଗ କରିଛନ୍ତି।



ସୂଚନାନୁଯାୟୀ, ଗତ ସେପ୍ଟେମ୍ବର ୧୧ତାରିଖରୁ ଗୁଲେଶ ନିଖୋଜ ଥିଲେ। ତାଙ୍କ କାର୍‌ର ମଧ୍ୟ ପତ୍ତା ମିଳୁନଥିଲା। ଏ ସଂପର୍କରେ ପରିବାର ପକ୍ଷରୁ ବିଶୋଇ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇଥିଲେ ମଧ୍ୟ ଗୁଲେଶଙ୍କ ଖୋଜଖବର ପାଇନଥିଲା। ସେଦିନ ସେ ଝାଡ଼ଖଣ୍ଡର ବହଳାଗୋଡା ଯାଉଥିବା କହି ଘରୁ ବାହାରିଥିଲେ। ଅଢ଼େଇ ମାସ ପରେ, ଆଜି ସକାଳ ପ୍ରାୟ ୬ଟାରେ ଝାରପୋଖରିଆ ଥାନା ଅନ୍ତର୍ଗତ ସିଲଫୋଡି ଉପରବେଡ଼ା ଗାଁ ପୋଖରୀରେ ଏକ କାର୍ ପଡ଼ିଥିବା ଦେଖି ଗାଁ ଲୋକେ ସାରସକଣା ଅଗ୍ନିଶମବାହିନୀ ଓ ଝାରପୋଖରିଆ ପୁଲିସକୁ ଖବର ଦେଇଥିଲେ। ପୁଲିସ ଏବଂ ଦମକଳବାହିନୀ ପହଞ୍ଚି କାର୍‌କୁ ପାଣିରୁ ଉଦ୍ଧାର କରିଥିଲା। କାର ସମ୍ମୁଖ ଦୁଇ କବାଟର କାଚ ଅଧା ଖୋଲାଥିବା ବେଳେ ପାଣି ଭିତରେ ଚାରିଚକ ଉପରକୁ ହୋଇ କାର୍‌ଟି ବୁଡ଼ି ରହିଥିଲା। ଉଦ୍ଧାର ପରେ କାର୍ ପଛ ସିଟ୍‌ରେ ଏକ ଗଳିତ ମୃତଦେହ ଥିବା ସହ ଆଇନଜୀବୀଙ୍କ ସରକାରୀ ପ୍ରମାଣପତ୍ର ମିଳିଥିଲା। ପୋଷାକରୁ ପରିବାରଲୋକେ ମୃତକଙ୍କୁ ଚିହ୍ନଟ କରିଥିଲେ ହେଁ ସାଇଣ୍ଟିଫିକ୍ ଟିମ୍ ଡିଏନ୍‌ଏ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରିଛନ୍ତି। ତାଙ୍କୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦେବାକୁ ଯାଇ ଉପରୋକ୍ତ କାଣ୍ଡ ଅଭିଯୁକ୍ତମାନେ ଭିଆଇଥିବା ପରିବାର ପକ୍ଷରୁ ଝାରପୋଖରିଆ ଥାନାରେ ଅଭିଯୋଗ ହୋଇଛି।

### କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗର ମୃତ୍ୟୁ ଘଟଣା

## ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ବାର୍ ଆସୋସିଏସନ୍

କଟକ, ୨୪।୧୧ (ସମିସ): ଓଡ଼ିଆ ସଙ୍ଗୀତ ଜଗତର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଆକସ୍ମିକ ଓ ସନ୍ଦେହଜନକ ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏସନ୍ ପକ୍ଷରୁ ଯୁଗ୍ମ ସମ୍ପାଦିକା ତଥା ଆଇନଜୀବୀ ପଦ୍ମାଳୟା ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଜରିଆରେ ଏକ ଚିଠି ଲେଖି ଘଟଣାର ନିରପେକ୍ଷ ଓ ବ୍ୟାପକ ତଦନ୍ତ ପାଇଁ ଦାବି ଉଠାଇଛନ୍ତି।

ମୁଖ୍ୟମନ୍ତ୍ରୀ ଏହା ଉପରେ ତୁରନ୍ତ ହସ୍ତକ୍ଷେପ କରି ତଦନ୍ତ କରିବା ଆବଶ୍ୟକ। ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ ବା କ୍ରାଇମବ୍ରାଞ୍ଚ କିମ୍ବା ସିଆଇଡିର ତତ୍ତ୍ୱାବଧାନରେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ହେଉ। ମୃତ୍ୟୁ ସହ ଜଡ଼ିତ ସମସ୍ତ ବ୍ୟକ୍ତି, ପରିବାର ସଦସ୍ୟ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଲୋକଙ୍କୁ ପଚରାଉଚରା କରାଯାଉ। ହ୍ୟୁମାନ୍ ସାଗରଙ୍କ ମୋବାଇଲ୍ ଫୋନ୍ ସହ ସମସ୍ତ ଡିଜିଟାଲ୍ ପ୍ରମାଣ, ସନ୍ଦିଗ୍ଧ ବ୍ୟକ୍ତିଙ୍କ ମୋବାଇଲ୍ ରେକର୍ଡ, ବ୍ୟାଙ୍କ୍ ଆକାଉଣ୍ଟ ଓ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁକୁ ସଂରକ୍ଷିତ କରାଯାଇ ବିଶ୍ଳେଷଣ କରାଯାଉ। ନ୍ୟାୟ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ଏକ ସ୍ୱଚ୍ଛ ରିପୋର୍ଟ ସାର୍ବଜନୀନ କରାଯାଉ ବୋଲି ସେ ଚିଠିରେ ଦର୍ଶାଇଛନ୍ତି।

ଅହମୀୟା ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଘଟଣାରେ ଆସାମ ସରକାରଙ୍କ ଦ୍ୱାରା ହୋଇଥିବା ତଦନ୍ତକୁ ଉଦାହରଣ ଦେଇ ଓଡ଼ିଶା ସରକାର ଏହି ମାମଲାରେ ଦୃଢ଼ ପଦକ୍ଷେପ ନେବାକୁ ଆଇନଜୀବୀ ପଦ୍ମାଳୟା ଦାବି କରିଛନ୍ତି।

ଏହି ଚିଠିରେ ଦର୍ଶାଯାଇଛି ଯେ ନଭେମ୍ବର ୧୭ ତାରିଖରେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ହ୍ୟୁମାନ୍‌ଙ୍କ ମୃତ୍ୟୁ ଘଟିଥିଲା। ନଭେମ୍ବର ୧୪ ତାରିଖରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଡାକ୍ତରମାନେ ତାଙ୍କର ମଲ୍ଟିଅର୍ଗାନ୍ ଡିସ୍‌ଫଙ୍କସନ୍ ସିଣ୍ଡ୍ରୋମ୍, କ୍ରୋନିକ୍ ଲିଭର୍ ଫେଲିଓର୍ ଏବଂ ଦ୍ୱିପାକ୍ଷିକ ନିମୋନିଆ ଭଳି ଗୁରୁତର ରୋଗ ଚିହ୍ନଟ କରିଥିଲେ। ତେବେ ତାଙ୍କର ହଠାତ୍ ଦେହାନ୍ତ ଓ ମୃତ୍ୟୁ ପଛର ପରିସ୍ଥିତିକୁ ନେଇ ସାଧାରଣରେ ବ୍ୟାପକ ସନ୍ଦେହ ଓ ଉଦ୍‌ବେଗ ପ୍ରକାଶ ପାଇଛି। ଆଇନଜୀବୀଙ୍କ ଦାବି ଅନୁଯାୟୀ, ଅନେକ ଭିଡିଓ, ଅଡିଓ, ରିପୋର୍ଟ ଏବଂ ବୟାନ ସୋସିଆଲ୍ ମିଡିଆରେ ଘୂରି ବୁଲୁଛି। ଏଥିରେ ଥିବା ତଥ୍ୟରୁ ଜଣାପଡୁଛି ଯେ ଏହା ଏକ ସାଧାରଣ ବା ପ୍ରାକୃତିକ ମୃତ୍ୟୁ ନୁହେଁ। ଏହା ପଛରେ ଅପରାଧିକ ଷଡ଼ଯନ୍ତ୍ର ରହିଛି।

ସେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଚିଠିରେ ଆହୁରି ଉଲ୍ଲେଖ କରିଛନ୍ତି ଯେ ହ୍ୟୁମାନ୍‌ଙ୍କ ଉପରେ କ୍ରମାଗତ ଭାବରେ ହଇରାଣ, ବାଧ୍ୟବାଧକତା ଓ ବାହ୍ୟ ପ୍ରଭାବ ରହି ଥିଲା, ଯାହାକି ତାଙ୍କ ମୃତ୍ୟୁ ସହିତ ସିଧାସଳଖ ସମ୍ପର୍କ ରହିଛି। ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ଖରାପ ହେଉଥିଲେ ମଧ୍ୟ ତାଙ୍କ ପରିଚାଳକମାନେ ତାଙ୍କୁ ଦିଲ୍ଲୀକୁ ଏୟାରଲିଫ୍ଟ କରିବାକୁ ମନା କରିଦେଇଥିଲେ ଏବଂ ତାଙ୍କ ମା'ଙ୍କୁ ଅପମାନଜନକ ଭାଷା ବ୍ୟବହାର କରିଥିଲେ। ପରିଚାଳକମାନେ ତାଙ୍କୁ ନିର୍ଯାତନା ଦେଉଥିଲେ ଏବଂ ତାଙ୍କ କଳାକାର ଜୀବନକୁ ନଷ୍ଟ କରିଦେବାକୁ ଚେଷ୍ଟା କରୁଥିଲେ। ସେ ଅସୁସ୍ଥ ଥିବା ସତ୍ତ୍ୱେ ଅଧିକ ଟଙ୍କା ପାଇଁ ତାଙ୍କୁ ଷ୍ଟେଜ୍ ସୋ' କରିବାକୁ ବାଧ୍ୟ କରାଯାଉଥିଲା। ତାଙ୍କର ୨ପରିଚାଳକ ଏବଂ ଲୁଲୁ ମହାନ୍ତି ନାମକ ଜଣେ ଇଭେଣ୍ଟ ଅର୍ଗାନାଇଜର୍ ହ୍ୟୁମାନ୍ ସାଗରଙ୍କ ପୂର୍ଣ୍ଣ ସମ୍ମତି ବିନା ସମସ୍ତ ଆର୍ଥିକ କାରବାର, ପ୍ରଦର୍ଶନ ସମୟ ଏବଂ ବ୍ୟାଙ୍କ୍ ଆକାଉଣ୍ଟ ପରିଚାଳନା କରୁଥିଲେ। ଅନ୍ୟପଟେ ଡାକ୍ତର ସଞ୍ଜୀବ କୁମାର କର (ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟ) ଗତକାଲି ଏକ ସାକ୍ଷାତକାରରେ କହିଛନ୍ତି ଯେ ସେ ୨୦୨୪ ସେପ୍ଟେମ୍ବରରୁ ହ୍ୟୁମାନ୍ ସାଗରଙ୍କୁ ଚିକିତ୍ସା କରୁଥିଲେ। ସେ ସମୟରେ ହ୍ୟୁମାନ୍ ସାଗର ଡିପ୍ରେସନ୍‌ରେ ଥିଲେ ଓ ଠିକ୍ ସମୟରେ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ସହାୟତା ମିଳିନଥିଲା।

ଏହା ଭିତରେ, ଗତ ଶୁକ୍ରବାର ବଲାଙ୍ଗୀର ଟାଉନ୍ ଥାନାରେ ତାଙ୍କର ୨ ଜଣ ପରିଚାଳକଙ୍କ ବିରୋଧରେ ଏକ ଏତଲା ମଧ୍ୟ ହୋଇଛି। ଏଣୁ ତୁରନ୍ତ ରାଜ୍ୟ ସରକାର ଏହା ଉପରେ ନଜର ଦେବାକୁ ସେ ଦାବି ଜଣାଇଛନ୍ତି।

### ବସ୍‌ଷ୍ଟାଣ୍ଡରେ ମାନସିକ ଭିନ୍ନକ୍ଷମ ମହିଳାଙ୍କ ମୃତ ସନ୍ତାନ ପ୍ରସବ

## କେହି ପାଖ ମାଡ଼ିଲେନି

ଧରାକୋଟ,୨୪।୧୧(ସମିସ): ମରିଗଲାଣି ମାନବିକତା। ଜଣେ ମାନସିକ ଭିନ୍ନକ୍ଷମ ମହିଳା ବସ୍‌ଷ୍ଟାଣ୍ଡ ଭିତରେ ପ୍ରସବ ବେଦନାରେ ଛଟପଟ ହେବା ଏବଂ ଏକ ଅପରିପକ୍ୱ ମୃତ ଶିଶୁକୁ ଜନ୍ମଦେବା ପରେ ଘଣ୍ଟାଘଣ୍ଟା ଧରି ସେମିତି ପଡ଼ି ରହିଥିଲେ ହେଁ ସାହାଯ୍ୟ ତ ଦୂରର କଥା, କେହି ତାଙ୍କ ପାଖ ମାଡ଼ି ନଥିଲେ। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍ ମୁଣ୍ଡମରାଇ ବସ୍‌ଷ୍ଟାଣ୍ଡରେ ଆଜି ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି।

> ମରିଗଲାଣି ମାନବିକତା

ସୂଚନାନୁଯାୟୀ, ବସ୍‌ଷ୍ଟାଣ୍ଡରେ ଥିବା ଯାତ୍ରୀ ବିଶ୍ରାମାଗାରରେ ସୋମବାର ଭୋର୍‌ରେ ବିଶ୍ରାମାଗାର ଭିତରେ ଦୟନୀୟ ଅବସ୍ଥାରେ ଝୁମୁରି ନାୟକ ନାମକ ୩୦ ବର୍ଷୀୟା ମହିଳା ପଡ଼ି ରହିଥିବା ବେଳେ ତାଙ୍କ ନିକଟରେ ଏକ ଅପରିପକ୍ୱ (୪/୫ ମାସର) ଶିଶୁ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଜଣଙ୍କ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ ସୁଦ୍ଧା ସେହି ବାଟ ଦେଇ ଯାଉଥିବା କୌଣସି ମହିଳା କିମ୍ବା ପୁରୁଷ ସହାୟତା ଦେବା ଦୂରର କଥା, ତାଙ୍କ ପାଖ ମଧ୍ୟ ମାଡ଼ି ନଥିଲେ। ଖବର ପାଇ ଧରାକୋଟ ଅଗ୍ନିଶମ ବିଭାଗ ଅଧିକାରୀ କୃଷ୍ଣଚନ୍ଦ୍ର ସାହୁ ଦମକଳ ବାହିନୀ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ମହିଳା ଓ ଶିଶୁକୁ ଉଦ୍ଧାର କରିଥିଲେ। ପରେ ଆଶାକର୍ମୀଙ୍କ ସହାୟତାରେ ଉଭୟଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ମାନସିକ ବିକାରଗ୍ରସ୍ତ ମହିଳାଜଣଙ୍କ ଉଚ୍ଚ ରକ୍ତଚାପ, ରକ୍ତହୀନତା ଓ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ଗୁରୁତର ହୋଇ ପଡ଼ିଥିବା ଜଣାପଡ଼ିଥିଲା। ତାଙ୍କୁ ତୁରନ୍ତ ୧୦୨ ଆମ୍ବୁଲାନ୍ସରେ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ଅପରପକ୍ଷେ, ଶିଶୁଟିକୁ ମୃତ ଘୋଷଣା କରାଯାଇଥିଲା। ଘଟଣା ସମ୍ପର୍କରେ ଡାକ୍ତର ବିମଳେନ୍ଦୁ ପଣ୍ଡାଙ୍କ ସହ ଯୋଗାଯୋଗ ବେଳେ ଅପରିପକ୍ୱ ଅବସ୍ଥାରେ ସନ୍ତାନ ପ୍ରସବ ହୋଇଥିବାରୁ ତା'ର ମୃତ୍ୟୁ ଘଟିଛି ଏବଂ ମାତ୍ରାଧିକ ରକ୍ତସ୍ରାବ ଯୋଗୁଁ ମହିଳାଜଣଙ୍କ ଗୁରୁତର ହୋଇପଡ଼ିଛନ୍ତି ବୋଲି କହିଛନ୍ତି।

ପ୍ରଶ୍ନ ଉଠୁଛି, ଜଣେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗର୍ଭବତୀ କଲା କିଏ? ସରକାର ଗର୍ଭବତୀ ମା' ଓ ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରୁଥିଲେ ମଧ୍ୟ ଏ କ୍ଷେତ୍ରରେ ତାହାର କୌଣସି ପ୍ରଭାବ ପଡ଼ିନଥିବା ଜଣାପଡ଼ିଛି। ମହିଳାଜଣଙ୍କ ଗର୍ଭବତୀ ଥିବା କ'ଣ କୌଣସି ସ୍ୱାସ୍ଥ୍ୟକର୍ମୀ କିମ୍ବା ଆଶା, ଅଙ୍ଗନବାଡ଼ି କର୍ମୀ କେହି ଜାଣିପାରିଲେ ନାହିଁ।

# ଅଣ୍ଡା ଦେବାକୁ ଆସି ସମାଧି ନେଉଛନ୍ତି ଅଲିଭ୍ ରିଡ୍‌ଲେ

ଅସ୍ତରଙ୍ଗ,୨୪ା୧୧(ସମିସ)

ଆମର ଅତିଥି ତଥା ବିରଳ ସାମୁଦ୍ରିକ ଜୀବଙ୍କ ସୁରକ୍ଷା ଏବଂ ବଂଶବୃଦ୍ଧି ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ନେବା ସହିତ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଏହା ଦାୟିତ୍ୱରେ ଥିବା ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ

■ ମରଣଶିଳା ପାଲଟିଛି ଦେବୀ ମୁହାଁଣ
■ ଯନ୍ତ୍ରଚାଳିତ ଡଙ୍ଗା ମୁଖ୍ୟ ସମସ୍ୟା

କାଗଜପତ୍ରରେ ସୀମିତ ରହିଯାଉଛି ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ। ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବନଖଣ୍ଡ ଅଧୀନ ଦେବୀ ନଦୀ ମୁହାଁଣ ଏବଂ ସମୁଦ୍ର ଉପକୂଳରେ। ଅଣ୍ଡା ଦେବାକୁ ଆସି ଏଠାରେ ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କର ମୃତ୍ୟୁ ହୋଇଯାଉଛି। ଯନ୍ତ୍ରଚାଳିତ ଡଙ୍ଗା ଚଳାଚଳ, ବିଭାଗୀୟ କର୍ମଚାରୀଙ୍କ ଦୃଷ୍ଟିହୀନ ଯୋଗୁଁ ଅଭଳି ଅନେକ କଇଁଛଙ୍କର ମୃତ୍ୟୁ ହୋଇଯାଉଛି।

ସୂଚନା ମୁତାବକ, ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ସୁରକ୍ଷିତ ଅଣ୍ଡାଦାନ, ମାଛ ବଂଶବୃଦ୍ଧି ପାଇଁ ରାଜ୍ୟ ସରକାର ନଭେମ୍ବର ୧ରୁ ମେ' ୩୧ ତାରିଖ ପର୍ଯ୍ୟନ୍ତ ସମୁଦ୍ର କୂଳରୁ ୨୦ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ଭିତରକୁ ନିଷିଦ୍ଧାଞ୍ଚଳ ଘୋଷଣା କରିଥିବାବେଳେ କୌଣସି ପ୍ରକାର ଯନ୍ତ୍ରଚାଳିତ ଡଙ୍ଗା ଚଳାଚଳ ଉପରେ କଟକଣା ଲଗାଇଛନ୍ତି। କିନ୍ତୁ ଏଠି ସବୁ କଟକଣା ଫେଲ୍ ମାରୁଛି। ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଅନୁପସ୍ଥିତି



ଏବଂ ପାଟ୍ରୋଲିଂ କାର୍ଯ୍ୟରେ ଅବହେଳା କାରଣରୁ ଗତ କିଛିଦିନ ଭିତରେ ନିଷିଦ୍ଧାଞ୍ଚଳ ଏରିଆକୁ ଅନୁପ୍ରବେଶ ବଢୁଛି। ଟ୍ରଲର ଅନୁପ୍ରବେଶ କାରଣରୁ ମରୁଛନ୍ତି ବିରଳ ଅଲିଭ୍ ରିଡ୍‌ଲେ କଇଁଛ। ସବୁଠୁ ପରିତାପର ବିଷୟ ବିଭାଗୀୟ ଅଧିକାରୀଙ୍କ ଅବହେଳା କାରଣରୁ ମରୁଥିବା ଶହ ଶହ ଅଲିଭ୍ ରିଡ୍‌ଲେ କଇଁଛକୁ ବନ ବିଭାଗ ଲୋକ ଲଗାଇ ସମୁଦ୍ରପଠା ବାଲିରେ ଗାତ ଖୋଳି ପୋତି ଦେଉଥିବା ଦୃଶ୍ୟ ନୂଆଗଡ଼ ଗ୍ରାମର ଜୟନ୍ତ ନାୟକ ତାଙ୍କ ମୋବାଇଲ୍‌ରେ କଏଦ କରି ସୋସିଆଲ ମିଡିଆରେ ପୋଷ୍ଟ କରିବା ସହିତ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯଦି ବାରମ୍ବାର ନିଷିଦ୍ଧାଞ୍ଚଳକୁ ଟ୍ରଲର ଅନୁପ୍ରବେଶ କରେ ତାହେଲେ ଏପରି ବିରଳ ପ୍ରଜାତିର ସାମୁଦ୍ରିକ ଜୀବ ଦିନେ ଲୋପ୍ ପାଇଯିବେ। ତେଣୁ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱ ଦେଇ ତୁରନ୍ତ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅଞ୍ଚଳବସୀ ଦାବି କରିଛନ୍ତି।

## ନକଲି ନୋଟ୍ ଗୋଟେଇବାକୁ ରାସ୍ତାରେ ଭିଡ଼

ଗୋପ,୨୪ା୧୧(ସମିସ): ଗୋପ-କୋଣାର୍କ ରାସ୍ତାର ବାଇଆକୁଦା ନିକଟରେ ଏଭଳି ଘଟଣା ଘଟିଲା କେହି କିଛି ବୁଝିବା ପୂର୍ବରୁ ନିଜ ନିଜର ଗାଡ଼ିକୁ ଅଟକାଇ ଧାଇଁଲେ ରାସ୍ତା ଉପରକୁ। ସମସ୍ତେ ହାତରେ ପୁଳାପୁଳା ୫୦୦ ଟଙ୍କିଆ ନୋଟ୍ ଧରି ଖୁସିରେ ଗଦ୍‌ଗଦ୍ ହେଉଥିବାବେଳେ ଅଟକିଯାଇଥିଲେ ପର୍ଯ୍ୟଟକ। ଶେଷରେ ସମସ୍ତଙ୍କ ଖୁସି ପାଣି ଫୋଟକା ପରି ମିଳାଇ ଯାଇଥିଲା। ଜଣାପଡ଼ିଥିଲା ରାସ୍ତାରେ ପଡ଼ିଥିବା ଟଙ୍କାଗୁଡ଼ିକ ନକଲି ନୋଟ୍। ସୋମବାର ଦିନ ୧୨ଟା ସମୟରେ ଦୁଇଜଣ ଯୁବକ ଗୋଟିଏ ବାଇକ୍‌ରେ ଦ୍ରୁତ୍‌ଗତିରେ ଯିବା ସମୟରେ ପଛରେ ବସିଥିବା ଯୁବକ ଜଣକ କୌଶଳ କ୍ରମେ ପଛ ପକେଟ୍‌ରୁ ଶତାଧିକ ନକଲି ୫୦୦ ଟଙ୍କିଆ ନୋଟ୍ ଉଡ଼ାଇ ଦେଇଥିଲେ। ଟଙ୍କାଗୁଡ଼ିକ ରାସ୍ତାରେ ପଡ଼ିଥିବାବେଳେ ଅବିକଳ ଅସଲି ନୋଟ୍ ପରି ଦେଖାଯାଉଥାଏ। କେହି କିଛି ବୁଝିବା ପୂର୍ବରୁ ସମସ୍ତେ ନିଜର ଗାଡ଼ିକୁ ଅଟକାଇ ଟଙ୍କା ଗୋଟାଇଥିଲେ। ସମସ୍ତଙ୍କ ହାତରେ ମୁଠାମୁଠା ଟଙ୍କା। ଟଙ୍କାକୁ ଦେଖି ଅନ୍ୟ ବାଟୋଇମାନେ ମଧ୍ୟ ଅଟକିଯାଇ ଏତେ ଟଙ୍କା କେଉଁଠୁ ଆସିଲା ବୋଲି କହିଥିଲେ। ଏପରିକି କିଛି ପର୍ଯ୍ୟଟକଙ୍କ ଗାଡ଼ି ମଧ୍ୟ ସେଇ ସମୟରେ ଅଟକି ଯାଇଥିଲା। ସେମାନେ ମଧ୍ୟ ଟଙ୍କା ରାସ୍ତାରେ ପଡ଼ିଥିବା ଦେଖି ଆଚମ୍ବିତ ହୋଇଯାଇଥିଲେ। ପରେ ଜଣେ ବାଟୋଇ ଧରିଥିବା ଟଙ୍କାକୁ ନକଲି କହିବା ପରେ ସମସ୍ତେ ଧରିଥିବା ଟଙ୍କାକୁ ଦେଖିଥିଲେ। କିଛି ଲୋକ ସେଇ ଟଙ୍କାକୁ ନେଇଯାଇଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛି ଯୁବକ ଅନେକ ସମୟରେ ଏଭଳି କାର୍ଯ୍ୟ କରୁଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ।

## ପୋଲ ତଳୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋଣାର୍କ,୨୪ା୧୧(ସମିସ): ରାମଚଣ୍ଡୀ ଥାନା ଅନ୍ତର୍ଗତ ଇତିଭୂୟା-ବଡ଼ଗାଁ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଚୌପଦା ପୋଲ ତଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ସମ୍ପୃକ୍ତ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ମୃତକ ହେଉଛନ୍ତି ରାମଚଣ୍ଡୀ ଥାନା ଅନ୍ତର୍ଗତ ପିତାପଡ଼ା ଗ୍ରାମର ରବିନ୍ଦ୍ର ଭୋଇଙ୍କ ପୁଅ ଜୀବନ (୨୬)। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାମଚଣ୍ଡୀ ଥାନାଧିକାରୀଙ୍କ ସୂଚନା ଅନୁଯାୟୀ, ଗତ ୨୨ ତାରିଖ ଅପରାହ୍ଣରୁ ଜୀବନ ନିଖୋଜ ଥିଲେ। ପରିବାର ଲୋକେ ଖୋଜାଖୋଜି କରି ନ ପାଇବାରୁ ୨୩ ତାରିଖ ଅପରାହ୍ଣ ୫ଟା ୧୦ରେ ଥାନାରେ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ସୋମବାର ସକାଳ ୮ଟା ୧୫ରେ ତାଙ୍କ ବାପା ରବୀନ୍ଦ୍ର ଥାନାକୁ ଫୋନ୍ କରି ପୁଅର ମୃତଦେହ ପାଣିରେ ଭାସୁଥିବା ଜଣାଇଥିଲେ। ସଙ୍ଗେ ସଙ୍ଗେ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ତଦନ୍ତ ବେଳେ ତାଙ୍କ ଡାହାଣପଟ ଗୋଡ଼ରେ ଆଘାତ ଲାଗିଥିବା ଜଣାପଡ଼ିଥିଲା। ଖବର ପାଇ ନିମାପଡ଼ା ଏସ୍‌ଡିପିଓଙ୍କ ସମେତ ବରିଷ୍ଠ ଅଧିକାରୀ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା (ନଂ. ୯/୨୫) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେବେ ଯୁବକଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାର ଚର୍ଚ୍ଚା ଆଲୋଚନା ହେଉଛି। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବା ବେଳେ ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



ନିମାପଡ଼ା,୨୪ା୧୧(ସମିସ): ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ନିମାପଡ଼ା ବ୍ଲକ୍‌ର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ପ୍ରଥମେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଗ୍ରାମ୍ୟ ଓ ଉନ୍ନୟନ ବିଭାଗ ତରଫରୁ ୪୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୪ଟି ନୂତନ ଶ୍ରେଣୀଗୃହ ନିର୍ମାଣ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏହି ଉତ୍ସବରେ ଶ୍ରୀମତୀ ପରିଡ଼ାଙ୍କ ସମେତ ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉପଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଅଧ୍ୟକ୍ଷା ଅମିତା ମହାନାୟକ, ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରିଶ୍ଚନ୍ଦ୍ର ପୃଷ୍ଟି, କନିଷ୍ଠ ଯନ୍ତ୍ରୀ ସ୍ମୃତି ରଞ୍ଜନ କାନୁନ୍‌ଗୋ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାଶ, ଡ. ରବୀନ୍ଦ୍ରନାଥ ପାଢ଼ୀ, ମାନସ ରଞ୍ଜନ ସ୍ୱାଇଁ, ପ୍ରବୀର ବେହେରା ପ୍ରମୁଖ ଯୋଗଦେଇଥିଲେ। ସେହିପରି ନିମାପଡ଼ା ଗୋଲେଇ ଛକ ନିକଟରେ ପ୍ରାଚୀ ଜଳସେଚନ ବିଭାଗ ତରଫରୁ ୮ କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ବିଷ୍ଣୁପୁର, ନିମାପଡ଼ା, ଭାରତୀସାହି କେନାଲର କଂକ୍ରିଟ୍ ଲାଇନିଂ ଏବଂ ୨କୋଟି ୨୪ଲକ୍ଷ ଟଙ୍କା ବ୍ୟୟରେ ମିଟେଇପୁର, ଭିଲିଶାସନ, ଭିଲିଦେଉଳି ଓ ଭିଲିଗ୍ରାମକୁ ସଂଯୋଗ କରୁଥିବା କେନାଲ ବନ୍ଧର ସାଇଡ୍ ୱାଲ୍ ଓ ଡଲେଇ ରାସ୍ତା ନିର୍ମାଣର ଶିଳାନ୍ୟାସ ହୋଇଛି। ଉକ୍ତ ଶିଳ।ନ୍ୟସ ଉତ୍ସବରେ ଶ୍ରୀମତୀ ପରିଡ଼ାଙ୍କ ସହ ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀଙ୍କ ସମେତ ଠିକାସଂସ୍ଥାର ଠିକାଦର ଉପସ୍ଥିତ ଥିଲେ। ଏହି ଅବସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପୂର୍ତ୍ତି ଅବସରରେ ନିମାପଡ଼ା ଗୋଲେଇ ଛକଠାରେ ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ, ଶ୍ୟାମସୁନ୍ଦର ନାୟକ, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି, ଆତ୍ମା ଅଧ୍ୟକ୍ଷ ଦିଲ୍ଲୀପ ପରିଡ଼ା, ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ା, ସାଇପ୍ରୀତମ୍ ପଟ୍ଟନାୟକଙ୍କ ସମେତ ବହୁ ଜନସାଧାରଣ ଯୋଗଦେଇଥିଲେ।

## ବାତ୍ୟା ନାଁ ଶୁଣି ମୁଣ୍ଡରେ ହାତ ଦେଲେଣି ଚାଷୀ



କଣାସ,୨୪ା୧୧(ସମିସ): ପୁରୀ ଜିଲ୍ଲାର କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାବେଳେ ଏହା ଖାଲୁଆ ଅଞ୍ଚଳ ଭାବେ ପରିଚିତ। ଏଠାରେ ସାମାନ୍ୟ ବର୍ଷା ହେଲେ ପାଣି ଜମି ରହେ। କଣାସ ବ୍ଲକ୍‌ର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ପ୍ରତିବର୍ଷ ବନ୍ୟା ଓ ମରୁଡ଼ି ଦାଉ ସାଧୁଥିବାରୁ କଣାସ ବ୍ଲକ୍‌ର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗିପଡ଼ିଛି। ପ୍ରତିବର୍ଷ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଅନେକ ଚାଷୀ ପରିବାର ପ୍ରତିପୋଷଣ ପାଇଁ ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇ ନିର୍ଯାତିତ ହେଉଥିବା ଦୈନନ୍ଦିନ ଘଟଣା ହୋଇପଡ଼ିଛି। ବର୍ତ୍ତମାନ ଶାରଦ ଧାନ ଫସଲ ପାଚି ଆସିଥିବାବେଳେ ସାମୁଦ୍ରିକ ବାତ୍ୟା ଆସୁଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରଚାରପ୍ରସାର କରାଯାଉଥିବାରୁ କଣାସ ଅଞ୍ଚଳର ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦି ଲଘୁଚାପଜନିତ ବର୍ଷା ହୋଇଯାଏ, ପାଚିଲା ଧାନ ଜମିରେ ଲୋଟିଯିବ ବୋଲି ଚାଷୀମାନେ କହୁଛନ୍ତି।

## ଯୁବ ରେଡ୍‌କ୍ରସ୍ ଅଧିକାରୀଙ୍କୁ ସମ୍ବର୍ଦ୍ଧନା



ଚାରିଛକ,୨୪ା୧୧(ସମିସ): ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ କାଉନ୍‌ସିଲର ଡ. ଶ୍ରୀଲେଖା ନାୟକଙ୍କୁ ପୁରୀ ଜିଲ୍ଲା ଯୁବ ରେଡ୍‌କ୍ରସ ୟୁନିଟ୍ ତରଫରୁ ଖେଲାରସ୍ଥିତ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ତ୍ରିଦିବସୀୟ ପ୍ରଶିକ୍ଷଣ ଶିବିରରେ ଶ୍ରେଷ୍ଠ କାଉନ୍‌ସିଲର ଭାବେ ସମ୍ମାନିତ କରାଯାଇଛି। ଏହି ଶିବିରରେ ବିଭିନ୍ନ ମହାବିଦ୍ୟାଳୟରୁ ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ଶେଷରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ସାମୂହିକ ନୃତ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର ଯୁବ ରେଡ୍‌କ୍ରସ୍ ଅଧିକାରୀ ଏବଂ ସଫଳତା ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ଶୁଭେଚ୍ଛା ଓ ସାଧୁବାଦ ଜ୍ଞାପନ କରିଛନ୍ତି।

## ଉପମୁଖ୍ୟମନ୍ତ୍ରୀଙ୍କ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ନିମାପଡ଼ା,୨୪ା୧୧(ସମିସ): ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ସକାଳୁ ଅଚାନକ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଯାଇ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରି ବୁଝିବା ସହ ଡାକ୍ତରଙ୍କଠାରୁ ରୋଗୀଙ୍କ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ବିଭାଗ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ସଠିକ୍ ସମୟରେ ପହଞ୍ଚିବା ଏବଂ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଶ୍ରୀମତୀ ପରିଡ଼ା ସମସ୍ତ ଡାକ୍ତର ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

## ବିକଶିତ ଭାରତ ଯୁବ ଉତ୍ସବ



ଡେଲାଙ୍ଗ,୨୪ା୧୧(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବ୍ୟାପାର ଓ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ କ୍ରମେ ବିକଶିତ ଭାରତ ଯୁବ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ବ୍ଲକ୍ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ୧୫ରୁ ୨୯ ବର୍ଷ ବୟସର ଛାତ୍ରଛାତ୍ରୀ ଓ ଯୁବକଯୁବତୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମକୁ ବ୍ଲକ୍ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା ଓ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ନୀଳଶୈଳ ସ୍ୱାଇଁ ଉଦ୍‌ଘାଟନ କରି ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ୍ କରିଥିଲେ। ଏଥିରେ ଦଳଗତ ଲୋକଗୀତ, ଲୋକନୃତ୍ୟ, ଗଳ୍ପ ଲିଖନ, କବିତା ଲିଖନ, ଚିତ୍ରାଙ୍କନ, ବକ୍ତୃତା, ବିଜ୍ଞାନ ପ୍ରଦର୍ଶନୀ ଉପରେ ପ୍ରତିଯୋଗିତା କରାଯାଇ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତିତ୍ୱଧାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅଭୟ ଚରଣ ସାହୁ, ବ୍ଲକ୍ କାର୍ଯ୍ୟାଳୟର କର୍ମକର୍ତ୍ତା ଅଶୋକ ବେହେରା, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସିଦ୍ଧାର୍ଥ ଗୌରବ ମିଶ୍ର, ଏଲିନା ମିଶ୍ର ବିଚାରକ ଭାବେ ପ୍ରତିଭା ଚୟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ହୃଷୀକେଶ ବଳିୟାରସିଂ, ବସନ୍ତ ଦାସ, ପର୍ଶୁରାମ ଜେନା, ଶିକ୍ଷକ ସୁଭାଷ ବେହେରା, ସୂର୍ଯ୍ୟ ନାରାୟଣ ଜେନା ଓ ଅନ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଡେଲାଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ବେରବୋଇ, ମହତାବ ଉଚ୍ଚ ବିଦ୍ୟାଳୟ, ବିଶ୍ୱନାଥ ଦେବ ଉଚ୍ଚ ବିଦ୍ୟାପୀଠ ଗଡ଼ମୋଟରୀ, କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟ, ଡେଲାଙ୍ଗ କଲେଜ ଓ ମା' ମଙ୍ଗଳା ଗ୍ରୁପ୍ ନୃତ୍ୟ ଥେଣ୍ଟେଶାର ପ୍ରତିଯୋଗୀମାନେ ଉତ୍ତମ ପ୍ରଦର୍ଶନ କରି ସମ୍ବର୍ଦ୍ଧିତ ହୋଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ଉତ୍ସବରେ ଭାଗ ନେବେ ବୋଲି ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ରାଷ୍ଟ୍ରୀୟ ଏକତାକୁ ନେଇ ପଦଯାତ୍ରା

କାକଟପୁର,୨୪ା୧୧(ସମିସ): ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରବିବାର ଜାତୀୟ ସଂହତି ଓ ଭାଇଚାରାର ବାର୍ତ୍ତା ନେଇ ଏକତା ପଦଯାତ୍ରା ପୁରୀ ଜିଲ୍ଲା କାକଟପୁରସ୍ଥିତ ବିଶ୍ୱାମିତ୍ର ଆଶ୍ରମରୁ ମୋତି କଲ୍ୟାଣୀ ମଣ୍ଡପ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଏକତା ଓ ଅଖଣ୍ଡତାର ପୁରୋଧା ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଉତ୍ସର୍ଗୀକୃତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରାର୍ଥୀ ଗୌରୀ ଶଙ୍କର ଦାଶ, ଈଶ୍ୱର ବେହେରା, ପୁରୀ ଜିଲ୍ଲା ଉପସଭାପତି ରତିକାନ୍ତ ବେହେରା, ସାଂସଦଙ୍କ କାକଟପୁର ବ୍ଲକ୍ ପ୍ରତିନିଧି କୈଳାଶ ନାୟକ, ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ୍ ପ୍ରତିନିଧି ଦିବାକର ଛାଟୋଇ, ଇନ୍ଦ୍ରମଣି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଗଡ଼ଜାତ ରାଜ୍ୟଗୁଡ଼ିକ ଭାରତ ସହିତ ମିଶ୍ରଣ କରିବାରେ ବଲ୍ଲଭଭାଇଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଯୁବପିଢ଼ି ସର୍ଦ୍ଦାର ପଟେଲଙ୍କ ନୀତି ଆଦର୍ଶକୁ ଅନୁସରଣ କରି ଦେଶମାତୃକା ସେବାରେ ନିଜକୁ ନିୟୋଜିତ କରିବା ଏବଂ ନିଜକୁ ସ୍ୱାବଲମ୍ବୀ ମଣିଷ ରୂପେ ଗଢ଼ିତୋଳିବାକୁ ଇନ୍ଦ୍ରମଣି ଜେନା ନିଜ ବକ୍ତବ୍ୟରେ କହିଥିଲେ। ପଦଯାତ୍ରା କାର୍ଯ୍ୟକ୍ରମ ସମାପନ ପରେ ମୋତି କଲ୍ୟାଣୀ ମଣ୍ଡପ ପରିସରରେ "ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତିରେ ଏକ ସଭା ଆୟୋଜନ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପଦଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ଜନପ୍ରତିନିଧି, କାକଟପୁର, ଅସ୍ତରଙ୍ଗ ଅଞ୍ଚଳର ଶତାଧିକ ସାଧାରଣ ଜନତା ସାମିଲ୍ ହୋଇଥିଲେ। ଶେଷରେ ଗୋଲେଖ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ସାକ୍ଷୀଗୋପାଳ,୨୪ା୧୧(ସମିସ): ସତ୍ୟବାଦୀ ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ପୁରୀ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ।



ଏଥିରେ ମୋଟ୍ ୫୫ଟି ଅଭିଯୋଗରୁ ୪୮ଟି ବ୍ୟକ୍ତିଗତ, ୫ଟି ସାମୂହିକ, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ସମ୍ପର୍କରେ ୨ଟି ଅଭିଯୋଗ ରହିଥିଲା। ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣିରେ ଉପଜିଲ୍ଲାପାଳ ରାଜ କିଶୋର ଜେନା, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସିଡିଏମ୍‌ଓ ଡାକ୍ତର ଅକ୍ଷୟ କୁମାର ଶତପଥୀ, ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଡେପୁଟି କଲେକ୍ଟର ଅନୁସ୍ରବ ଗନ୍ତାୟତ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣି ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

## ବିଜ୍ଞାନ ମେଳାରେ ଆକର୍ଷଣର କେନ୍ଦ୍ର କ୍ରସ୍ ରକେଟ୍

ଅସ୍ତରଙ୍ଗ,୨୪ା୧୧(ସମିସ)



ସୋମବାର ଅସ୍ତରଙ୍ଗ ଉକୁଳେଇସ୍ଥିତ ଏକ୍ସଟି ଜାଭିୟର୍ ବିଦ୍ୟାଳୟ ପରିସରରେ ୯ମ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ସରୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୫୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। କନିଷ୍ଠ ଶ୍ରେଣୀ ପିଲାମାନଙ୍କ ଦ୍ୱାରା ପରିବେଶ, ଉତ୍ତମ ସ୍ୱାସ୍ଥ୍ୟ, ଟ୍ରାଫିକ୍ ଶୃଙ୍ଖଳା, ପ୍ରଦୂଷଣମୁକ୍ତ ପାଇଁ ଅନେକ ଜ୍ଞାନଭିତ୍ତିକ ପ୍ରକଳ୍ପ ଆସିଥିବାବେଳେ ବରିଷ୍ଠ ଶ୍ରେଣୀ ପିଲାଙ୍କ ତରଫରୁ ଅନେକ ସ୍ମାର୍ଟ ଆଉ ଡିଜିଟାଲ ଭିତ୍ତିକ ପ୍ରକଳ୍ପ ସ୍ଥାନ ପାଇଛି। ସବୁଠୁ ନିଆରା ପ୍ରକଳ୍ପ ଥିଲା ୧୯୪୪ ମସିହାରେ ଡିଆରଡିଓ ଅନୁମୋଦିତ କ୍ରସ୍ ରକେଟ୍ ପ୍ରକଳ୍ପ। ଯାହାକୁ ବର୍ତ୍ତମାନ 'ନିର୍ଭୟ' ନାମରେ ନାମିତ କରିବା ସହ ଡିଜିଟାଲ୍ ଯୁଗରେ ଏହାର ମାନ୍ୟତାକୁ ବଞ୍ଚାଇ ରଖିବାକୁ କରିଛନ୍ତି ପ୍ରୟାସ। ଅତ୍ୟନ୍ତ ନିଖୁଣ ଭାବେ ୨ ଜଣ ଅଷ୍ଟମ ଶ୍ରେଣୀ ଛାତ୍ର ଦିବ୍ୟଜ୍ୟୋତି ଦାସ ଓ ଆୟୁଷ୍ମାନ ମଲ୍ଲିକ ଏହାକୁ ପ୍ରଦର୍ଶନ କରିବା ସହ ଉପସ୍ଥିତ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଆକୃଷ୍ଟ କରିଥିଲା। ବିଦ୍ୟାଳୟ ପରିସର ପଡ଼ିଆରେ ସର୍ବସମ୍ମୁଖରେ ଏହି ରକେଟ୍‌କୁ ଉଡ଼ାଣ କରାଯାଇଥିଲା। ସେଥିପାଇଁ ତାଙ୍କୁ ସହଯୋଗ କରିଥିଲେ ତାଙ୍କ ପ୍ରକଳ୍ପ କୋର୍ଡିନେଟର ଶିକ୍ଷୟିତ୍ରୀ ଶାଶ୍ୱତୀ ଶୁଭଦର୍ଶନୀ। ବିଜ୍ଞାନକୁ ନେଇ ଭାରତର ପ୍ରତିରକ୍ଷାର ସୂଚନା ଦେବା ସହ ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ବିକାଶରେ ବୈଜ୍ଞାନିକଭିତ୍ତିକ ମାନସିକତା ସଦାସର୍ବଦା ଜାଗ୍ରତ ପ୍ରହରୀ ହୋଇ ରହିବାକୁ ଅନୁଷ୍ଠାନ ତରଫରୁ କରାଯାଇଥିବା ପ୍ରୟାସକୁ ମୁଖ୍ୟ ଅତିଥି ଅସ୍ତରଙ୍ଗ ବ୍ଲକ୍ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ମଞ୍ଜୁଳି ଦାସ ଉଦ୍‌ବୋଧନ ଦେଇଥିଲେ। ଏଥିରେ ବିଚାରକ ଭାବେ ଯୋଗଦେଇଥିଲେ ରବୀନ୍ଦ୍ର କୁମାର ସାମନ୍ତରାୟ ଓ ରାମଚନ୍ଦ୍ର ବିଶ୍ୱାଳ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ନାୟକ, ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସେନାପତି, ସହ ଅଧ୍ୟକ୍ଷା ମିନା ପରିଡ଼ା ମେଳାକୁ ଦାୟିତ୍ୱ ସହକାରେ ନିର୍ବାହ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

॥ ଏକାଦଶାହ ଶ୍ରଦ୍ଧାଞ୍ଜଳି ॥



୰ ଅନୀତା ଦଣ୍ଡପାଟ
ଆବିର୍ଭାବ: ୧୭.୦୫.୧୯୫୭ ସ୍ୱର୍ଗାରୋହଣ: ୧୫.୧୧.୨୦୨୫
ସ୍ୱାମୀ: ୰ ସୁଧାଂଶୁ ଶେଖର ଦଣ୍ଡପାଟ
କାଶିଆବେଡା, ବଡ଼ଶୋଳ, ମୟୂରଭଞ୍ଜ
ଅଭୁଲା ସେ ଅନୁଭୂତି... ଅପାସୋରା ଗାଥା...
ସ୍ମୃତିସବୁ ଗଣ୍ଠିଧନ ବାକି ଜୀବନର...
ଶୋକସନ୍ତପ୍ତ: ପୁଅ ଦୀପକ, ଦୀନେଶ, ପୁଅବୋହୂ ସ୍ୱପ୍ନା, ସୁନୀତା, ଝିଅ ଲତିକା, ଜ୍ୱାଇଁ ଲାଲମୋହନ, ଦିଅର ରାମରଞ୍ଜନ, ଯାଆ ସୁଲେଖା, ନାତି ଓମ୍‌ପ୍ରକାଶ, ରାଜା, ସାଇ, କ୍ରିଶ୍, ନାତୁଣୀ ହର୍ଷିତା, ପୂଜା, ପଲକ, ଦ୍ରୀଷ୍ଟି ଓ ସମସ୍ତ ବନ୍ଧୁ ଓ ପରିଜନବର୍ଗ

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112


# ଶ୍ରୀକ୍ଷେତ୍ର ସିଟି

୨୪/୧୧/୨୦୨୫ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୦୪,୦୫୬/- | ସୁନା: ୦୨.୧୨୦ ଗ୍ରାମ୍ | ରୁପା: ୩୪.୧୦୦ ଗ୍ରାମ୍









ସୋମବାର ସକାଳେ କୁହୁଡ଼ି ଚାଦରରେ ଆଚ୍ଛାଦିତ ଶ୍ରୀମନ୍ଦିର । ଫଟୋ:ଅନିଲ

# ମହାପ୍ରଭୁଙ୍କ ଜମିରେ ଜମୁଛି ମଦ ଆସର

**ପ୍ରଶ୍ନ ଉଠାଇଲା ଆପ୍; ଅନୁମତି ମିଳିଲା କେମିତି?**

ପୁରୀ,୨୪।୧୧(ସମିସ)

ପୁରୀ ସହରର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଜମିକୁ ଜବରଦଖଲ କରାଯାଇଛି । ଏହି ଜମିରେ କିଏ ଘର ତ ଆଉ କେହି ବ୍ୟାବସାୟିକ ପ୍ରତିଷ୍ଠାନ କରିଛନ୍ତି । ପୁଣି କେହି ତଞ୍ଚକତା କରି ଏହାକୁ ଅନ୍ୟମାନଙ୍କୁ ବିକ୍ରି ମଧ୍ୟ କରୁଛନ୍ତି । ତେବେ ସବୁଠୁ ସମ୍ବେଦନଶୀଳ କଥା ହେଉଛି, ମହାପ୍ରଭୁଙ୍କ ଜମିରେ ରହିଛି ଏକାଧିକ ମଦ ଦୋକାନ । କିନ୍ତୁ ଏ ନେଇ କେହି ପାଟି ଖୋଲୁନାହାନ୍ତି । ନିକଟରେ ସ୍ୱର୍ଗଦ୍ୱାର ଅଞ୍ଚଳରେ ନୂତନ ଭାବେ ଏକ ବାର୍‌କୁ ଅନୁମତି ମିଳିଛି । ଶ୍ରୀଜଗନ୍ନାଥଙ୍କ ଜମିରେ ଏହି ବାର୍ ଖୋଲିଥିବାବେଳେ ଏଠାରେ ମଦର ଆସର ଜମୁଛି ବୋଲି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍) । ଏ ନେଇ ସୋମବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, ମହାପ୍ରଭୁଙ୍କ ଜମିରେ ବାର୍ ଖୋଲିବାକୁ ଅନୁମତି ଦେଲା କିଏ? କେବଳ ମଦ ପାଇଁ ନୁହେଁ, ଏଠାକୁ ଖାଦ୍ୟ, ପାନୀୟ, ବିଦ୍ୟୁତ୍ ସଂଯୋଗ ହେଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ପ୍ରଥମେ ରାଜ୍ୟର ନୂଆ ବିଜେପି ସରକାର ପକ୍ଷରୁ ଶ୍ରୀମନ୍ଦିରଠାରୁ ୨ କି.ମି. ପରିଧି ମଧ୍ୟରେ କୌଣସି ମଦ ଦୋକାନ ରହିବ ନାହିଁ ବୋଲି ଘୋଷଣା କରାଯାଇଥିଲା । ହେଲେ ଏହାର କିଛିଦିନ ପରେ ଏହି ଘୋଷଣାନାମା ବଦଳି ଯାଇଥିଲା । ପୁନଶ୍ଚ ଶ୍ରୀମନ୍ଦିରଠାରୁ ୧ କି.ମି. ପରିଧି ମଧ୍ୟରେ କୌଣସି ମଦ ଦୋକାନ ଖୋଲିବନି ବୋଲି କୁହାଗଲା । ତେବେ ନିକଟରେ ସ୍ୱର୍ଗଦ୍ୱାର ଅଞ୍ଚଳରେ ଏକ ବାର୍‌କୁ ଲାଇସେନ୍ସ ପ୍ରଦାନ କରାଯାଇଛି । ଏହା ଶ୍ରୀମନ୍ଦିରଠାରୁ ୧୨୦୦ ମିଟରରେ ରହିଛି । ତେବେ ଆଇନ ମନ୍ତ୍ରୀ ପ୍ରଥମେ ୨ କି.ମି. ଘୋଷଣା କରିଥିଲେ । ହେଲେ କାହାକୁ ସୁରକ୍ଷା ଦେବା ପାଇଁ ପୁଣି ୧ କି.ମି. ଘୋଷଣା କରାଗଲା ବୋଲି ପ୍ରଶ୍ନ କରିଛନ୍ତି ସଞ୍ଜୀବ । ଏଠାରେ ବାର୍ ଖୋଲିବା ପାଇଁ ଅବକାରୀ ବିଭାଗ କିପରି ଅନୁମତି ଦେଲା । ବାର୍ ଖୋଲିବା ପୂର୍ବରୁ ଯେଉଁସବୁ ନିୟମ ରହିଛି ତାହାକୁ ପାଳନ କରାଗଲାନି କିପରି? ଏହି ଜମି ମହାପ୍ରଭୁଙ୍କ ନାଁରେ ରହିଥିବାବେଳେ ଏହାକୁ ଏନ୍‌ଓସି ଦେଲା କିଏ? ଶ୍ରୀମନ୍ଦିର ପରିଚାଳନା କମିଟିର ବିନା ଏନ୍‌ଓସିରେ କିଭଳି ଏହି ଜମିରେ ମଦ ଦୋକାନ ଖୋଲିଲା? ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏଠାକୁ ଖାଦ୍ୟ, ବିଦ୍ୟୁତ୍ ଓ ପାଣି ଆଦି ସଂଯୋଗ ଦିଆଗଲା କିପରି? ଏଥିରେ ଏକ ବଡ଼ଧରଣର ଘୋଟାଲା ହୋଇଛି, ଯେଉଁଥିରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା ମନ୍ତ୍ରୀଙ୍କର ହାତ ରହିଛି ବୋଲି ସନ୍ଦେହ କରିଛନ୍ତି ସଞ୍ଜୀବ । ଏହାର ଉପଯୁକ୍ତ ତଦନ୍ତ କରା ନ ଗଲେ ଆପ୍ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ

ପୁରୀ,୨୪।୧୧(ସମିସ): ପୁରୀ ବିଜେପି ପକ୍ଷରୁ ସୋମବାର 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' ଅନୁଷ୍ଠିତ ହୋଇଯାଇଛି । ଭାରତକୁ ସମୃଦ୍ଧ ଏବଂ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବା ଲାଗି ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ବିବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆତ୍ମନିର୍ଭର ଭାରତ ଓ ବ୍ୟକ୍ତିର ଭୂମିକା ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପିର ବରିଷ୍ଠ ନେତା ଶାରଦା ଶତପଥୀ ଯୋଗଦେଇଥିଲେ । ମୁକ୍ତାକାଶ ରଙ୍ଗମଞ୍ଚରେ ବିଜେପି କର୍ମୀମାନେ ସ୍ୱଦେଶୀ ବସ୍ତୁକୁ ବ୍ୟବହାର କରିବା ନେଇ ସଂକଳ୍ପ କରିବା ସହ ଗୁଣ୍ଡିଚା ମନ୍ଦିର ନିକଟରୁ ପଦଯାତ୍ରାରେ ଯାଇଥିଲେ । ସ୍ୱଦେଶୀ ବସ୍ତୁର ବହୁଳ ବ୍ୟବହାରକୁ ନେଇ ଲୋକଙ୍କୁ ସଚେତନ କରିବା ନେଇ ଏହି ପଦଯାତ୍ରା କରାଯାଇଥିଲା । ଜନଜାଗରଣ ପଦଯାତ୍ରାରେ ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲା ବିଜେପି ସଭାପତି ଡା. ଦେବେନ୍ଦ୍ର ନାଥ ତରେଇ, ପୂର୍ବତନ ଜିଲ୍ଲା ସଭାପତି ପ୍ରଭଞ୍ଜନ ମହାପାତ୍ର, ଜିଲ୍ଲା ସଂଯୋଜିକା ରଞ୍ଜିତା ଦାଶ ପାଢ଼ୀ, କେନ୍ଦ୍ରୀୟ ନେତା ମଧୁସୂଦନ ସିଂହାରୀ ଏବଂ ମହିଳା ମୋର୍ଚ୍ଚା ଜିଲ୍ଲା ସଭାପତି ଜ୍ୟୋତି ମହାପାତ୍ର, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ଜୟନ୍ତ ଦାସ ତଥା ପୁରୀ ବିଧାନସଭାର ବିଭିନ୍ନ ମଣ୍ଡଳ ସଭାପତି ଓ ମଣ୍ଡଳ ଟୋଲିର ପ୍ରମୁଖ ଯୋଗଦେଇଥିଲେ ।

## ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଦେଲେ ୭୨୫ ଛାତ୍ରଛାତ୍ରୀ



ପୁରୀ,୨୪।୧୧(ସମିସ): ଅନ୍ତର୍ଜାତୀୟ ଚାରଣଗୋଷ୍ଠୀ ତରଫରୁ ଶ୍ରୀଜଗନ୍ନାଥ ସଂସ୍କୃତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପୁରୀ ଜିଲ୍ଲାରେ ଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ୭୨୫ ଜଣ ଛାତ୍ରଛାତ୍ରୀ ବେଶ୍ ଉତ୍ସାହର ସହ ଏହି ପରୀକ୍ଷାରେ ଭାଗ ନେଇଥିଲେ ।

ମହାପ୍ରଭୁଙ୍କ ନୀତିକାନ୍ତି, ଯାହା ଖାଉଛନ୍ତି, ପିନ୍ଧୁଛନ୍ତି, ଶ୍ରୀକ୍ଷେତ୍ର ପରିକ୍ରମା, ଶ୍ରୀମନ୍ଦିର ପରିକ୍ରମା, ମଠ, ମନ୍ଦିର, ମହାପ୍ରସାଦ, ଭୋଗ, ପୁଷ୍ପ ଅଳଙ୍କାର, ବସ୍ତ୍ର ଅଳଙ୍କାର, ଶ୍ରୀମନ୍ଦିରରେ ବେଦପାଠ, ଜାନିଯାତ୍ରା ଓ ପର୍ବପର୍ବାଣୀ, ଅନବସର, ରଥ ନିର୍ମାଣ, ବେଶ ରହସ୍ୟ, ସେବା ଓ ସେବକ, ଭକ୍ତ ଚରିତ, ମନ୍ଦିର ସ୍ଥାପତ୍ୟ କଳା ଏହିଭଳି ମହାପ୍ରଭୁଙ୍କର ଲୀଳା ବିଷୟରେ ଆଧାର କରି ୫୦ଟି ପ୍ରଶ୍ନ ଆସିଥିଲା । ଛାତ୍ରଛାତ୍ରୀମାନେ କିପରି ଜଗନ୍ନାଥଙ୍କ ସଂସ୍କୃତି ପ୍ରତି ଆଗେଇବେ ଓ ଜାଣିବେ ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀର ଏହା ଏକ ପ୍ରୟାସ । ଏହି ପରୀକ୍ଷା ପରିଚାଳନାରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ପୁରୀ ଜିଲ୍ଲା ଚାରଣ ଗୋଷ୍ଠୀର ସମସ୍ତ ମାଆ ଓ ଭାଇମାନଙ୍କ ସହଯୋଗରେ ପରୀକ୍ଷା ପରିଚାଳନା ସଫଳ ହୋଇପାରିଛି । ସର୍ବାଧିକ ମୂଲ୍ୟାୟନ ରଖୁଥିବା ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ଓ ପରେ ରାଜ୍ୟସ୍ତରୀୟ ପରୀକ୍ଷାରେ ଭାଗ ନେବା ପାଇଁ ଚୟନ ହେବେ । ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହିତ କିଭଳି ଭାବେ ରାଜ୍ୟରେ ପିଲାମାନଙ୍କ ମଧ୍ୟରେ ଆବୃତ ହୋଇପାରିବ ଏହା ଚାରଣ ଗୋଷ୍ଠୀର ମୂଳ ଲକ୍ଷ୍ୟ ବୋଲି କହିଛନ୍ତି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ବେହେରା ।

## ତୀର୍ଥଯାତ୍ରାରେ ଗଲେ ୧୨୭ ବରିଷ୍ଠ ନାଗରିକ




ପୁରୀ,୨୪।୧୧(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ସୋମବାର ପୁରୀ ଜିଲ୍ଲାରୁ ୧୨୭ ଜଣ ବରିଷ୍ଠ ନାଗରିକଙ୍କୁ ତୀର୍ଥଯାତ୍ରାରେ ପ୍ରେରଣ କରାଯାଇଛି । ସେମାନେ ଭୁବନେଶ୍ୱରରେ ରାତ୍ରୀଯାପନ କରିବେ ଏବଂ ମଙ୍ଗଳବାର ଓମ୍‌କାରେଶ୍ୱର ଓ ଉଜ୍ଜୟିନୀ ଅଭିମୁଖେ ସ୍ୱତନ୍ତ୍ର ଟ୍ରେନ୍‌ରେ ଯାତ୍ରା କରିବେ । ଏହି ବରିଷ୍ଠ ନାଗରିକମାନେ ଓମ୍‌କାରେଶ୍ୱର ଓ ଉଜ୍ଜୟିନୀ ପରିଭ୍ରମଣ କରିବା ସହ ଆସନ୍ତା ୩୦ ତାରିଖରେ ଫେରିବାର କାର୍ଯ୍ୟକ୍ରମ ରହିଛି । ବରିଷ୍ଠ ନାଗରିକମାନଙ୍କୁ ସହଯୋଗ ପାଇଁ ୪ ଜଣ ସହକାରୀ ମଧ୍ୟ ସାଥିରେ ଯାଇଛନ୍ତି । ପୂର୍ବାହ୍ଣରେ ପର୍ଯ୍ୟଟନ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ଏବଂ ନଡ଼ିଆ ବାଢ଼େଇ ଯାତ୍ରାର ସଫଳତା କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ତୀର୍ଥଯାତ୍ରୀଙ୍କୁ ସହଯୋଗ କରିଥିଲେ । ନିଜ ନିଜର ଦାୟିତ୍ୱ ଓ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ସହାୟତା ପାଇଁ ଯାଇଥିବା କର୍ମଚାରୀମାନଙ୍କ ସୂଚନା ଅନୁସାରେ, ପରିଭ୍ରମଣ କରିବାକୁ ତୀର୍ଥଯାତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

## ଦାଦାବଟି ମାଗି ବନ୍ଧାହେଲେ ୫

ପୁରୀ,୨୪।୧୧(ସମିସ): ଦାଦାବଟି ମାଗିବା ଅଭିଯୋଗରେ ଦୁଇଟି ଥାନା ପୁଲିସ ୫ ଜଣଙ୍କୁ ଗିରଫ କରିଛି । ଟାଉନ୍ ଥାନା ପୁଲିସ ଗିରଫ କରିଥିବା ୪ ଅଭିଯୁକ୍ତ ହେଲେ ଜେବିପିସିରେ ରହୁଥିବା ଗଞ୍ଜାମ ଭଞ୍ଜନଗରର ରାମଚନ୍ଦ୍ର ପ୍ରଧାନ, କୁମୁଟିସାହିର ରାମଚନ୍ଦ୍ର ପ୍ରଧାନ, ଗୌଡ଼ବାଡ଼ ସାହିର ଦିବାକର ପଣ୍ଡା, ଜଗନ୍ନାଥ ବଲ୍ଲଭରେ ରହୁଥିବା ଢେଙ୍କାନାଳ କାମାକ୍ଷାନଗରର ଧୀରୁ କୁମାର ନାୟକ । ଏମାନେ ସୋମବାର ପୂର୍ବାହ୍ଣ ପ୍ରାୟ ୧୧ଟା ୨୦ରେ ଶ୍ରୀସେତୁ ନିକଟରେ ନିଶା ସେବନ କରି ପଥଚାରୀଙ୍କୁ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଦେଖାଇ ଦାଦାବଟି ଆଦାୟ କରୁଥିଲେ । ଖବର ପାଇ ଟାଉନ ପୁଲିସ ପହଞ୍ଚି ଏମାନଙ୍କୁ କାବୁ କରିଥିଲା । ସେମାନଙ୍କ ନିକଟରୁ ଗୋଟିଏ ଲୁହାରଡ, ଗୋଟିଏ ମୋବାଇଲ ଏବଂ ୩୫୦ ଟଙ୍କା ଜବତ କରାଯାଇଥିବା ବେଳେ ଏ ନେଇ ଏକ ମାମଲା (ନଂ.୬୫୬/୨୫) ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି । ଅନୁସନ୍ଧାନ ବେଳେ ଅଭିଯୁକ୍ତମାନେ ଚୋରି, ଡକାୟତି, ରାହାଜାନି ଆଦି ମାମଲାରେ ସମ୍ପୃକ୍ତ ରହିଛନ୍ତି । ସେହିପରି ଗୌଡ଼ବାଡ଼ ସାହିର ଜଣେ ମହିଳାଙ୍କୁ ୫୦୦ ଟଙ୍କା ଦାଦାବଟି ମାଗିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ହେଲେ ବଳିଆପଣ୍ଡା ବସ୍ତିର ଜୟନ୍ତ ସାହୁ । ଦାଦାବଟି ନ ଦେବାକୁ ମହିଳା ଲକ୍ଷ୍ମୀପ୍ରିୟା ମିଶ୍ର ମନା କରିବାରୁ ତାଙ୍କୁ ଗାଳିମନ୍ଦ ଏପରିକି ହତ୍ୟା କରିବାକୁ ଧମକ ଦେଇଥିଲେ ବୋଲି ପୁଲିସ କହିଛି ।

## ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପ୍ରତିବାଦ



ପୁରୀ,୨୪।୧୧(ସମିସ): ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଆୟୁଷ ଡାକ୍ତରଙ୍କ ସଫଳ ଯୋଗଦାନକୁ ସରକାରଙ୍କ ଅଣଦେଖା ଓ ଆୟୁଷ ଛାତ୍ରଛାତ୍ରୀଙ୍କ ପ୍ରତି ବୈମାତୃକ ମନୋଭାବକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଛାତ୍ରଛାତ୍ରୀ । ଉପଯୁକ୍ତ ଦାବି ପୂରଣ ନ ହେଲେ ନିଖିଳ ଓଡ଼ିଶା ଆୟୁଷ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପ୍ରତିବାଦ କରାଯିବ । ରାଜ୍ୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ନେଇ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇନାହିଁ । ତେଣୁ ସୋମବାର ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ଆୟୁଷ ଡାକ୍ତରୀ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଛନ୍ତି । ୮ ଦଫା ଦାବି ନେଇ ସେମାନେ କଲେଜ ଫାଟକରେ ତାଲା ପକାଇବା ସହ ଧାରଣା ଦେଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ନୂତନ ଆୟୁଷ ଡାକ୍ତର ପଦବୀ, ଓପିଏସ୍‌ସି ଜରିଆରେ ଓଡ଼ିଶା ଲୋକଙ୍କ ପାଖରେ ଆୟୁଷ ଚିକିତ୍ସା ପଦ୍ଧତିକୁ ପହଞ୍ଚାଇବାର ବ୍ୟବସ୍ଥା, ସମସ୍ତ ଆୟୁଷ କଲେଜରେ ପରିଚାଳନା କମିଟି ପୁନର୍ଗଠନ ଆଦି ୮ ଦଫା ଦାବି ତୁରନ୍ତ ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଛନ୍ତି ଛାତ୍ରଛାତ୍ରୀ ।

## ମହିଳାଙ୍କ ଭ୍ୟାନିଟି ଛଡ଼ାଇବାବେଳେ ୨ ଧରାପଡ଼ିଲେ

ପୁରୀ,୨୪।୧୧(ସମିସ): ମହିଳା ପର୍ଯ୍ୟଟକଙ୍କୁ ଧକ୍କାମାରି ଭ୍ୟାନିଟି ଛଡ଼ାଇ ନେଉଥିବାବେଳେ ସ୍ଥାନୀୟ ଲୋକେ ୨ ଯୁବକଙ୍କୁ କାବୁ କରି ବଳିଆପଣ୍ଡା ପୁଲିସ ଜିମା ଦେଇଛନ୍ତି । ଗିରଫ ଅଭିଯୁକ୍ତ ଦୁଇଜଣ ହେଲେ ଖୋର୍ଦ୍ଧା ବାଲିଅନ୍ତା ଜିତିକର ସୁଆଁଲୋର ସୁନୀଲ ସାହୁ ଏବଂ ଖୋର୍ଦ୍ଧା ବାଲିଅନ୍ତା ପାଟ୍ଟପଡ଼ାର କାର୍ତ୍ତିକ ଜେନା । ଅଭିଯୋଗ ଅନୁଯାୟୀ, ସୋମବାର ସକାଳ ପ୍ରାୟ ସାଢ଼େ ୮ଟା ସମୟରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଅର୍ଚ୍ଚନା ଶ୍ରୀବାସ୍ତବ ତାଙ୍କ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ସହ ସମୁଦ୍ରକୂଳ ରାସ୍ତା ଫୁଟ୍‌ପାଥରେ ଚାଲିଚାଲି ଯାଉଥିଲେ । ହୋଟେଲ ସୋନାର ବାଙ୍ଗ୍‌ଲା ନିକଟରେ ଅଭିଯୁକ୍ତ ଦ୍ୱୟ ଏକ ସ୍କୁଟିରେ ଆସି ଅର୍ଚ୍ଚନାଙ୍କ ବେକକୁ ପଛପଟୁ ଧକ୍କାମାରି ତାଙ୍କ ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଇ ପଳାଇ ଯାଉଥିଲେ । ତାଙ୍କ ପରିବାର ପାଟି କରିବାକୁ ୧୦୦ ମିଟର ଦୂରରେ ସ୍ଥାନୀୟ ଲୋକେ ଯୁବକଦ୍ୱୟଙ୍କୁ କାବୁ କରିଥିଲେ । ଖବର ପାଇ ବଳିଆପଣ୍ଡା ପୁଲିସ ପହଞ୍ଚି ଦୁଇଜଣଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଚୋରି ଭ୍ୟାନିଟି ବ୍ୟାଗ୍, ଗୋଟିଏ ମୋବାଇଲ୍ ଫୋନ୍, ୩୮୫ ଟଙ୍କା ଏବଂ ଅଭିଯୁକ୍ତଙ୍କ ସ୍କୁଟି ଜବତ କରିଥିଲା । ଏ ନେଇ ଥାନାରେ ଏକ ମାମଲା (ନଂ.୨୨୭/୨୫) ରୁଜୁ କରାଯାଇ ଉଭୟଙ୍କୁ କୋର୍ଟଚାଲାଣ କରିଛି ପୁଲିସ ।

## ଶିଶୁ ଅଧିକାର ସୁରକ୍ଷାକୁ ଗୁରୁତ୍ୱ

ପୁରୀ,୨୪।୧୧(ସମିସ): ଶିଶୁ ଶ୍ରମ ବିରୋଧୀ ଅଭିଯାନ ପକ୍ଷରୁ ସ୍ଥାନୀୟ ପ୍ରିମିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କମ୍ପ୍ୟୁଟର ଷ୍ଟଡିଜ୍‌ଠାରେ ଶିଶୁ ଅଧିକାର ସପ୍ତାହର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଜିତ୍ କୁମାର ମହାପାତ୍ର, ସ୍ୱାଦ ଅନୁଷ୍ଠାନର ବୀଣାପାଣି ମିଶ୍ର ଅତିଥି ରୂପେ ଯୋଗଦେଇଥିଲେ । ବିଭିନ୍ନ ବିଦ୍ୟାଳୟର ଶିଶୁମାନଙ୍କ ସହ ସ୍ଥାନୀୟ ସାମାଜିକ କର୍ମୀ ଅଂଶଗ୍ରହଣ କରିଥିଲେ । ସୁଶ୍ରୀ ଶୁଭସ୍ମିତା ଅତିଥିଙ୍କୁ ସ୍ୱାଗତ ଜଣାଇବା ପରେ ଅନୁଷ୍ଠାନର ଆଞ୍ଚଳିକ ଏବଂ ଜିଲ୍ଲା ସଂଯୋଜକ ନକୁଳ ଚନ୍ଦ୍ର ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଅଧିକାର ସମ୍ପର୍କରେ ଅବଗତ କରାଇବା ସହ ଏହାର ଉଲ୍ଲଂଘନ ହେଲେ ଥିବା ଆଇନ ଓ ଆବଶ୍ୟକସ୍ଥଳେ ସହାୟତା ପାଇଁ ଥିବା ଟୋଲ୍ ଫ୍ରି ନମ୍ବର ବିଷୟରେ ଜଣାଇଥିଲେ । ଶ୍ରୀ ମହାପାତ୍ର ଶିଶୁମାନଙ୍କ ସୁରକ୍ଷା କିପରି କରାଯାଇପାରିବ ଓ ନାଗରିକ ହିସାବରେ ଏଥିସହ ଜଡ଼ିତ କର୍ତ୍ତବ୍ୟ ବିଷୟରେ ସଜାଗ କରିଥିଲେ । ଶିଶୁ ଶ୍ରମିକ କିପରି ରୋକାଯାଇ ପାରିବ ସେ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ । ସ୍ୱାଦ ଅନୁଷ୍ଠାନର ଶ୍ରୀମତୀ ମିଶ୍ର ବାଲ୍ୟ ବିବାହକୁ କିପରି ରୋକାଯାଇ ପାରିବ ଓ ଚରିତ୍ର ଗଠନ ସହ ସାମୂହିକ ବିକାଶ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଶେଷରେ ଗୋପବନ୍ଧୁ ସେବା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୮ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ୨ ଗିରଫ

ପୁରୀ,୨୪।୧୧(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ପଛ ପାର୍ଶ୍ୱ ପଡ଼ିଆରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବାବେଳେ ୨ ଜଣଙ୍କୁ କାବୁ କରିଛି ତାଳବଣିଆ ଥାନା ପୁଲିସ । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାଲିଘାଟ କ୍ରିଷ୍ଟାନନ୍ଦ ଲେନ୍‌ର ସନ୍ତୋଷ ଦାଶ ଏବଂ ବାଲିଘାଟ କଣ୍ଢେଇ ଫ୍ୟାକ୍ଟ୍ରିର ସୁରେନ୍ଦ୍ର ବାରିକ । ଏମାନେ ଶନିବାର ଅପରାହ୍ଣ ୪ଟା ୧୫ରେ ବ୍ରାଉନ୍‌ସୁଗର ବିକ୍ରି କରୁଥିବା ଖବର ପାଇ ତାଳବଣିଆ ପୁଲିସ ଚଢ଼ଉ କରି ୨ ଜଣଙ୍କୁ ଗିରଫ କରିଥିଲା । ସନ୍ତୋଷ ନିକଟରୁ ୮ ଗ୍ରାମ୍ ୬ ମିଲିଗ୍ରାମ୍ ବ୍ରାଉନ୍‌ସୁଗର, ୩ଟି ମୋବାଇଲ୍ ଫୋନ୍ ଏବଂ ୧ ହଜାର ଟଙ୍କା ଜବତ କରାଯାଇଥିଲା । ଏ ନେଇ ଥାନାରେ ଏକ ମାମଲା (ନଂ.୨୬୦/୨୫) ରୁଜୁ କରାଯାଇ ଉଭୟଙ୍କୁ ସୋମବାର କୋର୍ଟଚାଲାଣ କରିଛି ପୁଲିସ ।

**ରାଜ୍ୟ ସମ୍ମିଳନୀରେ ଉଠିଲା ଦାବି**

## ମୃତ୍ତିକା ସଂରକ୍ଷଣ କ୍ୟାଡର ପୁନର୍ଗଠନ ହେଉ

ପୁରୀ,୨୪।୧୧(ସମିସ)




ରାଜ୍ୟ ମୃତ୍ତିକା ସଂରକ୍ଷଣ ଅଣଗେଜେଟେଡ୍ କ୍ଷେତ୍ର କର୍ମଚାରୀ ସଂଘର ୧୫ତମ ରାଜ୍ୟ ସମ୍ମିଳନୀ ପୁରୀ ଟାଉନ ହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀକୁ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଭୀମସେନ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ବୃହସ୍ପତି ସାମଲ, ସାଧାରଣ ସମ୍ପାଦକ କେନ୍ଦ୍ର ସରକାରୀ କର୍ମଚାରୀ ମୁଖ୍ୟବକ୍ତା, କର୍ମଚାରୀଙ୍କ ମାସିକ ପତ୍ରିକା ସଂଗ୍ରାମର ବାର୍ତ୍ତା ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ ଓ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ମହାସଚିବ ଗୋକୁଳାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ଦ୍ୱାରିକାନାଥ ମହାନ୍ତି ଏବଂ ଗୌତମ ସେଠୀଙ୍କ ସଭାପତିତ୍ୱରେ ସଭା ପରିଚାଳିତ ହୋଇଥିବାବେଳେ ସଂଘର ସାଧାରଣ ସମ୍ପାଦକ ଅମୂଲ୍ୟ ରଞ୍ଜନ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସେ କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ପଦବୀର ସଂଜ୍ଞା ପରିବର୍ତ୍ତନ, ୟାର୍ଡଷ୍ଟିକ୍ ଅନୁସାରେ ପଦ ସୃଷ୍ଟି, ଜବ୍ ଚାର୍ଟ ପ୍ରକାଶ, ସଂଘ ଅଫିସ ଗୃହ ପାଇଁ କ୍ୱାର୍ଟର ଆବଣ୍ଟନ, ପରିଚୟପତ୍ର ପ୍ରଦାନ, ସଚିବାଳୟ ପ୍ରବେଶ ପାସ୍ ଇତ୍ୟାଦି ଦାବି ଉପସ୍ଥାପନ କରିଥିଲେ । ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କର୍ମଚାରୀଙ୍କ ଦାବି ଯୁକ୍ତିଯୁକ୍ତ ଏବଂ ଏହା ଅବିଳମ୍ବେ ପୂରଣ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଥିଲେ । ଏଥିରେ ରାଧାଶ୍ୟାମ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ଅନ୍ୟ କର୍ମକର୍ତ୍ତା ଏବଂ ଜିଲ୍ଲା ପ୍ରତିନିଧିମାନେ ଅନୁରୂପ ଭାବେ ଦାବି କରି ବିଭାଗୀୟ କାର୍ଯ୍ୟକ୍ରମଙ୍କୁ ନିଷ୍ଠା ଓ ସାଧୁତା ବଳରେ ସମ୍ପାଦନ କରିବାକୁ ପ୍ରତିଜ୍ଞା କରିଥିଲେ ।


ସେହିପରି ଆସନ୍ତା ଦୁଇବର୍ଷ ପାଇଁ ହରପ୍ରସାଦ ରଥ ସଭାପତି, ଶିବ ପ୍ରସାଦ ଦାସ ଉପସଭାପତି, ଅମୂଲ୍ୟ ରଞ୍ଜନ ସ୍ୱାଇଁ ସାଧାରଣ ସମ୍ପାଦକ, ଜିତେନ୍ଦ୍ର ପ୍ରଧାନ ସହ ସାଧାରଣ ସମ୍ପାଦକ, ଏ. ସମେଲେଶ୍ୱର ରାଓ, ବ୍ରଜପତି ମିଶ୍ର, ଦୀପକ ପାଢ଼ୀ, ମଳୟ କେତନ ରାୟ ଯୁଗ୍ମ ସମ୍ପାଦକ, ପବିତ୍ର କୁମାର ରାଉତ, ଅରୂପାନନ୍ଦ ବାରିକ, ଜଗନ୍ନାଥ ମହାନ୍ତି, ସୌମ୍ୟ ରଞ୍ଜନ ସିଠ ସାଂଗଠନିକ ସମ୍ପାଦକ, ଭାଗିରଥି ଜେନା ହେଡ୍ କ୍ୱାର୍ଟର ସମ୍ପାଦକ, ନରେଶ ପ୍ରଧାନ ଅର୍ଥ ସମ୍ପାଦକ, ଚିନ୍ମୟ ନାୟକ ଓ ଗୁରୁଦେବ ସିଂହ ଭୀଲ ସମୀକ୍ଷକ ଏବଂ କାର୍ଯ୍ୟକାରୀ କମିଟିକୁ ୩୦ ଜଣ ନିର୍ବାଚିତ ହୋଇଥିବାବେଳେ ଦ୍ୱାରିକାନାଥ ମହାନ୍ତିଙ୍କୁ ସଭାପତି ସହିତ ୫ ଜଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା ।

## ୬ ବାଇକ୍ ଜବତ, ୨ ଲୁଟେରା ଗିରଫ



ପୁରୀ,୨୪।୧୧(ସମିସ): ଟାଉନ୍ ଥାନା ପୁଲିସ ୨ ବାଇକ୍ ଲୁଟେରାଙ୍କୁ ଗିରଫ କରିବା ସହ ୬ଟି ବାଇକ୍ ଜବତ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ କୁମ୍ଭାରପଡ଼ା ଖାକିମଠ ନୂଆସାହିର ବୃନ୍ଦାବନ ଦାସ ଏବଂ ବାଲିସାହି ବରାହୀ ଲେନ୍‌ର ମନୋରଞ୍ଜନ ପଣ୍ଡା । ଅଭିଯୋଗ ଅନୁଯାୟୀ, ଗତ ଶନିବାର ରାତିରେ ବାଲିସାହି ଶ୍ୟାମାକାଳୀ ଲେନ୍‌ର ସଞ୍ଜୟ ମହାନ୍ତିଙ୍କ ପଲ୍‌ସର ବାଇକ୍ ତାଙ୍କ ଘର ସମ୍ମୁଖରୁ ଚୋରି ହୋଇଥିଲା । ସେ ଖୋଜାଖୋଜି କରି ନ ପାଇବା ପରେ ରବିବାର ଟାଉନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲା (ନଂ.୬୫୫/୨୫) ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଦୁଇ ଅଭିଯୁକ୍ତଙ୍କ ସମ୍ପୃକ୍ତି ସାମ୍ନାକୁ ଆସିଥିଲା । ସେମାନଙ୍କୁ ଗିରଫ କରି ଜେରା କରିବା ପରେ ଉଭୟେ ବାଇକ୍ ଲୁଟ୍ କରିଥିବା ସ୍ୱୀକାର କରିଥିଲେ । ପୁଲିସ ସେମାନଙ୍କଠାରୁ ଆଉ ୫ଟି ଚୋରା ବାଇକ୍ ମଧ୍ୟ ଜବତ କରିଥିଲା । ଏହି ୫ଟି ବାଇକ୍ ସେମାନେ ସିଂହଦ୍ୱାର ଥାନା, ସମୁଦ୍ରକୂଳ, କୁମ୍ଭାରପଡ଼ା, ତାଳବଣିଆ ଏବଂ ଜିଆର୍‌ପି ଥାନା ଅଞ୍ଚଳରୁ ଚୋରି କରିଥିଲେ । ତେବେ ତଦନ୍ତରୁ ଅଭିଯୁକ୍ତ ଦ୍ୱୟ ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ଛିନ୍‌ତାଇ, ଡକାୟତି, ଦାଦାବଟି ଆଦାୟରେ ସାମିଲ୍ ଥିବା ଜଣାପଡ଼ିଛି । ଉଭୟଙ୍କୁ ସୋମବାର ପୁଲିସ କୋର୍ଟଚାଲାଣ କରିଛି ।

# ସମ୍ପାଦକୀୟ



ଭୋଟ, ଗୁଳିଗୁଳାଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ !
-ଆବ୍ରାହାମ୍ ଲିଙ୍କନ୍

ସକାଳ
THE SAKALA

## ମୋଦୀ– ମେଲୋନି

ଜର୍ଜିଆ ମେଲୋନି ଇଟାଲୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ। ପୁରୁଷପ୍ରାଧାନ୍ୟ ନେତୃତ୍ୱ ମଧ୍ୟରେ ଜଣେ ମହିଳା ରାଷ୍ଟ୍ରମୁଖ୍ୟ ଭାବେ ସେ ବାରି ହୋଇପଡ଼ନ୍ତି। ଶୈଶବରୁ ଜୀବନ ସହ ଯୁଝିଥିବା ମେଲୋନି ନିଜର ସବୁ ଇଚ୍ଛାପୂର୍ତ୍ତିରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ ମଧ୍ୟ ହାର ସ୍ୱୀକାର କରିନାହାନ୍ତି। ମୁସୋଲିନୀଙ୍କ ଫାସୀବାଦ ଇଟାଲୀର ଜନଜୀବନରେ ଅଗ୍ରାହ୍ୟ ଓ ନିନ୍ଦିତ ହୋଇଥିବା ବେଳେ ସେ ସେହି ଦକ୍ଷିଣପନ୍ଥୀ ଆଦର୍ଶର ଅନୁଗାମୀ ହୋଇ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ତାହା ହିଁ ତାଙ୍କୁ ଶେଷରେ ରାଷ୍ଟ୍ରମୁଖ୍ୟ ହେବାର ସୁଯୋଗ ଆଣିଦେଇଛି।

ଆଦର୍ଶ ଓ ଆଚରଣଗତ ସାମ୍ୟତା ଦୃଷ୍ଟିରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ମେଲୋନିଙ୍କ ସଂପର୍କ ସୁଦୃଢ଼ ହୋଇଛି। ଏମିତିରେ ଭାରତ ୧୪୦ କୋଟି ଜନତାଙ୍କ ସର୍ବବୃହତ ଗଣତନ୍ତ୍ର। ଜି-୨୦ ଓ ଜି-୭ ଶିଖର ସମ୍ମିଳନୀର ପୃଷ୍ଠଭାଗରେ ମୋଦୀ-ମେଲୋନୀଙ୍କ ମଧ୍ୟରେ ଭାବବିନିମୟରୁ ଭାରତ ଉପକୃତ ହୋଇଛି କହିଲେ ଭୁଲ ହେବନି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ବର୍ଦ୍ଧିତ ଟାରିଫ ଓ 'ଅପରେସନ ସିନ୍ଦୂର' ପରବର୍ତ୍ତୀ ପରିସ୍ଥିତିରେ ୟୁରୋପୀୟ ରାଷ୍ଟ୍ରଙ୍କ ସହ ଭାରତର କୂଟନୈତିକ ସଂପର୍କ କ୍ଷୁଣ୍ଣ ହୋଇଥିବା ବେଳେ ମେଲୋନିଙ୍କ ପ୍ରଭାବୀ ଭୂମିକା ମାର୍ଗଦର୍ଶନରେ ସହାୟକ ହୋଇଥିଲା। ୟୁରୋପୀୟ ରାଷ୍ଟ୍ର ସଂଘ ସହ ଭାରତର ବାଣିଜ୍ୟିକ ଚୁକ୍ତିନାମା ସଂପ୍ରତି ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିଛି। ଦୁଇ ନେତୃତ୍ୱ ମଧ୍ୟରେ ସଂପର୍କର ଘଟଣାକ୍ରମ ଏକ ସେଲଫିକୁ ନେଇ ବେଶ ରୋଚକ ମୋଡ଼ ନେଇଥିଲା। ଦୁବାଇରେ ଅନୁଷ୍ଠିତ ସିଓପି – ୨୮ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ ଦୁଇ ରାଷ୍ଟ୍ରମୁଖ୍ୟ। ସେତେବେଳେ ମେଲୋନି ମୋଦୀଙ୍କ ସହ ଉଠାଇଥିବା ସେଲ୍‌ଫି ପୋଷ୍ଟ କରିଥିଲେ। ଏହାର ଉତ୍ତରରେ ଦୁଇ ରାଷ୍ଟ୍ର ସଂପର୍କ ସୁଦୃଢ଼ ଓ ନିବିଡ଼ ହେଉ ବୋଲି କାମନା କରିଥିଲେ ମୋଦୀ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ୭୫ ତମ ଜନ୍ମଦିବସରେ ମେଲୋନି ପଠାଇଥିବା ଶୁଭେଚ୍ଛା ଭିଡିଓ, ମେଲୋନିଙ୍କ ଆତ୍ମଜୀବନୀ ପୁସ୍ତକର ଭାରତୀୟ ସଂସ୍କରଣରେ ମୋଦୀ ଲେଖିଥିବା ଭୂମିକାରେ ପରସ୍ପର ପ୍ରତି ଥିବା ଶ୍ରଦ୍ଧା ଓ ସମ୍ମାନ ପରିସ୍ଫୁଟ ହୋଇଛି। କୂଟନୈତିକ ସ୍ତରରେ ଏଭଳି ସଂପର୍କ ଓ ସଦ୍‌ଭାବର କେବଳ ଆବଶ୍ୟକତା ନୁହେଁ ସ୍ୱତନ୍ତ୍ର ଗୁରୁତ୍ୱ ମଧ୍ୟ ରହିଛି।

ଦକ୍ଷିଣ ଆଫ୍ରିକାର ଜୋହନ୍‌ସବର୍ଗରେ ଆୟୋଜିତ ଜି-୨୦ ଶିଖର ସମ୍ମିଳନୀରେ ଦୁଇ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ପୁଣି ଆଳାପଆଲୋଚନା ହୋଇଛି। ଏଥର ଉଦ୍‌ଘାଟନୀ ଦିବସରେ ମିଳିତ ଘୋଷଣାନାମା ଜାରି କରାଯାଇଛି। ଆତଙ୍କବାଦର ସମସ୍ତ ସ୍ୱରୂପକୁ ଉପସ୍ଥିତ ସବୁନେତା ମିଳିତ ସ୍ୱରରେ ନିନ୍ଦା କରିବା ଭାରତ ପାଇଁ ଏକ ବଡ଼ ସଫଳତା କୁହାଯାଇପାରେ। ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥାପନ କରିଥିବା ୪ଟି ପ୍ରସ୍ତାବ ମଧ୍ୟରୁ ଡ୍ରଗ୍ସ ଆତଙ୍କବାଦ ସଂପର୍କ ଓ ସ୍ୱାସ୍ଥ୍ୟଯତ୍ନ ପାଇଁ ବିଶ୍ୱସ୍ତରୀୟ ଟିମ ବା ଗୋଷ୍ଠୀର ଗଠନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆମେରିକା, ଚୀନ ଓ ରୁଷିଆର ଅନୁପସ୍ଥିତି ସତ୍ତ୍ୱେ ଏହି ଶିଖର ସମ୍ମଳନୀରେ ଅନୁମୋଦିତ ପ୍ରସ୍ତାବ ବିଶ୍ୱ ସମୁଦାୟର ଆସ୍ଥା ଓ ବିଶ୍ୱାସଭାଜନ ହେବ ବୋଲି ଆଶା କରୁ।

## ନିଲାମ ନୁହେଁ, ଲଟେରୀ

ଆନ୍ତଃ ରାଜ୍ୟ ବାଲିମାଫିଆ ଓଡ଼ିଶାରେ ସକ୍ରିୟ। ସ୍ଥାନୀୟ ଲୋକଙ୍କ ସହାୟତା ବିନା ଏହା ଅସମ୍ଭବ। ସରକାରଙ୍କ ଜ୍ଞାତସାରରେ ଏସବୁ ଚାଲିଛି। ରାଜ୍ୟବାସୀଙ୍କ ଚାହିଦା ବା ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଅଧିକ ମୂଲ୍ୟ ଦେବାକୁ ପଡୁଛି। ରାଜ୍ୟ ବାହାରକୁ ବାଲିଚାଲଣ ରୋକିବାରେ ସରକାର ଅସମର୍ଥ ହୋଇଛନ୍ତି। ତେଣୁ ନିକଟରେ ସରକାର ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ – ୨୦୧୬ ର ସଂଶୋଧନ ମାଧ୍ୟମରେ ସ୍ଥିତି ସୁଧାରିବାକୁ ଅଣ୍ଟା ଭିଡ଼ିଛନ୍ତି। ଏଣିକି ସାରା ରାଜ୍ୟରେ ଗୋଟିଏ ବାଲି ଦର ଲାଗୁ ହେବ। ରାଜ୍ୟ ସରକାର ବାଲି ପାଇଁ ଏମଏସପି (ସର୍ବାଧିକ ବିକ୍ରିମୂଲ୍ୟ) ଧାର୍ଯ୍ୟ କରିବେ। ବାଲିଘାଟଧାରୀ ସରକାରଙ୍କ ଧାର୍ଯ୍ୟ ଦରରେ ବିକିବେ। ଏହାର ଉଲ୍ଲଙ୍ଘନ ହେଲେ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ସରକାରୀ ନିଷ୍ପତ୍ତିର ସବୁଠାରୁ ଉଲ୍ଲେଖନୀୟ ଦିଗ ହେଲା, ଇ-ନିଲାମ ପରିବର୍ତ୍ତେ ଇ-ଲଟେରୀ ମାଧ୍ୟମରେ ବାଲିଘାଟଗୁଡ଼ିକୁ ଲିଜ୍ ଦିଆଯିବ। ନିଲାମ ଓ ଲଟେରୀ ବ୍ୟବସ୍ଥାରେ ଥିବା ପାର୍ଥକ୍ୟ ସହଜରେ ଅନୁମେୟ। ସରକାରଙ୍କ ପାଖଲୋକଙ୍କୁ ଖୋଲାହାତରେ ବାଲିଘାଟ ଲିଜ୍ ଦେବାରେ ଲଟେରୀ ବ୍ୟବସ୍ଥା ସହାୟକ ହେବ। ଯେଉଁ କାରଣରୁ ଲଘୁ ଖଣିଜ ସାମଗ୍ରୀ ଲୁଟ ଓ ଚୋରା ଚାଲାଣକୁ ରୋକାଯାଇ ପାରୁନି, ତାହାର କ୍ଷେତ୍ର ଏହାଦ୍ୱାରା ସଂପ୍ରସାରିତ ହେବ। ଅନ୍ୟଏକ ଦିଗ ହେଲା ରାଜ୍ୟ ବାହାରକୁ ବାଲି ଚୋରାଚାଲାଣ ରୋକିବା ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ।

ବର୍ଷାଋତୁରେ ନଦୀରେ ପାଣି ଆସୁଥିବାରୁ ବାଲି ଦୁର୍ଲଭ ହୋଇପଡ଼େ। ବାଲି ମାଫିଆମାନେ ଯଥେଷ୍ଟ ପୂର୍ବରୁ ନଦୀ ଶଯ୍ୟାରୁ ବାଲି ଉଠାଇ ବିଭିନ୍ନ ସ୍ଥାନରେ ଗଚ୍ଛିତ କରି ରଖିଥା'ନ୍ତି। ସେହି ସୂତ୍ରରୁ ମନଇଚ୍ଛା ମୂଲ୍ୟ ନିର୍ଦ୍ଧାରଣ କରି ଲୋକଙ୍କୁ ଯୋଗାଇଥା'ନ୍ତି। ଷ୍ଟୋରେଜ ଲାଇସେନ୍ସ ବିନା କେହି ବାଲି ଗଚ୍ଛିତ ରଖିପାରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହା ଉଭୟ ବାଲି ଓ ଅନ୍ୟ ଲଘୁଖଣିଜ ସାମଗ୍ରୀ କ୍ଷେତ୍ରରେ ପ୍ରୟୋଗ କରାଯିବ। ଖଣିଜ ପଦାର୍ଥର ମାନ ନିର୍ଣ୍ଣୟରେ ଚାଲିଥିବା କାରସାଦିକୁ ରୋକିବା ସକାଶେ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗ କରାଯିବ। ଏପରିକି ଚୋରା ଖଣିଜ ପଦାର୍ଥ ଜବତ ସମୟରେ ମଧ୍ୟ ପୋର୍ଟେବଲ୍ ବିଶ୍ଳେଷକ ମାଧ୍ୟମରେ ଗ୍ରେଡ୍ ନିର୍ଦ୍ଧାରଣ କରାଯିବ। ସେହିପରି ସବୁ ଖଣିରେ ଆରଏଫଆଇଡି ବୁମ ବ୍ୟାରିୟର ଲଗାଯିବ। ଫଳରେ ଖଣିରୁ ମାଲବାହୀ ଗାଡ଼ି ବାହାରିବା ସମୟରେ ଟ୍ରାକିଂ କରାଯାଇ ପାରିବ। କେଉଁଠି ଓ କାହା ମାଧ୍ୟମରେ ଚୋରା ଖଣିଜ ସାମଗ୍ରୀ ଚାଲାଣ ହେଉଛି ତାହା ଧରିବାରେ ଏହା ସହାୟକ ହେବ। ଓଡ଼ିଶା ଖଣିଜ ପଦାର୍ଥ ୨୦୨୫ ସଂଶୋଧନ ଆଇନରେ ଏହି ସବୁ ଦିଗ ପ୍ରତି ଧ୍ୟାନ ଦିଆଯାଇଛି।

ବ୍ୟବସ୍ଥାଗତ ପରିବର୍ତ୍ତନ ଓ ତାହାର କାର୍ଯ୍ୟକାରିତାରେ କେଉଁଠି ନା କେଉଁଠି ଅସାମାଞ୍ଜସ୍ୟ ରହିଯାଉଥିବାରୁ ରାଜ୍ୟରୁ ଲଘୁଖଣିଜ ସାମଗ୍ରୀ ଲୁଟ୍‌କୁ ରୋକାଯାଇ ପାରୁନାହିଁ। ଲିଜଧାରୀ ପ୍ରତ୍ୟକ୍ଷରେ ରାଜନୈତିକ ବ୍ୟକ୍ତିବିଶେଷ ନହେଲେ ମଧ୍ୟ ତାଙ୍କ ଚେଲାଚାମୁଣ୍ଡାଙ୍କୁ ସୁବିଧା ସୁଯୋଗ ମିଳୁଛି। ଏକ୍ଷେତ୍ରରେ ଇ-ଲଟେରୀ ବ୍ୟବସ୍ଥା ଯେ ସହାୟକ ହେବ ଏଥିରେ ଦ୍ୱିମତ ହେବାର ନାହିଁ। ଏବାବଦରେ ରୋଜଗାର ହେଉଥିବା କଳାଧନକୁ ରୋକିବା ପରିବର୍ତ୍ତେ ସରକାର ବ୍ୟବସ୍ଥିତ ଢଙ୍ଗରେ ମୁକୁଳା କରିଦେବାର ସୁଯୋଗ ସୃଷ୍ଟି କରିଛନ୍ତି। ତେଣୁ ଆଗାମୀ ଦିନରେ ଧରପଗଡ଼ ଆହୁରି ଢିଲା ହୋଇଯିବା ଏକପ୍ରକାର ଥୟ।

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ପୁଞ୍ଜି

ଅଂଶୁମାନ ନାୟକ



ନିକଟରେ ବିହାର ନିର୍ବାଚନ ପ୍ରକ୍ରିୟା ଶେଷ ହୋଇ ନୂଆ ସରକାର ଶପଥ ନେଇଛି। ଗଣତନ୍ତ୍ରର ଏହି ପର୍ବରେ ବହୁତ କିଛି ଦେଖିବାକୁ ମିଳିଥିଲା, ଯାହାକି ରୋମାଞ୍ଚକର ଥିଲା। ନିର୍ବାଚନ ପ୍ରଚାର ପାଇଁ ହେଲିକପ୍ଟର ଓ ଚାର୍ଟାର୍ଡ ପ୍ଲେନ୍‌ର ବହୁଳତା ଦେଖିବାକୁ ମିଳିଥିଲା। ଗଣମାଧ୍ୟମରେ ପ୍ରକାଶିତ ତଥ୍ୟାନୁଯାୟୀ ନଭେମ୍ବର ୧୧ ତାରିଖ ସୁଦ୍ଧା ପାଟ୍‌ନା ଆନ୍ତର୍ଜାତିକ ବିମାନ ବନ୍ଦରରେ ଦୈନିକ ୨୫ଟି ହେଲିକପ୍ଟର ଓ ୧୨ଟି ଚାର୍ଟାର୍ଡ ବିମାନ ଚଳାଚଳ କରୁଥିଲେ। ସାଧାରଣ ଭାବରେ ଏକଇଞ୍ଜିନ ବିଶିଷ୍ଟ ଏକ ହେଲିକପ୍ଟର ଘଣ୍ଟା ପିଛା ୧.୫ ଲକ୍ଷ ଟଙ୍କା ଭଡ଼ା ନେଉଥିବା ବେଳେ ଦ୍ୱୈତଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଘଣ୍ଟା ପିଛା ୨.୫ ଲକ୍ଷ ଟଙ୍କା ଭଡ଼ା ନେଇଥାଏ। ସେହିପରି ଏକ ଚାର୍ଟାର୍ଡ ପ୍ଲେନ୍ ଘଣ୍ଟା ପିଛା ୪ ରୁ ୯ ଲକ୍ଷ ଟଙ୍କା ଭଡ଼ା ନିଏ। ଏହା ତ କେବଳ ନିର୍ବାଚନ ପ୍ରଚାର ପାଇଁ ଯିବା ଆସିବାର ଖର୍ଚ୍ଚ। ଏକ ରିପୋର୍ଟ ଅନୁଯାୟୀ ସମସ୍ତ ରାଜନୈତିକ ଦଳ ୨୦୦ କୋଟିରୁ ଅଧିକ ଟଙ୍କା କେବଳ ଅନ୍‌ଲାଇନ୍ ପ୍ରଚାର ମାଧ୍ୟମରେ ଖର୍ଚ୍ଚ କରିଛନ୍ତି।

୨୦୨୨ ମସିହାରେ ଭାରତୀୟ ନିର୍ବାଚନ ଆୟୋଗ ଦ୍ୱାରା ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା, ଯେଉଁଥିରେ ନିର୍ବାଚନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ଖର୍ଚ୍ଚର ବିବରଣୀ ଦିଆଯାଇଥିଲା। ସେ ବିଜ୍ଞପ୍ତି ଅନୁସାରେ ସଂସଦୀୟ ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ସର୍ବାଧିକ ୯୫ ଲକ୍ଷ ଟଙ୍କା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ଜଣେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରିପାରିବେ। ସେହି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟର ଜନସଂଖ୍ୟା ଆଧାରରେ ନିର୍ବାଚନ ଖର୍ଚ୍ଚର ସୀମା ନିର୍ଦ୍ଧାରଣ କରାଯାଇଥିଲା। କିନ୍ତୁ ଏହାକୁ ମାନୁଛି କିଏ? ଏଡିଆର(ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମ)ର ରିପୋର୍ଟ ଅନୁସାରେ ୨୦୨୪ ମସିହାର ସଂସଦୀୟ ନିର୍ବାଚନ ଏବଂ କିଛି ରାଜ୍ୟ ପାଇଁ ହୋଇଥିବା ବିଧାନସଭା ନିର୍ବାଚନରେ ପାଞ୍ଚୋଟି ଜାତୀୟ ଦଳ ଏବଂ ୨୭ଟି ଆଞ୍ଚଳିକ ଦଳ ମିଶି ୩, ୩୫୨.୮୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, ଯେଉଁଥିରେ କି ଭାରତର ଦୁଇ ପ୍ରମୁଖ ଦଳ ବିଜେପି ୧୪୯୩.୯୧ କୋଟି ଏବଂ କଂଗ୍ରେସ ୬୨୦.୧୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି।

ଏହାତ କେବଳ ଏକ ରାଜନୈତିକ ଦଳର ନିର୍ବାଚନ ପ୍ରଚାର ପାଇଁ ହୋଇଥିବା ଖର୍ଚ୍ଚର ଆଧିକାରିକ ବିବରଣୀ। କିନ୍ତୁ ନିର୍ବାଚନ ପାଇଁ ଲଢୁଥିବା ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ନିଜ ପାଖରୁ ବହୁପରିମାଣ ଖର୍ଚ୍ଚ କରନ୍ତି। ଏଥିରୁ ଏହା ପ୍ରମାଣିତ ହେଉଛି ଯେ ନିର୍ବାଚନ ଲଢ଼ିବା ଏକପ୍ରକାର ବ୍ୟୟବହୁଳ ହୋଇପଡ଼ିଛି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶର ୪୪% ଜିତିଥିବା ପ୍ରାର୍ଥୀଙ୍କର ନିଜସ୍ୱ ବ୍ୟକ୍ତିଗତ ସମ୍ପତ୍ତି ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ। ଏଡିଆରର ୧୮୩ ପୃଷ୍ଠା ବିଶିଷ୍ଟ ରିପୋର୍ଟ ଅନୁଯାୟୀ ସଦ୍ୟସମାପ୍ତ ବିହାର ନିର୍ବାଚନରେ ଯେଉଁ ପ୍ରାର୍ଥୀମାନେ ନିର୍ବାଚନ ଜିତିଛନ୍ତି, ସେମାନଙ୍କ ମଧ୍ୟରୁ ୯୦% (୨୪୩ ରୁ ୨୧୮ ଜଣ ପ୍ରାର୍ଥୀ) କୋଟିପତି। ଏହି ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ କୋଟିପତି ପ୍ରାର୍ଥୀମାନଙ୍କର ସଂଖ୍ୟା ପ୍ରତି ନିର୍ବାଚନ ବର୍ଷରେ ବଢ଼ିଚାଲିଛି। ୨୦୧୦ ମସିହାରେ ଜିତିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୪୫ ଜଣ କୋଟିପତି ଥିଲେ, ୨୦୧୫ ମସିହାରେ ୧୬୨ ଜଣ, ୨୦୨୦ ମସିହାରେ ୧୯୪ ଜଣ ଏବଂ ବର୍ତ୍ତମାନ ୨୦୨୫ ମସିହା ନିର୍ବାଚନରେ ୨୧୮ ଜଣ ଜିତିଥିବା କୋଟିପତି ପ୍ରାର୍ଥୀ।

ଏଡିଆର ରିପୋର୍ଟ ଅନୁସାରେ ବିଜେପିର ୮୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୭ ଜଣ, ଜେଡିୟୁର ୮୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୭୮ ଜଣ, ଆରଜେଡିର ୨୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୨୪ ଜଣ, ଏଲଜେପିର ୧୯ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣ, ଏଚଏଏମ୍‌ର ୫ ଜଣ ଜିତିଥିବା ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣ, ଏପରିକି କଂଗ୍ରେସର ସମସ୍ତ ୬ ଜଣ ବିଜେତା ପ୍ରାର୍ଥୀ ହେଉଛନ୍ତି କୋଟିପତି। ଏଆଇଏମ୍‌ଆଇଏମ୍‌ର ସମସ୍ତ ୫ ଜଣ ବିଜେତା ପ୍ରାର୍ଥୀ, ଆରଏଲ୍‌ଏମ୍‌ର ସମସ୍ତ ୪ ଜଣ ଜିତିଥିବା ପ୍ରାର୍ଥୀ, ସିପିଆଇଏମ୍, ଆଇଆଇପି, ବିଏସ୍‌ପି ପ୍ରାର୍ଥୀ ମଧ୍ୟ କୋଟିପତି। ଯଦି ସମସ୍ତ ଜିତିଥିବା ବିଧାୟକମାନଙ୍କର ସମସ୍ତ ସମ୍ପତ୍ତିକୁ ଏକାଠି କରାଯିବ ତାହା ୨୧୯୨ କୋଟି ଟଙ୍କା ହେବ।

ଏହାଫଳରେ ସାଧାରଣ ବର୍ଗରୁ ଆସୁଥିବା ଲୋକମାନେ ନିର୍ବାଚନରେ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ ମଧ୍ୟ କରି ପାରୁନାହାନ୍ତି। ଏ ପ୍ରକାର ପରିସ୍ଥିତି କେବଳ ଭାରତରେ ନୁହେଁ, ସମ୍ପୂର୍ଣ୍ଣ ବିଶ୍ୱରେ ସୃଷ୍ଟି ହୋଇସାରିଛି। ଏପରିକି ବିଶ୍ୱର ସବୁଠାରୁ ପୁରୁଣା ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥିତି ମଧ୍ୟ ଭିନ୍ନ ନୁହଁ। ଆମେରିକାନ୍ ଫର ଟ୍ୟାକ୍ସ ଫେୟାରନେସ୍ ବା ଏଟିଏଫ୍‌ର ଏକ ରିପୋର୍ଟ ଅନୁସାରେ ୨୦୨୪ ମସିହାରେ ହୋଇଥିବା ଆମେରିକୀୟ ରାଷ୍ଟ୍ରପତି ନିର୍ବାଚନରେ ଭାଗ ନେଇଥିବା ଡୋନାଲ୍ଡ ଟ୍ରମ୍ପଙ୍କର ସମର୍ଥନରେ ୧୦୦ ଜଣ ଧନୀ ପରିବାର ୨.୬ ବିଲିୟନ୍ ଡଲାର ଖର୍ଚ୍ଚ କରିଥିଲେ। ଏପରି ଭାବରେ ବିଭିନ୍ନ ଦେଶମାନଙ୍କର ସ୍ଥିତି କିଛିମାତ୍ରାରେ ସମାନ।

ଅପରପକ୍ଷରେ ଏହାମଧ୍ୟରେ ବହୁତ ଉଦାହରଣ ମଧ୍ୟ ଅଛି, ଯେଉଁଥିରେ କି ସାଧାରଣ ବର୍ଗରୁ ଆସିଥିବା ଲୋକ ମଧ୍ୟ ଏହି ବ୍ୟୟବହୁଳ ଗଣତାନ୍ତ୍ରିକ ନିର୍ବାଚନରେ ଭାଗ ନେଇ ନିଜର ଦକ୍ଷତା ବଳରେ ନିର୍ବାଚନ ଜିତିଛନ୍ତି। ୨୦୧୯ ମସିହା ଓଡ଼ିଶା ବିଧାନସଭା ନିର୍ବାଚନରେ ରାୟଗଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଆଦିବାସୀ ନେତା ମକରନ୍ଦ ମୁଦୁଲି ମାତ୍ର ୧୫୦୦୦ ଟଙ୍କା ଖର୍ଚ୍ଚରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚନ ଜିତିଥିଲେ, ଯାହାକି ସେ ସମୟରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଆମେରିକାରେ ମଧ୍ୟ ସେଭଳି ଏକ ଆଶ୍ଚର୍ଯ୍ୟ ଘଟଣା ହୋଇଛି। ଆମେରିକାର ନ୍ୟୁୟର୍କ ସହର ପାଇଁ ହୋଇଥିବା ମେୟର ନିର୍ବାଚନରେ ମମଦାନୀ ପୁଞ୍ଜିପତିମାନଙ୍କର ବିନା ସମର୍ଥନରେ ଏବଂ ଏକ ଅଲଗା ବିଚାରଧାରା ନେଇ ମେୟର ନିର୍ବାଚନରେ ବିଜୟ ଲାଭ କରିଛନ୍ତି। ଏପରିକି ତାଙ୍କୁ ହରାଇବା ପାଇଁ ନ୍ୟୁୟର୍କର ଅଧିକାଂଶ ପୁଞ୍ଜିପତି ମମଦାନୀଙ୍କର ବିରୋଧୀଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରିଥିଲେ। ଆମେରିକା ଭଳି ରାଷ୍ଟ୍ର, ଯାହା ପୁଞ୍ଜିବାଦ ଭଳି ବିଚାରଧାରାରେ ତିଆରି ହୋଇଛି, ମମଦାନୀଙ୍କର ବିଜୟ ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଲୋକମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିଛି ବୋଲି କହିଲେ ଭୁଲ ହବ ନାହିଁ। ମକରନ୍ଦ ମୁଦୁଲି ଓ ମମଦାନୀଙ୍କ ଭଳି ନେତୃତ୍ୱ ନେଉଥିବା ବ୍ୟକ୍ତିମାନେ ପ୍ରମାଣିତ କରିଦେଇଛନ୍ତି ଯେ ଉପଯୁକ୍ତ ରଣକୌଶଳ ଏବଂ ଲୋକସମ୍ପର୍କ ବଳରେ ସବୁକିଛି ସମ୍ଭବ କରାଯାଇପାରିବ। ତାହା ରାୟଗଡ଼ାର ଆଦିବାସୀବହୁଳ ଅଞ୍ଚଳ ହେଉ କି ନ୍ୟୁୟର୍କ ଭଳି ମହାନଗର ହେଉ।

ଗଣତନ୍ତ୍ରରେ ପୁଞ୍ଜିର ବ୍ୟବହାର ପୂର୍ବରୁ ଥିଲା, ଏବେ ବି ଅଛି ଏବଂ ଆଗକୁ ମଧ୍ୟ ରହିବ। ଏଭଳି ଏକ କଟୁ ସତ୍ୟକୁ ଆପଣମାନଙ୍କୁ ସ୍ୱୀକାର କରିବା ପାଇଁ ପଡ଼ିବ। ମୋ ମତରେ ପୁଞ୍ଜି କହିଲେ ତିନୋଟି କଥାକୁ ବୁଝାଏ। ତାହା ହଉଛି ଉପଯୁକ୍ତ ରଣକୌଶଳ, ଲୋକସମ୍ପର୍କ ଏବଂ ନେତୃତ୍ୱ ନେବାର ଦକ୍ଷତା। ଏହି ତିନୋଟି ପୁଞ୍ଜି ସାମ୍ନାରେ ଗଣତନ୍ତ୍ରର ନିର୍ବାଚନ ମହାପର୍ବରେ ପୁଞ୍ଜିପତିମାନଙ୍କର ଅର୍ଥସମ୍ବଳ ମଧ୍ୟ ହାର ମାନିଯାଏ।

ମୋ: ୯୮୬୨୧୫୫୬୭୪୭

# ଗଣିତ ଭୟ ଓ ସଙ୍ଗୀତ ଲୟ

ଡ. ଅନ୍ତର୍ଜିତା ନାୟକ

ଗଣିତକୁ ସର୍ବଦା 'ବିଜ୍ଞାନର ରାଣୀ' କୁହାଯାଏ। ତଥାପି ଅନେକ ପିଲାଙ୍କ ପାଇଁ ଏହା ରାଣୀ ଅପେକ୍ଷା ଏକ ରାକ୍ଷାସୁଣୀ ଭାବେ ଗଣାଯାଏ। ଗଣିତ ପଢ଼ା ହେଉଥିବା ସମୟରେ ଶ୍ରେଣୀଗୃହରେ ଆପଣ ଦେଖିପାରିବେ ପିଲାଙ୍କ ଚିନ୍ତିତ ଓ ଡରୁଆ ଚେହେରା। ଗଣିତ ପରୀକ୍ଷା ସମୟରେ ପିଲାମାନେ ଭଗବାନଙ୍କୁ ପ୍ରାର୍ଥନା କରୁଥିବାର ଦେଖିବାକୁ ମଧ୍ୟ ମିଳେ। ଏହି ଚିନ୍ତା ଏକ ଛୋଟ ପ୍ରସଙ୍ଗ ନୁହେଁ, ବରଂ ଏକ ଜାତୀୟ ଚିନ୍ତାର ବିଷୟ। ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆରଟି) ଦ୍ୱାରା କରାଯାଇଥିବା ସର୍ବେକ୍ଷଣ ଅନୁଯାୟୀ, ଗଣିତ ହିଁ ସ୍କୁଲ ଶିକ୍ଷାରେ ନିମ୍ନ ପ୍ରଦର୍ଶନ ଓ ଉଦାସୀନତାର ପ୍ରମୁଖ କାରଣ।

ଗଣିତର ଏହି ଭୟକୁ ଅଧିକ ଟ୍ୟୁସନ୍ ବା ଅତିରିକ୍ତ କ୍ଲାସ୍ ବଦଳରେ ସଂଗୀତ ମାଧ୍ୟମରେ ଦୂରେଇ ହେବ ବୋଲି ଯଦି କୁହାଯାଏ, ତେବେ ଅନେକ ଲୋକ ଭାବିବେ ଯେ ସଂଗୀତ କେମିତି ଗଣିତ ଭୟକୁ ଦୂରେଇବ? ଯେଉଁଠି ଗଣିତ ତର୍କ, ସୂତ୍ର ଓ ନିର୍ଭୁଲତା ଦ୍ୱାରା ପରିଚାଳିତ; ସଙ୍ଗୀତ ତାଳ, ଛନ୍ଦ, ଲୟ, ଆବେଗ ଓ ସୃଜନଶୀଳତା ଦ୍ୱାରା ପରିଚାଳିତ। ତଥାପି, ଗଣିତ ଓ ସଂଗୀତ ଦୁହେଁ ଗଭୀର ଭାବରେ ଜଡ଼ିତ। ଏକ ମ୍ୟୁଜିକାଲ୍ ସ୍କେଲ୍‌ର ଗଠନଠାରୁ ଆରମ୍ଭ କରି ବାଦ୍ୟର ତାଳ ପର୍ଯ୍ୟନ୍ତ, ବୀଣା ତାରର କମ୍ପନଠାରୁ ଆରମ୍ଭ କରି ବିଥୋଭେନର ଜଟିଳ ସିମ୍ଫୋନି ପର୍ଯ୍ୟନ୍ତ, ଗଣିତ ଓ ସଂଗୀତ ଜଡ଼ିତ। ଏହି ଆକର୍ଷଣୀୟ ସମ୍ପର୍କ ଆମର ମନୋବିଜ୍ଞାନ, ଶିକ୍ଷଣ ଅଭିବୃଦ୍ଧି ଓ ମାନସିକ ସୁସ୍ଥତାକୁ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

'ଗଣିତ ଭୟ'କୁ ଭାଙ୍ଗିବାର ସଂଗୀତର ରହିଛି ଅନନ୍ୟ କ୍ଷମତା। ଯେତେବେଳେ ଗଣିତକୁ ସଙ୍ଗୀତ ସହିତ ଯୋଡ଼ି ଦିଆଯାଏ, ପିଲାମାନେ ଏହାକୁ ଆଉ ଚାପ ଭାବରେ ନୁହେଁ, ବରଂ ଆନନ୍ଦଦାୟକ ଅନ୍ୱେଷଣ ଦୃଷ୍ଟିରେ ଦେଖନ୍ତି। ଗଣିତ ପ୍ରତି ଭୟ କେବଳ ଏକ ଶିକ୍ଷାଗତ ସମସ୍ୟା ନୁହେଁ, ବରଂ ଏହା ମନସ୍ତାତ୍ତ୍ୱିକ ସମସ୍ୟା ମଧ୍ୟ। ଯେତେବେଳେ ଗଣିତ ପରୀକ୍ଷା ଥାଏ, ସେତେବେଳେ ପିଲାମାନଙ୍କର କର୍ଟିସୋଲ୍ ପରି ଚାପ ହରମୋନ୍ ବୃଦ୍ଧି ପାଇଥାଏ, ଯାହା ସେମାନଙ୍କର ଯୁକ୍ତିଯୁକ୍ତ ଚିନ୍ତନ ବା ଚିନ୍ତାଶୈଳୀର କ୍ଷମତାକୁ ଅସ୍ୱଷ୍ଟ ଓ ବ୍ୟାଘାତ କରିଥାଏ। ଅପରପକ୍ଷରେ ସଙ୍ଗୀତ ଡୋପାମାଇନ୍ ନାମକ ରାସାୟନିକକୁ ସକ୍ରିୟ କରି ମସ୍ତିଷ୍କ ତରଙ୍ଗକୁ ସମନ୍ୱିତ କରି ଏହି ପ୍ରଭାବକୁ ସନ୍ତୁଳିତ କରିପାରେ। ସଙ୍ଗୀତ ଉତ୍ତେଜନା ହ୍ରାସ କରି ଏକ ଶାନ୍ତ ମାନସିକ ଅବସ୍ଥା ସୃଷ୍ଟି କରେ, ଯେଉଁଥିରେ ପିଲାମାନେ ଭୟ ପରିବର୍ତ୍ତେ ଆତ୍ମବିଶ୍ୱାସର ସହ ଗଣିତର ସମାଧାନ କରିପାରନ୍ତି।

ଯଦି ଗଣିତ କ୍ଲାସ୍ ପୂର୍ବରୁ କିଛି ମିନିଟ୍ ପାଇଁ ବଂଶୀ କିମ୍ବା ବୀଣା ପରି ଆରାମଦାୟକ ବାଦ୍ୟଯନ୍ତ୍ର ପିଲାଙ୍କୁ ଶୁଣିବାକୁ ଦିଆଯାଏ, ତେବେ ତାହା ଚାପ ହ୍ରାସ କରିଥାଏ ଏବଂ ମସ୍ତିଷ୍କକୁ ଉନ୍ନତ ଧ୍ୟାନ ଓ ଶିକ୍ଷଣ ପାଇଁ ପ୍ରସ୍ତୁତ କରିଥାଏ। ଗଣିତ ଶିକ୍ଷାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ପିଲାମାନେ କାହାଣୀ କିମ୍ବା ଚିତ୍ରକୁ ଯେପରି ଦେଖନ୍ତି ସେପରି ସଂଖ୍ୟାକୁ ଦେଖିପାରନ୍ତି ନାହିଁ। ସେହି ପରିପ୍ରେକ୍ଷୀରେ ସଂଗୀତ ଏକ ସେତୁ ଭାବରେ କାର୍ଯ୍ୟ କରିପାରେ, ଯାହା ରସହୀନ ସଂଖ୍ୟାଙ୍କୁ ଅଧିକ ବାସ୍ତବ ଓ ଆନନ୍ଦଦାୟକ କରିଦିଏ। ସଙ୍ଗୀତ ସଂଖ୍ୟାକୁ ଭୌତିକ ଓ ଶ୍ରବଣକ୍ଷମ କରି ଏହି ବ୍ୟବଧାନକୁ ପୂରଣ କରିଥାଏ। ତାଳଧ୍ୱନି, ଜପ, ବାଜା, ଗୁଣନ ଓ ସ୍ମରଣକୁ ଛନ୍ଦୋବଦ୍ଧ ଭାବରେ ତ୍ୱରାନ୍ୱିତ କରେ।

ଶିକ୍ଷା ସହିତ ସଙ୍ଗୀତର ମିଶ୍ରଣ ଭାରତର ଏକ ସମୃଦ୍ଧ ପରମ୍ପରା ଭାବେ ବିଦ୍ୟମାନ। ଗ୍ରାମୀଣ ସ୍କୁଲଗୁଡ଼ିକରେ ପ୍ରାୟତଃ ଗୁଣନ ଓ ଗଣିତ ଶିକ୍ଷା, ଜ୍ଞାନାତ୍ମକ ଉପକରଣ ଭାବରେ ଲୋକଗୀତ ମାଧ୍ୟମରେ ପ୍ରଦାନ କରାଯାଏ। ଓଡ଼ିଶାର ଅନେକ ସ୍କୁଲରେ ସ୍ଥାନୀୟ ଭାଷାରେ ଏକ ସୁରରେ ବା ତାଳରେ ଗୁଣନ ଗାନ କରାଯାଏ। ଏହା ଗଣିତ ଭୟକୁ ହ୍ରାସ କରିବା ସହିତ ସ୍ୱଦେଶୀ ପରମ୍ପରାକୁ ସମ୍ମାନ ଦେଇ ସମାବେଶୀତା ମଧ୍ୟ ବୃଦ୍ଧି କରେ। ତାମିଲନାଡୁ ଓ କେରଳରେ, 'ତାଳାତ୍ମକ କୋଲଟ୍ଟମ୍'(ଲାଠି ନୃତ୍ୟ) ମାଧ୍ୟମରେ ବିଭାଜନ ଓ ଅନୁପାତ ଶିକ୍ଷା ଦିଆଯାଏ, ଯାହା ଗଣିତକୁ ଉଭୟ ସ୍ଥାନୀୟ ଓ ଜୀବନ୍ତ କରିଥାଏ। କର୍ଣ୍ଣାଟକୀ ସଙ୍ଗୀତ ପ୍ରଶିକ୍ଷଣକୁ ସମନ୍ୱିତ କରୁଥିବା ଅନେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଣିତରେ ଉନ୍ନତ ଧୈର୍ଯ୍ୟ ଓ ଧ୍ୟାନ ପ୍ରଦର୍ଶନ କରନ୍ତି।

ଦକ୍ଷିଣ ଭାରତର ଅନେକ ବିଦ୍ୟାଳୟ ଶ୍ରେଣୀଗୃହରେ ମୃଦଙ୍ଗମ(ତାଳବାଦ୍ୟ) ପ୍ରଶିକ୍ଷଣକୁ ଗଣିତ ଶିକ୍ଷା ସହ ସମନ୍ୱିତ କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ ଯେଉଁ ପିଲାମାନେ ତାଳଚକ୍ର (ଜଟିଳ ସ୍ପନ୍ଦନ ସଂରଚନା) ଅଭ୍ୟାସ କରନ୍ତି ସେମାନେ ବୀଜଗଣିତର କ୍ରମ ଓ ଗାଣିତିକ ସମସ୍ୟାର ସମାଧାନ କରିବାରେ ଅଧିକ ସକ୍ଷମ ହୋଇଥା'ନ୍ତି। ଭାରତରେ କିଛି ସ୍କୁଲ, ଗଣିତ ପରୀକ୍ଷାର ଉଦ୍‌ବେଗକୁ ହ୍ରାସ କରିବାକୁ ଏକ ଅଭିନବ ପ୍ରୟାସ ଭାବରେ ପ୍ରାକ୍-ଗଣିତ ସଙ୍ଗୀତ ଚିକିତ୍ସା ଅଧିବେଶନ ଆରମ୍ଭ କରିଛନ୍ତି, ଯେଉଁଠାରେ ଛାତ୍ରଛାତ୍ରୀମାନେ ୫ମିନିଟର ତାଳ ବାଦ୍ୟ ଯନ୍ତ୍ର ସଂଗୀତ କିମ୍ବା ଧୀର/ନରମ ରାଗ ଶୁଣନ୍ତି। ଏହା ସେମାନଙ୍କର ସ୍ନାୟୁତନ୍ତ୍ରକୁ ପୁନଃସ୍ଥାପିତ କରିଥାଏ, ଗଣିତ ସମାଧାନ କରିବାରେ ସେମାନଙ୍କୁ ଅଧିକ ଏକାଗ୍ରତା ପ୍ରଦାନ କରିଥାଏ।

ଗବେଷଣା ଅନୁଯାୟୀ, ସଙ୍ଗୀତ ଓ ଗଣିତ ସମାନ ମସ୍ତିଷ୍କ ପଥ ଅଂଶୀଦାର କରନ୍ତି। ସଂଗୀତରେ ତାଲିମପ୍ରାପ୍ତ ପିଲାମାନେ ସମସ୍ୟା ସମାଧାନ ଓ ଯୁକ୍ତି ସହିତ ଅଧିକ ସକ୍ରିୟତା ଦେଖାନ୍ତି। ଅନେକ ପିତାମାତା ସେମାନଙ୍କ ପିଲାମାନଙ୍କୁ କେବଳ ସାଂସ୍କୃତିକ ପ୍ରଦର୍ଶନ ପାଇଁ ନୁହେଁ, ବରଂ ତୀକ୍ଷ୍ଣ ମାନସିକ ସତର୍କତା ଓ ଉନ୍ନତ ଗଣିତ ପ୍ରଦର୍ଶନ ଲାଗି ହାରମୋନିୟମ୍ କିମ୍ବା ଭାଇଓଲିନ୍ ଶିଖିବାକୁ ଉତ୍ସାହିତ କରନ୍ତି। ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ଏକ ଅଧ୍ୟୟନରେ ଦର୍ଶାଯାଇଛି ଯେ ସଙ୍ଗୀତ ତାଲିମ ନେଉଥିବା ପିଲାମାନେ ସ୍ଥାନିକ-ସାମୟିକ ଯୁକ୍ତିରେ(ସ୍ପାସିଆଲ୍-ଟେମ୍ପୋରାଲ୍ ରିଜୋନିଂ) ଭଲ ପ୍ରଦର୍ଶନ କରନ୍ତି, ଯାହା ଗାଣିତିକ ସମସ୍ୟାର ସମାଧାନ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବ୍ୟତୀତ, ଚିନ୍ତା, ଧ୍ୟାନାଭାବ, ଅନ୍ୟମନସ୍କତା ଓ ପରୀକ୍ଷା ଭୟର ସମାଧାନ ପାଇଁ ଏକ ଉପକରଣ ଭାବରେ 'ମ୍ୟୁଜିକ୍ ଥେରାପି' ବା 'ସଂଗୀତ ଚିକିତ୍ସା'କୁ ଅଧିକରୁ ଅଧିକ ସ୍ୱୀକୃତି ଦିଆଯାଉଛି। ଜାତୀୟ ମାନସିକ ଓ ସ୍ନାୟୁ ବିଜ୍ଞାନ ପ୍ରତିଷ୍ଠାନ(ନିମ୍‌ହାନ୍‌ସ) ଭଳି ଅନୁଷ୍ଠାନରେ ବ୍ୟବହୃତ ଭାରତୀୟ ରାଗଗୁଡ଼ିକ ସହିତ ସଂରଚିତ ଛନ୍ଦୋବଦ୍ଧ ଶ୍ୱାସକ୍ରିୟା ବ୍ୟାୟାମ, ପରୀକ୍ଷା ପୂର୍ବରୁ ଛାତ୍ରଛାତ୍ରୀମାନଙ୍କୁ ଶାନ୍ତ କରିବାରେ ସକାରାତ୍ମକ ଫଳାଫଳ ଦର୍ଶାଇଛି।

ସଙ୍ଗୀତ ଗଣିତକୁ ମାନବୀକରଣ କରିଥାଏ। ଭୟକୁ ନିୟନ୍ତ୍ରଣ ଓ ବିଫଳତାକୁ ସଫଳତାରେ ପରିଣତ କରିଥାଏ। ଭାରତର ନୂତନ ଶିକ୍ଷାନୀତି ଆନନ୍ଦଦାୟକ ଓ ସାମଗ୍ରିକ ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗଣିତ ଶିକ୍ଷାରେ ସଙ୍ଗୀତର ଏକୀକରଣ ଏକ ପ୍ରଭାବଶାଳୀ ପଦକ୍ଷେପ ହୋଇପାରିବ, ଯାହା ଏକ ନିର୍ଭୀକ, ଆତ୍ମବିଶ୍ୱାସୀ ଓ ସୃଜନଶୀଳ ଶିକ୍ଷାର୍ଥୀ ସାମ୍ରାଜ୍ୟ ଗଠନ କରିପାରିବ। ପିଥାଗୋରସ୍‌ଙ୍କ ଉପପାଦ୍ୟ ମଧ୍ୟ ସମାନ କଥା କୁହେ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ପାନପିକ: କିଛିକଥା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା

ଆମ ଦେଶରେ, ବିଶେଷକରି ଓଡ଼ିଶା ସମେତ ପୂର୍ବ ଓ ଉତ୍ତର ଭାରତରେ ଲୋକେ ପ୍ରଚୁର ପାନ ଖାଇଥା'ନ୍ତି। ଏହା ଆମର ସାମାଜିକ ପରମ୍ପରା, ଶ୍ରଦ୍ଧା ଓ ଭାବର ଆଦାନପ୍ରଦାନ ଓ ଧର୍ମକର୍ମ ସହିତ ଓତପ୍ରୋତ ଭାବେ ଜଡ଼ିତ। ଏକଦା ଆମ କଳା ଓ ସାହିତ୍ୟ ଉପରେ ଏହି ଜନପ୍ରିୟ ଅଭ୍ୟାସଟି ଅନନ୍ୟ ପ୍ରଭାବ ବିସ୍ତାର କରିଥିଲା ଏବଂ ପରିଣତ ହୋଇଥିଲା ପ୍ରତ୍ୟେକ ପରିବାରର ଏକ ଅବିଚ୍ଛିନ୍ନ ଅଙ୍ଗ ରୂପେ। ଏଣୁ ଘରେ ଘରେ ରହିଥିଲା ଏଥିପାଇଁ ବ୍ୟବହୃତ ସମସ୍ତ ଉପାଦାନ ସମ୍ବଳିତ ପାନ ଡାଲା ଓ ବଟୁଆ। ଏପରି କି ଦେବାଦେବୀମାନଙ୍କୁ ଏହା ନୈବେଦ୍ୟ ରୂପେ ଅର୍ପଣ କରାଯାଉଥିଲା।

ତେବେ ସ୍ୱାସ୍ଥ୍ୟ ବିଜ୍ଞାନୀମାନଙ୍କ ଦୃଷ୍ଟିରେ ପାନ ଏକ ହାନିକାରକ ତଥା ଅନ୍ୟାନ୍ୟ ନିଶାକରୀ ଦ୍ରବ୍ୟଭଳି ଅଭ୍ୟାସ ସୃଷ୍ଟିକାରୀ ପଦାର୍ଥ। ଏହାର ଅନ୍ୟତମ ମୁଖ୍ୟ ଉପାଦନ ଧୂଆଁପତ୍ରରୁ ତିଆରି ଗୁଣ୍ଡିରେ ଥାଏ ନିକୋଟିନ୍ ଏବଂ ଗୁଆରେ 'ଏରିକୋଲିନ' ତଥା ଅନ୍ୟାନ୍ୟ ବହୁ ବିଷାକ୍ତ ତତ୍ତ୍ୱ। ସେହିପରି ଖଇର ଓ ଚୂନର ମଧ୍ୟ ପାଟି ଓ ଖାଦ୍ୟ ନଳୀର ସୂକ୍ଷ୍ମଝିଲ୍ଲି ଉପରେ କୁପ୍ରଭାବ ରହିଛି। ତେଣୁ ସେଗୁଡ଼ିକ ମୁଖଗହ୍ୱର କର୍କଟ ରୋଗଠାରୁ ଆରମ୍ଭ ନାନାଦି ଅସାଧ୍ୟ ରୋଗର କାରଣ ହୋଇପାରନ୍ତି। ଏଥିସହିତ ପାନମସଲା ଯୋଗ ହେଲେ ତାହାର ଭୟାବହତା ଆହୁରି ବୃଦ୍ଧି ପାଏ। ପାନର ସମସ୍ତ ରାସାୟନିକ ଉପାଦାନ ପିକରେ ଥାଏ। ଏଣୁ ଏହାର ସଂସ୍ପର୍ଶରେ ଆସିବା 'ପରୋକ୍ଷ ଧୂମପାନ' ଭଳି କ୍ଷତିକାରକ। ପୁନଶ୍ଚ ସେଥିସହିତ ମଧ୍ୟ ଥାଏ ଖାଉଥିବା ଲୋକଙ୍କ ନାନାଦି ରୋଗର ଜୀବାଣୁ ଓ ଭୂତାଣୁ। ମୁମ୍ବାଇଠାରେ କିଛି ବର୍ଷ ତଳେ ଅନୁଷ୍ଠିତ ଏକ ଅଧ୍ୟୟନରୁ ୧୦ ମିଲିଲିଟର ପାନ ପିକରେ ୭୦୦୦ରୁ ୫୩୦୦୦ ପର୍ଯ୍ୟନ୍ତ ତାହା ଥିବାର ଜଣାପଡ଼ିଥିଲା।

ପାନ ଖାଉଥିବା ଲୋକମାନେ ସ୍ଥାନ-କାଳ-ପାତ୍ର ପ୍ରତି ଧ୍ୟାନ ନ ଦେଇ ପାନ ପିକ ପକାଇଥିବାର ଦେଖାଯାଏ। ଆମ ଦେଶରେ ପାନ ଖାଇବାକୁ ଧୂମପାନ ବା ମଦ୍ୟପାନ ଭଳି ଅଶୋଭନୀୟ ବିଚାର କରାଯାଏ ନାହିଁ। ତେଣୁ ଏଭଳି କାର୍ଯ୍ୟକରିବାକୁ ସେମାନଙ୍କ ମଧ୍ୟରୁ ଖୁବ୍ କମ ଦ୍ୱିଧା ପ୍ରକାଶ କରନ୍ତି। ଅତଏବ ତହିଁରୁ ରୋଗ ଜୀବାଣୁ ଓ ଭୂତାଣୁ ତଥା ଅନ୍ୟାନ୍ୟ ବିଷାକ୍ତ ତତ୍ତ୍ୱ ବାହାରି ବାୟୁକୁ ଦୂଷିତ କରନ୍ତି। ସେଥିପାଇଁ ଏବେ ଏଣେତେଣେ ପାନପିକ ପକାଇବାରୁ ନିବୃତ୍ତ କରିବା ଲାଗି ଆମ ଦେଶର କେତେକ ସ୍ଥାନରେ ଆଇନ ପ୍ରଣୟନ କରାଯାଇଛି। ଦିଲ୍ଲୀରେ ୨୫ଟଙ୍କା ଜୋରିମାନାର ବ୍ୟବସ୍ଥା ଥିଲା ବେଳେ ମୁମ୍ବାଇରେ ୧୦୦୦ଟଙ୍କା। ବିହାରର କେତେକ ସହରରେ ଏହାକୁ ଅପରାଧ ବୋଲି ଗଣନା କରାଯାଏ। ତେବେ ଆଇନ କାର୍ଯ୍ୟକାରୀ କରିବା ଲାଗି ଉଦ୍ଦିଷ୍ଟ କର୍ତ୍ତୃପକ୍ଷ ସେଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ଓଡ଼ିଶାରେ ସଚିବାଳୟଠାରୁ ଆରମ୍ଭ କରି ବଡ଼ ବଡ଼ କାର୍ଯ୍ୟାଳୟରେ ସ୍ଥାନକୁ ସ୍ଥାନ ଦେବାଦେବୀମାନଙ୍କ ମୂର୍ତ୍ତି ସ୍ଥାପନ କରିବାର ଦେଖାଯାଉଛି। କର୍ତ୍ତୃପକ୍ଷ ଆଶା କରୁଛନ୍ତି ଯେ ଭକ୍ତି ଭାବ ହେତୁ ଲୋକେ ସେଠାରେ ପାନପିକ ପକାଇବାରୁ ବିରତ ହେବେ। କିନ୍ତୁ ଅନେକସ୍ଥଳେ ଏହି ସାଧୁଉଦ୍ୟମ ଫଳପ୍ରଦ ହୋଇ ନଥିବା ଦେଖାଯାଉଛି।

୨୦୨୦ ମସିହାରେ ରାଜ୍ୟସଭାରେ ସର୍ବସାଧାରଣ ସ୍ଥାନରେ ପାନପିକ ପକାଇବା ସମ୍ପର୍କିତ ପ୍ରଶ୍ନଟିଏ ଉତ୍ଥାପନ କରାଯାଇଥିଲା। ନିବାରଣ ଲାଗି ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏଥିରେ ଅନୁରୋଧ କରାଯାଇଥିଲା। ଦଳମତ ନିର୍ବିଶେଷରେ ବହୁ ସଦସ୍ୟ ଏହାକୁ ସମର୍ଥନ କରିଥିଲେ। ସେଥିରେ ସୂଚୀତ ବିବିଧ ଯୁକ୍ତି ମଧ୍ୟରୁ ଅନ୍ୟତମ ଥିଲା ଯକ୍ଷ୍ମା ଭଳି ରୋଗର ପ୍ରସାର। ସଂଖ୍ୟା ଦୃଷ୍ଟିରୁ ଏ କ୍ଷେତ୍ରରେ ଆମ ଦେଶ ପୃଥିବୀରେ ପ୍ରଥମ। ସେମାନଙ୍କ ମଧ୍ୟରୁ ଅନେକଙ୍କର ରହିଛି ପାନ ଖାଇବା ଅଭ୍ୟାସ ଏବଂ ସେମାନେ ଏଣେତେଣେ ପାନ ପିକ ପକାଇଥା'ନ୍ତି। ଅତଏବ ଏରୋଗର ବିସ୍ତାରରେ ପାନର ଭୂମିକାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ସ୍ୱାସ୍ଥ୍ୟମନ୍ତ୍ରୀ ମହୋଦୟ ଏ ଯୁକ୍ତିକୁ ଗ୍ରହଣ କରି ଯଥାଶୀଘ୍ର ପଦକ୍ଷେପ ନେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ରହିଛି।

ଏକଥା ସତ ଯେ କୌଣସି ଆଇନ ଅଥବା ଦଣ୍ଡବିଧାନ ବ୍ୟବସ୍ଥା ଦ୍ୱାରା ଏ ବଦଭ୍ୟାସ ରୋକିବା ସହଜ ନୁହେଁ। କାରଣ ସରକାରଙ୍କଠାରୁ ଜନସାଧାରଣଙ୍କ ପର୍ଯ୍ୟନ୍ତ କେହି ଏହାକୁ ଗୁରୁତ୍ୱର ସହ ଗ୍ରହଣ କରିବାକୁ ରାଜି ନୁହନ୍ତି। ଏପରି ସ୍ଥଳେ ଜନସଚେତନତାର ପ୍ରସାର ହିଁ କେବଳ ତହିଁରୁ ମୁକ୍ତି ଦେଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବାଘମାରୀ ଗଣଦୁଷ୍କର୍ମ ଘଟଣାରେ ବର୍ଷିଲା କଂଗ୍ରେସ

# ଡାକ୍ତରଖାନାରେ ପୀଡ଼ିତା, ନେତା ନାଚଗୀତରେ ବ୍ୟସ୍ତ

ଭୁବନେଶ୍ୱର,୨୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ବାଘମାରୀରେ ଘଟିଥିବା ଗଣଦୁଷ୍କର୍ମ ପୀଡ଼ିତାଙ୍କ ଅବସ୍ଥା ସଂକଟାପନ୍ନ। ଅତ୍ୟନ୍ତ ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ପ୍ରତିନିଧି ପୀଡ଼ିତାଙ୍କ ଖବର ବୁଝିବାକୁ ଯାଇ ନାହାନ୍ତି କିମ୍ବା କୌଣସି ସରକାରୀ ସହାୟତା ପହଞ୍ଚିନାହିଁ। ମାତ୍ର ଖୋର୍ଦ୍ଧା ଜିଲ୍ଲାର ଶାସକ ଦଳ ବିଧାୟକ ଓ ନେତାମାନେ ଦିଲ୍ଲୀରେ ଏକ ବାହାଘରରେ ନାଚଗୀତର ଫଟୋ ସାମାଜିକ ଗଣମାଧ୍ୟମରେ ଛାଡ଼ିବାରେ ଲାଗିଛନ୍ତି ବୋଲି ଅଭିଯୋଗ କରିଛନ୍ତି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ।

ସେ କହିଛନ୍ତି ଯେ ଏହି ଗଣଦୁଷ୍କର୍ମ ଘଟଣା ସମସ୍ତଙ୍କ ମନରେ ଆଘାତ ଦେଇଥିବାବେଳେ ପୁଣି ଏକ ଦୁଷ୍କର୍ମର ଏତଲା ସାମ୍ନାକୁ ଆସିଛି। ରାଜ ସୁନାଖଳାର ଏକ କୋଚିଂ ସେଣ୍ଟରରେ ପଢୁଥିବା ଛାତ୍ରୀର ମୃତଦେହ ଉଦ୍ଧାର ହୋଇଛି। ଆମେ କାହାରି ବ୍ୟକ୍ତିଗତ କାର୍ଯ୍ୟ




କିମ୍ବା ଜୀବନରେ ହସ୍ତକ୍ଷେପ କରୁ ନାହୁଁ। ମାତ୍ର ଯଦି ଗୋଟିଏ ଝିଅର ବାହାଘର ପାଇଁ ନାଚ ଗୀତରେ ଖୁସି ମନାଯାଉଛି, ତେବେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଦୁଷ୍କର୍ମ ପୀଡିତା ଝିଅ ପାଖକୁ ଯାଇ ଦୁଃଖ ଜଣାଇ ସହାୟତାର ହାତ ବଢ଼ାଇବାରେ କେଉଁଠି ସମସ୍ୟା ଅଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୀଡିତା ତଥା ପରିବାର ବର୍ଗଙ୍କୁ ତୁରନ୍ତ ଆର୍ଥିକ ସହାୟତା ସରକାର ଯୋଗାଇ ଦୋଷୀଙ୍କୁ ଗିରଫ କରି ଦଣ୍ଡ ବିଧାନ ପାଇଁ କଂଗ୍ରେସ ଦାବି କରୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବରିଷ୍ଠ କଂଗ୍ରେସ ନେତା ତଥା ବୋଲଗଡ ବେଗୁନିଆ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମଧ୍ୟ ବାଘମାରୀ ଗ୍ରାମରେ ଘଟିଥିବା ଗଣଦୁଷ୍କର୍ମ ଘଟଣାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ଏଭଳି ପରିସ୍ଥିତିରେ ସରକାର ଓ ପ୍ରଶାସନ ପକ୍ଷରୁ କୌଣସି ସହାୟତା ପୀଡ଼ିତାଙ୍କୁ ନ ମିଳିବା ଆମକୁ ବ୍ୟଥିତ କରୁଛି ବୋଲି ସେ କହିଛନ୍ତି। ସେହିପରି ଦଳର ମୁଖପାତ୍ର ସୋନାଲି ସାହୁ ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ସରକାରଙ୍କଠାରୁ ନାରୀ ଆଉ ନ୍ୟାୟ ପାଇବେ ବୋଲି ଆଶା କରିବା ବୃଥା। ଯେଉଁ ନିରାପତ୍ତା ରକ୍ଷୀ ଏହି ଦୁଷ୍କର୍ମରେ ଜଡ଼ିତ, ସେହି ସଂସ୍ଥାର ଠିକାଦାର କିଏ ଓ କ୍ଷମତାସୀନ ଦଳ ସହ ଏହି ନେତାଙ୍କ କ'ଣ ସମ୍ପର୍କ ତାହାର ତଦନ୍ତ ହେଉ ବୋଲି ସେ ଦାବି କରିଛନ୍ତି ।

# ଓଟିଇଟି ଫର୍ମ ଦାଖଲ ଅବଧି ବୃଦ୍ଧି

କଟକ, ୨୪।୧୧ (ସମିସ): ଓଡ଼ିଶାର ଶିକ୍ଷକ ଆଶାୟୀମାନଙ୍କ ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଆଜି ଏକ ବଡ଼ ଘୋଷଣା କରିଛି। ପ୍ରାର୍ଥୀଙ୍କ ଅନୁରୋଧ କ୍ରମେ ପରିଷଦ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୫ ପାଇଁ ଅନ୍‌ଲାଇନ୍ ଆବେଦନ ଫର୍ମ ଦାଖଲର ଶେଷ ତାରିଖକୁ ଦୁଇ ଦିନ ବୃଦ୍ଧି କରିଛି। ପୂର୍ବରୁ ଆବେଦନର ଶେଷ ସମୟ ସୀମା ନଭେମ୍ବର ୨୫ତାରିଖ ଥିବାବେଳେ ଏହାକୁ ନଭେମ୍ବର ୨୭ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ଏହା ପରେ ଆଉ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି। ପରିଷଦ ପୂର୍ବରୁ ଘୋଷଣା କରିଥିବା ଅନୁଯାୟୀ, ଓଟିଇଟି-୨୦୨୫ ପରୀକ୍ଷା ଡିସେମ୍ବର ୧୭ତାରିଖରେ ଅନୁଷ୍ଠିତ ହେବ। ପ୍ରାର୍ଥୀମାନେ ଅଫିସିଆଲ୍ ୱେବସାଇଟ୍ www.bseodisha.ac.in ମାଧ୍ୟମରେ ସେମାନଙ୍କର ଆବେଦନ ଦାଖଲ କରିପାରିବେ। ଏହି ପରୀକ୍ଷା ଦୁଇଟି ଅଧିବେଶନରେ ହେବ। ପ୍ରଥମ ପେପର୍ ସକାଳ ୯ଟାରୁ ୧୧ଟା ୩୦ପର୍ଯ୍ୟନ୍ତ ଏବଂ ଦ୍ୱିତୀୟ ପେପର୍ ଅପରାହ୍ଣ୨ଟାରୁ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଯୋଗ୍ୟତା ମାନଦଣ୍ଡ, ସିଲାବସ୍ ଏବଂ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ବିସ୍ତୃତ ସୂଚନା ବିଏସ୍‌ଇ ଓଡ଼ିଶା ୱେବସାଇଟ୍‌ରେ ଉପଲବ୍ଧ ରହିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବଲିଉଡ୍‌ର 'ହି-ମ୍ୟାନ୍'...

ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏହି ସମୟରେ ଗଣମାଧ୍ୟମରେ ତାଙ୍କର ମୃତ୍ୟୁ ଖବର ପ୍ରସାର ହୋଇଥିଲା। କିନ୍ତୁ ପରିବାର ଲୋକେ ଖବରକୁ ଖଣ୍ଡନ କରି ଦେଇଥିଲେ। ଏହାର ଦୁଇ ଦିନ ପରେ ଗତ ୧୨ ତାରିଖରେ ଧର୍ମେନ୍ଦ୍ରଙ୍କୁ ହସ୍ପିଟାଲରୁ ଆଣି ଘରେ ଚିକିତ୍ସା କରାଯାଉଥିଲା।

ପଞ୍ଜାବର ନସ୍ରାଲରେ ୧୯୩୫ ଡିସେମ୍ବର ୮ରେ ଜନ୍ମିତ ଧର୍ମେନ୍ଦ୍ର ସିଂ ଦେଓଲଙ୍କୁ ଲୋକେ 'ଧରମ ପାଜି' ବୋଲି ସମ୍ବୋଧନ କରନ୍ତି। ତାଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ବଲିଉଡ୍‌ରେ ଓ ସାରା ଦେଶରେ ଶୋକ ଖେଳିଯାଇଛି। ଦେଶବାସୀ ତାଙ୍କୁ ଅଶ୍ରୁଳ ବିଦାୟ ଦେଇଛନ୍ତି। ବିଦେଶରେ ଥିବା ତାଙ୍କ ପ୍ରଶଂସକମାନେ ଏହି ଖବର ଶୁଣି ମର୍ମାହତ ହୋଇଛନ୍ତି। ମୃତ୍ୟୁ ବେଳକୁ ଧର୍ମେନ୍ଦ୍ରଙ୍କ ପାଖରେ ତାଙ୍କର ପ୍ରଥମ ପତ୍ନୀ ପ୍ରକାଶ କୌର, ଦ୍ୱିତୀୟ ପତ୍ନୀ ତଥା ଅଭିନେତ୍ରୀ ହେମା ମାଳିନୀ, ପୁଅ ସନି ଦେଓଲ, ବବି ଦେଓଲ, ଝିଅ ଇଶା ଦେଓଲ ଓ ଆହନା ଦେଓଲ ଉପସ୍ଥିତ ଥିଲେ। ତାଙ୍କ ଦେହାନ୍ତରେ ବଲିଉଡ୍‌ରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ଚଳଚ୍ଚିତ୍ର ଜଗତରେ ସେ ହାସଲ କରିଥିବା ସଫଳତା ଆଗାମୀ ପିଢ଼ୀକୁ ଉତ୍ସାହିତ କରିବ। ୨୦୨୪ରେ ଶେଷଥର ପାଇଁ 'ତେରି ବାତୋ ମେ ଐସା ଉଲଝା ଜିଆ' ଚଳଚ୍ଚିତ୍ରରେ ଧର୍ମେନ୍ଦ୍ରଙ୍କୁ ଦେଖିବାକୁ ମିଳିଥିଲା। ଏଥିରେ ସାହିଦ କପୁର ଓ କ୍ରିତି ସାନନ ମୁଖ୍ୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ରରେ ଧର୍ମେନ୍ଦ୍ର ସାହିଦ କପୁରଙ୍କ ଜେଜେ ଭୂମିକାରେ ଅଭିନୟ କରିଥିଲେ।

୧୯୬୦ରେ ସେ ବଲିଉଡ୍‌ରେ ପଦାର୍ପଣ କରିଥିବା ଧର୍ମେନ୍ଦ୍ର ପ୍ରସିଦ୍ଧ ସିନେମା 'ଶୋଲେ'ରେ ତାଙ୍କର ବୀରୁ ଭୂମିକା ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଫୁଲ ଔର ପଥର, ଶୀତା ଔର ଗୀତା, ଚୁପ୍‌କେ ଚୁପ୍‌କେ, ଧରମ ବୀର ଓ ପ୍ରତିଜ୍ଞା ଭଳି ସିନେମାରେ ଜୀବନ୍ତ ଅଭିନୟ କରି ସେ ଦର୍ଶକଙ୍କ ପ୍ରଶଂସାଭାଜନ ହେବା ସହ ସୁପରଷ୍ଟାରର ଆଖ୍ୟା ପାଇଥିଲେ। ୧୯୯୭ରେ ତାଙ୍କୁ ଫିଲ୍ମ ଫେୟାର ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାର ମିଳିଥିଲା। ୨୦୧୨ରେ ଭାରତ ସରକାର ତାଙ୍କୁ ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଭୂଷଣ ପୁରସ୍କାରରେ ସମ୍ମାନିତ କରିଥିଲେ।

### ଚାଷୀ-ମିଲର୍ସ...

ନେତା ରାମଚନ୍ଦ୍ର କାଡାମ ମଧ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଧାନ କିଣାରେ କଟନୀଛଟନୀ ହେବ ନାହିଁ ବୋଲି ବିଜେପି ନେତାମାନେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସରକାରକୁ ଆସିବା ପରେ ସେମାନେ ନିଜ ପ୍ରତିଶ୍ରୁତି ଭୂଲିଗଲେ। ଗତବର୍ଷ ଉଭୟ ରବି ଓ ଖରିଫ ଋତୁରେ ସବୁଠି କଟନୀଛଟନୀ ହେଲା। ସରକାର ଯାହା କହୁଛନ୍ତି, ତାହା କାର୍ଯ୍ୟକାରୀ କରୁନାହାନ୍ତି। ମିଛ କହି ଲୋକଙ୍କୁ ଭ୍ରମିତ କରୁଛନ୍ତି ବୋଲି ଶ୍ରୀ କାଡ଼ାମ୍ ଅଭିଯୋଗ କରିଛନ୍ତି।

### ମିଲ୍ ଖୁନ୍ଦାଖୁନ୍ଦି...

ଦେଇ ନାହାନ୍ତି। ଫଳରେ ଧାନକୁ ଗଚ୍ଛିତ ରଖିବା ମିଲର୍ସଙ୍କ ପାଇଁ ବେଢ଼ି ଉପରେ କରୋଢ଼ା ମାଡ଼ ସଦୃଶ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

ଅନୁରୂପ ଭାବେ ରବି ଋତୁ ଧାନକିଣା ପୂର୍ବରୁ କଷ୍ଟମ୍ ମିଲିଂ ଦର ବଢ଼ାଇବାକୁ ସରକାର ଘୋଷଣା କରିଥିଲେ। ଖୋଦ୍ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ସମେତ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଯୋଗାଣ ବିଭାଗ ସଚିବ ମିଲର୍ସଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ରବି ଯାଇ ପୁଣିଥରେ ଖରିଫ ଧାନକିଣା ଆରମ୍ଭ ହେବାକୁ ଥିବାବେଳେ ସରକାର କଷ୍ଟମ୍ ମିଲିଂ ଦର ବଢ଼ାଇ ନାହାନ୍ତି। ବାରମ୍ବାର ପ୍ରତିଶ୍ରୁତି ଦେଇ ସରକାର ପ୍ରତାରଣା କରୁଥିବା ଅଭିଯୋଗ କରିବା ସହ ଧାନକିଣା ପୂର୍ବରୁ କଷ୍ଟମ୍ ମିଲିଂ ଦର ନ ବଢ଼ାଇଲେ ମିଲର୍ସମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ ବୋଲି ଅଲ୍ ଓଡ଼ିଶା ମିଲର୍ସ ଆସୋସିଏସନ୍ ଚେତାବନୀ ଦେଇଛି।

ଅପରପକ୍ଷରେ ଚାଷୀନେତାମାନେ ମିଲରମାନଙ୍କ ଏହି ଧମକକୁ ସରକାରଙ୍କ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଅଭିହିତ କରିଛନ୍ତି। ମିଲରମାନେ ଏପରି ଧମକ ଦେବା ପରେ କଟ୍‌ନୀଛଟ୍‌ନୀ ସମୟରେ ସରକାର ବେଶି ଚାପ ପ୍ରୟୋଗ କରିପାରିବେ ନାହିଁ। ସେଥିପାଇଁ ମିଲରମାନେ ନାନାଦି ପେଞ୍ଚ ବାହାର କରୁଛନ୍ତି ଓ ସରକାର ମଧ୍ୟ କମ୍ ଧାନ କିଣିବାକୁ ଚାହୁଁଥିବାରୁ ମିଲରମାନଙ୍କ ଏପରି ନାଟକକୁ ପରୋକ୍ଷରେ ସମର୍ଥନ କରୁଛନ୍ତି ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି।

### ସିଜେଆଇ ଜଷ୍ଟିସ୍...

ନେପାଳ, ଶ୍ରୀଲଙ୍କା, ମରିସସର ପ୍ରଧାନ ବିଚାରପତି ଏବଂ ତାଙ୍କ ପରିବାର ସଦସ୍ୟ ସାମିଲ ହୋଇଥିଲେ। ପ୍ରଥମ ଥର ପାଇଁ ସିଜେଆଇଙ୍କ ଶପଥ ଗ୍ରହଣକୁ ଏତେ ବଡ଼ ଅନ୍ତର୍ଜାତୀୟ ପ୍ରତିନିଧିମଣ୍ଡଳ ଉପସ୍ଥିତ ରହିଥିଲେ।

ଏହି ଅବସରରେ ଆଜି କାର୍ଯ୍ୟକାଳ ଶେଷ ହୋଇଥିବା ପୂର୍ବତନ ସିଜେଆଇ ନୂଆ ଉଦାହରଣ ସୃଷ୍ଟି କରିଥିଲେ। ଶପଥ ଗ୍ରହଣ ସମାରୋହ ପରେ ସେ ନିଜ ସରକାରୀ ଗାଡ଼ିକୁ ଉତ୍ତରାଧିକାରୀ ସିଜେଆଇ ସୂର୍ଯ୍ୟକାନ୍ତଙ୍କ ପାଇଁ ରାଷ୍ଟ୍ରପତି ଭବନରେ ଛାଡ଼ି ଚାଲି ଯାଇଥିଲେ। ନୂଆ ସିଜେଆଇ ୧୪ ମାସ ପାଇଁ ଦାୟିତ୍ୱରେ ରହିବେ। ୨୦୨୭ ଫେବୃଆରୀ ୯ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ସେ ଏବେ ବିଚାରପତି ନିଯୁକ୍ତି ନେଇ ନିଷ୍ପତ୍ତି ନେବେ ଏବଂ ସୁପ୍ରିମକୋର୍ଟ କଲେଜିୟମର ମୁଖ୍ୟ ମଧ୍ୟ ହେବେ। ୫ ସଦସ୍ୟ ବିଶିଷ୍ଟ କଲେଜିୟମ ସୁପ୍ରିମକୋର୍ଟ ବିଚାରପତିଙ୍କୁ ନିଯୁକ୍ତି କରିଥାନ୍ତି। ହାଇକୋର୍ଟ ବିଚାରପତିଙ୍କ ନିଯୁକ୍ତି ଏବଂ ବଦଳି ଦାୟିତ୍ୱ ମଧ୍ୟ ନେଇଥାନ୍ତି। ଏବେ ଏହି କଲେଜିୟମରେ ସିଜେଆଇ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିକ୍ରମ ନାଥ, ଜଷ୍ଟିସ ବିଭି ନାଗରତ୍ନା, ଜଷ୍ଟିସ ଜେକେ ମାହେଶ୍ୱରୀ, ଜଷ୍ଟିସ ଏମଏମ ସୁନ୍ଦରେଶ ସାମିଲ ହେବେ।

### ଆଗକୁ ବଢ଼ିପାରୁନି...

ବର୍ତ୍ତମାନ ଦୁଇଟି ପାଣିପାଗ ମଡେଲ୍ ଭିନ୍ନ ଭିନ୍ନ ଆକଳନ କରୁଛନ୍ତି। ବଡ଼ କଥା ହେଉଛି, ମଲ୍ଲାକା ନିକଟରେ ଥିବା ଲଘୁଚାପ ବାତ୍ୟାରେ ପରିଣତ ହୋଇ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ମୁହାଁ ହେବ ବୋଲି ଆକଳନ କରାଯାଉଥିଲା। ତାହା ହୁଏତ ବଙ୍ଗୋପସାଗର ନ ଆସି ମାଲେସିଆ ଆଡ଼କୁ ଅଗ୍ରସର ହେବା ନେଇ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି। ସେହିପରି ଶ୍ରୀଲଙ୍କା ଉପରେ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଯଦି ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତ ବା ବାତ୍ୟାରେ ପରିଣତ ହୁଏ, ତେବେ ଏହାକୁ ନେଇ ଦୁଇଟି ଦୃଶ୍ୟପଟ୍ଟ ରହିଛି। ଗୋଟିଏରେ ପୂର୍ବ ବାତ୍ୟା ଭଳି ଏହା ସମୁଦ୍ର ମଧ୍ୟରେ ମାଲେସିଆ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଅନ୍ୟ ଦୃଶ୍ୟପଟ୍ଟରେ ଏହା ତାମିଲ୍‌ନାଡୁ, ଆନ୍ଧ୍ର ହୋଇ ଦକ୍ଷିଣ ଓଡ଼ିଶା ଉପକୂଳ ପର୍ଯ୍ୟନ୍ତ ଆସିପାରେ। ପରେ ଏହା ପୁଣି ଆନ୍ଧ୍ର ଆଡ଼କୁ ମୁହାଁଇପାରେ। ହେଲେ ଏମିତି ଘଟିବାର ସମ୍ଭାବନା ବହୁ କମ୍ ରହିଛି। ବାତ୍ୟାଟି ଉପକୂଳ ନିକଟବର୍ତ୍ତୀ ହୋଇ ରହିବା ଦ୍ୱାରା ଏହା ଦ୍ରୁତ ଗତିରେ ଦୁର୍ବଳ ହେବା ସହ ବିଶେଷ ଆଗକୁ ବଢ଼ି ନ ପାରେ। ଏ ଦୃଷ୍ଟିରୁ ଆଗାମୀ ଏକ ସପ୍ତାହ ପର୍ଯ୍ୟନ୍ତ ବର୍ଷା ଓ ବାତ୍ୟା ସ୍ଥିତିକୁ ନେଇ ଏବେ ବି ଚିତ୍ର ଅସ୍ପଷ୍ଟ ରହିଛି।

ଅନ୍ୟପଟେ ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଏହାପରେ ତାପମାତ୍ରାରେ ପୁଣି ହ୍ରାସ ଘଟିବ। ରାଜ୍ୟର ଅନେକ ସ୍ଥାନରେ ତାପମାତ୍ରା ୨-୩ ଡିଗ୍ରୀ କମିବା ସହ ପୁଣି ଶୀତ ବଢ଼ିବାର ସମ୍ଭାବନା ରହିଛି।

### ରାଜ୍ୟ କ୍ୟାବିନେଟରେ...

କରାଯାଇଛି। ବର୍ତ୍ତମାନ ଉପରୋକ୍ତ ନିୟମାବଳୀ, ୨୦୨୨ର ନିୟମ-୩ରେ ଧାର୍ଯ୍ୟ ବ୍ୟବସ୍ଥା ଅନୁଯାୟୀ, ଅନୁଚ୍ଛେଦ-୧ରେ ଗୋଟିଏ ନୂଆ ପଦବୀ ସୃଷ୍ଟି ସହ ସ୍ୱରାଷ୍ଟ୍ର ବିଭାଗର ରାଜ୍ୟ ଅପରାଧ ବିଧି ବିଜ୍ଞାନାଗାର ଅଧୀନରେ ଥିବା କନିଷ୍ଠ ଅପରାଧ ବିଧି ସହାୟକ ପଦବୀକୁ ଅନ୍ତର୍ଭୁକ୍ତ କରାଯିବ। ଯାହାଫଳରେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୧୨ଟି ଭିନ୍ନ ପଦବୀକୁ ମିଳିତ ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ। ସେହିପରି ରାଜ୍ୟ ସରକାରଙ୍କ ଅଧିନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ସ୍ୱତନ୍ତ୍ର ସେବା ଓ ପଦବୀରେ ନିଯୁକ୍ତି ପାଇଁ ମିଳିତ ସ୍ନାତକସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ସଂଶୋଧନ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି। ପୂର୍ବ ନିୟମାବଳୀରେ ମୋଟ ୨୯ଟି ପଦବୀ ଥିବାବେଳେ ସଂଶୋଧନ ପରେ ନିଯୁକ୍ତି ପାଇଁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୨ର ଅନୁଚ୍ଛେଦ-୧ରେ ୧୪ଟି ପଦବୀ ଅନ୍ତର୍ଭୁକ୍ତ କରାଯିବ। ସେହିପରି ପୂର୍ବରୁ ଅନ୍ତର୍ଭୁକ୍ତ ହୋଇଥିବା ୪ଟି ପଦବୀକୁ ବାଦ୍ ଦିଆଯିବ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସମସ୍ତ ୩୯ଟି ସ୍ୱତନ୍ତ୍ର ପଦବୀ ମିଳିତ ସ୍ନାତକସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ। ତୃତୀୟ ପ୍ରସ୍ତାବ ସ୍ୱରୂପ ରାଜ୍ୟ ସରକାରଙ୍କ ଅଧୀନସ୍ଥ ଖ-ବର୍ଗ ଏବଂ ଗ-ବର୍ଗ ଅନ୍ତର୍ଗତ ବିଭିନ୍ନ ସେବା ଓ ପଦବୀରେ ନିଯୁକ୍ତି ପାଇଁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପ୍ରକ୍ରିୟା ନିୟମାବଳୀ, ୨୦୨୦ର ସଂଶୋଧନକୁ ମଞ୍ଜୁରୀ ଦେଇଛି କ୍ୟାବିନେଟ। ଏହାଦ୍ୱାରା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ ସର୍ବମୋଟ ୨୪ଟି ପଦବୀକୁ ମିଳିତ ସ୍ନାତକ ସ୍ତର ନିଯୁକ୍ତି ପରୀକ୍ଷାରେ ପରିଚାଳିତ କରିପାରିବେ।


**AFFIDAVIT**

By virtue of an affidavit sworn before the Executive Magistrate, cuttack sadar, vide No - 9653, dtd 24/11/2025. I, Manoja Kumar Nayak, At- Haripur, PO- Gandadhara, PS- Jagannath prasad, Pin-761121, Dist- Ganjam, Odisha declare that I have changed my name from Manoj Kumar Nayak to Manoja Kumar Nayak. Henceforth I shall be known as Manoja Kumar Nayak for all Purpose.

**AFFIDAVIT**

By virtue of an affidavit sworn before the Executive Magistrate BALIAPAL on Dated 04th October 2025, I, Mrs. RASHMIREKHA SINGHA, Address AT- JAMKUNDA, PO-JAMKUNDA, PS-BALIAPAL, DIST- BALESWAR, 756026, Odisha, have changed my name from "RASHMIREKHA PATTNAYAK" to "RASHMIREKHA SINGHA". Henceforth, I shall be known as "RASHMIREKHA SINGHA" for all purposes.

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 17.11.2025, I Mini Parida W/o- Sudarsan Parida, resident At/Po Siruli, Sub-Dist- Chandanpur, Dist- Puri, Odisha, PIN- 752012, declare that I have changed my daughter's name from Bijuli Nayak to Bijuli Parida. Henceforth, she shall be known as **BIJULI PARIDA** for all future purposes.

**ADMISSION NOTICE-2025-26**

**Manjari Devi College**

Affiliated to Utkal University, OUHS, PCI, OSBP & DMLT/RTEB

*Campus:*
262, Puranpadhan, Balakati, Bhubaneswar

Mob. 7019799641, 7978608747 9853801459
Email: mdscnbbsr@gmail.com

- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**AFFIDAVIT**

By virtue of an affidavit sworn before (Executive Magistrate), Nuagaon, dated 26.09.2025.I, Amruta Manjari Swain, Vill- Barapurikia, Po/Ps-Daspalla, Dist-Nayagarh, Odisha, Pin- 752084 declare that I have changed the name of my daughter from Jagruti Priyadarshini to Jagruti Nayak. Henceforth, she shall be known as Jagruti Nayak for all purposes.

Sd/- Amruta Manjari Swain

**AFFIDAVIT**

I Binod Parida aged 55 years s/o late Bailochan Parida of Vill- Uttarbahini, P.O.Garadapur P.S.-Purunabazar Dist- Bhadrak (Odisha) Pin 756181 declare that my name In my school leaving certificatte has been mentioned as Binod Kumar Parida instead of Binod Parida and other documents my name has been mentioned as Binod Parida. So I myself Bindod Parida and Binod Kumar Parida is one and same person in the above address.

**AFFIDAVIT**

By virtue of an affidavit sworn before Notary Public, Bhubaneswar on dated, 24.11.2025, I Arjun Anup, resident at Plot No- 1195, Panas Tota, Punama Gate Sahi, Bhubaneswar, Dist- Khordha, Odisha, PIN- 751002, declare that I have changed my name from Arjun Panda to Arjun Anup. Henceforth, I shall be known as **ARJUN ANUP** for all purposes.

**AFFIDAVIT**

By virtue of an affidavit (CF No. 01, dtd- 20/11/2025) sworn before the Executive Magistrate, Padampur. I, **Keshari Bag**, D/o- Alekha Bag, permanent & current resident of AT- Kukurimunda, PO/PS- Buden, Dist- Bargarh, PIN- 768036, Odisha declare that I have changed my name from **Kishori Bag to Keshari Bag.** Henceforth, I shall be known as **Keshari Bag** (new name) for all purposes.

**Keshari Bag**


**WATCO**

**OFFICE OF THE GENERAL MANAGER, WATCO DIVISION-I, VANIVIHAR SQUARE, BHUBANESWAR, ODISHA, PIN-751022**

C-1554

**Phone / FAX: - 0674-2542821 / e-Mail: gmdivonewatco@gmail.com**

**NATIONAL COMPETITIVE BIDDING THROUGH e-PROCUREMENT**

**Invitation For Bids (IFB)**

**GMWATCO-I/73/ 2025-26 Dt.20.11.2025**

| | | | |
|---|---|---|---|
| 01 | Name of the work | : | Supplying, Fitting & Fixing of Retrofit Emission Control Device (RECD) for 365KVA DG set installed at WTP, Mundali. |
| 02 | Estimate cost | : | Rs. 9.55 lakh |
| 03 | Period of completion | : | 02 (Two Month) |
| 04 | Date & Time of availability of bid document in the portal | : | From 11.00 AM of Dt.25.11.2025 to 5.00 PM of 05.12.2025 |
| 05 | Last date / time of receipt of bids in the portal | : | 5.00 PM of 05.12.2025 |
| 06 | Date & Time of opening of bids | : | At 12.30 PM of 06.12.2025 |
| 07 | Name and Address of the Officer Inviting Bid | : | General Manager WATCO Division-I, BBSR |

**Name & Address of Officer Inviting Bid:** **The General Manager, WATCO Division-I, Vanivihar Square, BBSR, Odisha,**

Further details can be seen from the e-Procurement portal "https://www.tendersodisha.gov.in"

OIPR-

**Sd/- GENERAL MANAGER, WATCO DIVISION-I, BBSR**


**AFFIDAVIT**

By virtue of an affidavit no5614, sworn before Executive Margistrate, Tirtol dated-19.09.2025 I, **Narendra Malik**, S/o Shatrughna Malik, resident of Vill- Sirasta, Po- Pailo, Ps- Tirtol, Dist- Jagatsinghpur, Pin- 754162, Odisha declare that I have changed my name **Narotam Mallick to Narendra Malik.** Henceforth I shall be known as **Narendra Malik** for all purposes.

**Narendra Malik**


**SAISWARUPA INSTITUTE OF MENTALLY HANDICAPPED**
**(Special School for M.R. Children)**
**At/Po- Gelpur, Dist- Bhadrak. Odisha**

**ସୂଚନା**

ଏତଦ୍‌ଦ୍ୱାରା ବ୍ୟକ୍ତିବିଶେଷ ଶ୍ରୀ ଶଶଧର ପଣ୍ଡା, ପିତା- ଶ୍ରୀ ଚିତ୍ତରଞ୍ଜନ ପଣ୍ଡା, ସା: ସାମରାଇପୁର, ପୋ: ଗେଲପୁର, ଜିଲ୍ଲା- ଭଦ୍ରକଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ତୁମେ ତୁମ ଆଟେଡାଣ୍ଟ ପଦବୀରେ ୭ ଦିନ ଭିତରେ ଯୋଗ ନ ଦେଲେ ବାଧହୋଇ ତୁମ ବିରୁଦ୍ଧରେ ବିଦ୍ୟାଳୟ ପରିଚାଳନା କମିଟି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ॥ଇତି॥

**ସମ୍ପାଦକ, ସାଇସ୍ୱରୂପା ମାନସିକ ଭିନ୍ନକ୍ଷମ ସଂସ୍ଥା, ଗେଲପୁର, ଭଦ୍ରକ**

O-1554

**OFFICE OF THE SUPERINTENDING ENGINEER RURALWORKS DIVISION, BALLIGUDA**

E-mail: rw_balliguda@yahoo.com

**NATIONAL COMPETITIVE BIDDING THROUGH e-Procurement** — E-Mail / E-despatch

**Bid Identification No. Online Tender/13-2025-26/BLG**

| Identification No | Name of work | No. of Works | Approx. Estimated Cost (In lakh) | Class of Contractor | Period of Completion |
|---|---|---|---|---|---|
| Online Tender / 13-2025-26/BLG | Road Works | 03 Nos | Rs. 59.96 Lakhs to Rs. 80.67 Lakhs | "B" Class | 04(Four) Calendar Month as provided |

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Executive Engineer Rural Works, Division, Balliguda | Online Tender/13-2025-26/BLG | 25.11.2025 at 10.00 A.M. | 02.12.2025 upto 5.30 P.M. |

(i) EMD / Bid Security, Cost of Bid document is to be transferred through Online as per the procedure mentioned in the DTCN.

(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.

Further details & Corrigendum if any can be seen from the website: - www.tendersodisha.gov.in

OIPR-

Executive Engineer
R.W. Division, Balliguda

यूनियन बैंक ऑफ इंडिया | Union Bank of India

भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ : ଭୁବନେଶ୍ୱର**
୩/୧ଏ ସିଭିକ୍ ସେଣ୍ଟର, ଆଇଆର୍‌ସି ଭିଲେଜ୍
ନୟାପଲ୍ଲୀ ଭୁବନେଶ୍ୱର-୭୫୧୦୧୫

**ଡିମାଣ୍ଡ ନୋଟିସ୍**

**ଆମର ଭୁବନେଶ୍ୱର ମୁଖ୍ୟ ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ**

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡ଼ିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ମୁଖ୍ୟ ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତାମାନେ: ୧) ମେସର୍ସ ନିଗମ ହେଲ୍‌ଥ କେୟାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଅନୁପମ ବେହେରା,** ଠିକଣା- ପ୍ଲଟ୍ ନଂ.: ୧୬୦, ଗଙ୍ଗନଗର, ୟୁନିଟ୍-୬, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୧, **୨) ଶ୍ରୀ ଅନୁପମ ବେହେରା,** ଠିକଣା- ଫ୍ଲାଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭, **କୋ-ଓବ୍ଲିଗାଣ୍ଟ/ ଜାମିନ୍‌ଦାର/ ବନ୍ଧକଦାତା: ଶ୍ରୀ ଭଗବାନ ବେହେରା,** ଠିକଣା- ଫ୍ଲାଟ୍ ନଂ.: ଏ୧, ରତ୍ନା ରେସିଡେନ୍ସି, ସତ୍ୟ ନଗର, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୦୭ | ମିଆଦୀ ଋଣ / ୦୩.୧୧.୨୦୨୫ | ୧୩.୧୧.୨୦୨୫ / ୧୩.୧୧.୨୦୨୫ ସୁଦ୍ଧା ଟ.୨୩,୩୦,୮୫୩.୦୦ ଯୁକ୍ତ ସେବାବଦ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଦେୟ | ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଯାହାର ଖାତା ନଂ.: ୩୮୦, ପରିବର୍ତ୍ତୀତ ଖାତା ନଂ.: ୫୪୦/୨୮୬୯, ପ୍ଲଟ୍ ନଂ.: ୧୫୬୨/୫୫୪୧, ଅନୁରୂପ ଖାତା ନଂ.: ୩୮୦, ପ୍ଲଟ୍ ନଂ.: ୧୫୬୨, ମୌଜା: ମଞ୍ଚେଶ୍ୱର, କ୍ଷେତ୍ର: ଏକର୦.୦୨୯୮୪ ଡିସିମିଲି (୧୩୦୦ ବର୍ଗଫୁଟ), ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଡ଼ିଏସ୍‌ଆରଓ: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ. ୧୪ ଏବଂ ୧୩, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ. ୭ସି, ପଶ୍ଚିମ: ସବ୍ ପ୍ଲଟ୍ ନଂ. ୭ଏ |

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ୬୦ ଦିନ ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

**ସ୍ଥାନ: ଭୁବନେଶ୍ୱର, ତାରିଖ: ୨୪.୧୧.୨୦୨୫** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**ପୂର୍ବ ତଟ ରେଳପଥ**

**(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-54-25**

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସିନିୟର ସେକ୍ସନ ଇଂଜିନିୟର ଇଲେକ୍ଟ୍ରିକାଲ (ବ୍ରହ୍ମପୁର ଏବଂ ପଲାସା) ପରିସୀମା ଅଧୀନସ୍ଥ ଆନୁଷଙ୍ଗିକ ସଂସ୍ଥାପନଗୁଡ଼ିକ ସହିତ ଷ୍ଟେସନଗୁଡ଼ିକ ଠାରେ ସବ୍-ଷ୍ଟେସନ, କେବୁଲିଂ ସଂସ୍ଥାପନ, ଫିଡ଼ର ବାକ୍ସ, ଜଂକ୍ସନ ବାକ୍ସ, ପମ୍ପିଙ୍ଗ ସଂସ୍ଥାପନ, CLS ପ୍ୟାନେଲ ଏବଂ ଲେଭେଲ କ୍ରସିଙ୍ଗ ଫାଟକ, IBs,ହାଇ ମାଷ୍ଟ, ଲିଫ୍ଟ, ଏସ୍କାଲେଟର, ବିଭିନ୍ନ ପ୍ରକାର ଆଲୋକ, ଫ୍ୟାନ, ଆର୍ଥିଙ୍ଗ ସଂସ୍ଥାପନ, ଏଚ୍‌ଟି ଏବଂ ଏଲ୍‌ଟି ଫିଡର ପ୍ୟାନେଲ ଭଳି ସମସ୍ତ ପ୍ରକାର ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ନିମନ୍ତେ ବିବିଧ ରକ୍ଷଣାବେକ୍ଷଣ ଚୁକ୍ତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 7,03,99,986.60,**
EMD (ଟଙ୍କାରେ): **5,02,000/-**।

**(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-55-25**

**କାର୍ଯ୍ୟର ବିବରଣୀ :** ଦୁଇ ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସ୍ୱତନ୍ତ୍ର ଅବସର (**Special Occasion**) ସମୟରେ ଗୁରୁତ୍ୱପୂର୍ଣ୍ଣ ସେବା ଭବନ ଏବଂ ଷ୍ଟେସନଗୁଡ଼ିକ ଠାରେ ଅସ୍ଥାୟୀ ଆଲୋକ, ଫ୍ୟାନ, ମୋବାଇଲ ଚାର୍ଜିଙ୍ଗ ପଏଣ୍ଟ, ଏୟାର କଣ୍ଡିସନର, ପମ୍ପିଙ୍ଗ, ବୈକଳ୍ପିକ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବଂ ସାଜସଜ୍ଜା ତଥା ନନ୍ ଇଣ୍ଟରଲକିଙ୍ଗ (NI) କାର୍ଯ୍ୟ ନିମନ୍ତେ ଅତିରିକ୍ତ(**Standby**)ବିଦ୍ୟୁତ୍ ଯୋଗାଣ ସହିତ ଷ୍ଟେସନ ୟାର୍ଡଗୁଡ଼ିକରେ ଆଲୋକ ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 88,64,778.66,**
EMD (ଟଙ୍କାରେ): **1,77,300/-**।

**(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-56-25**

**କାର୍ଯ୍ୟର ବିବରଣୀ :** ପୁରୀ ଏବଂ ଭୁବନେଶ୍ୱର କୋଚିଙ୍ଗ ଡିପୋ ଠାରେ LHB କୋଚ୍‌ଗୁଡ଼ିକରେ ବିଭିନ୍ନ କମ୍ପାନୀ ଦ୍ୱାରା ଲଗାଯାଇଥିବା ୱାରେଣ୍ଟି ବିହୀନ ତ୍ରୁଟିପୂର୍ଣ୍ଣ **4.5 KW** ରେଗୁଲେଟେଡ୍ ବ୍ୟାଟେରୀ ଚାର୍ଜରଗୁଡ଼ିକର ମରାମତି/ରିକଣ୍ଡିସନିଙ୍ଗ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 45,13,796/-,**
EMD (ଟଙ୍କାରେ): **90,300/-**।

**(4)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-57-25**

**କାର୍ଯ୍ୟର ବିବରଣୀ :** ପଲାସା ଷ୍ଟେସନର ଡାଉନ୍ ପାର୍ଶ୍ୱରେ ହାଇ ଲେଭେଲ ପାସେଞ୍ଜର ପ୍ଲାଟଫର୍ମ ସହିତ ଗୋଟିଏ ଅତିରିକ୍ତ ଲାଇନର ବ୍ୟବସ୍ଥା ସମ୍ବନ୍ଧୀୟ ବିଦ୍ୟୁତୀକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 52,72,324.94,**
EMD (ଟଙ୍କାରେ): **1,05,500/-**।

**(5)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-58-25**

**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର କୋଚିଙ୍ଗ ଡିପୋ ଠାରେ ମେଲ/ଏକ୍ସପ୍ରେସ୍/ ସୁପରଫାଷ୍ଟ/ରାଜଧାନୀ ଟାଇପ୍ ଟ୍ରେନ୍‌ଗୁଡ଼ିକରେ ଏସି କୋଚ୍‌ଗୁଡ଼ିକର ମାର୍ଗଦର୍ଶନ ନିମନ୍ତେ କାର୍ଯ୍ୟବଳ (କୁଶଳୀ- 08 ଗୋଟି, ଅର୍ଦ୍ଧ କୁଶଳୀ-116 ଗୋଟି) ର ବହିଃସ୍ରୋତ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 12,23,94,164.31,**
EMD (ଟଙ୍କାରେ): **7,62,500/-**।

**(6)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-59-25**

**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଅମୃତ ଭାରତ ଷ୍ଟେସନଗୁଡ଼ିକରେ ବିଦ୍ୟୁତ୍ ଯୋଗାଣ ପ୍ରଣାଳୀର ବିଶ୍ୱସନୀୟତା ଏବଂ ଜରୁରୀକାଳୀନ ବ୍ୟାକ ଅପ୍ ନିମନ୍ତେ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍(**BESS**)ର ବ୍ୟବସ୍ଥା।

**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ): 3,96,12,600/-,**
EMD (ଟଙ୍କାରେ): **3,48,100/-**।

ଶେଷ ହେବା ଅବଧି : **36** ମାସ (କ୍ରମ ସଂ.1 ଏବଂ 5 ପାଇଁ), **24** ମାସ (କ୍ରମ ସଂ.2 ପାଇଁ), **06** ମାସ (କ୍ରମ ସଂ.3 ଏବଂ 6 ପାଇଁ) ଏବଂ **04** ମାସ (କ୍ରମ ସଂ.4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.08.12.2025** ରିଖ **1500** ଘଡ଼ିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(G), ଖୋର୍ଦ୍ଧା ରୋଡ୍

PR-821/Q/25-26


**AFFIDAVIT**

By virtue of an affidavit sworn before the Executive Magistrate, Keonjhar, dated- 17.11.2025 I, **Binoda Kumar Pradhan,** S/o. Banabasi Pradhan, resident of Village/Po.- Gadaguda, PS.- G. Udayagiri, Dist.- Kandhamal, Odisha, PIN- 762100 declare that I have changed my name from **Binod Kumar Pradhan** to **Binoda Kumar Pradhan.** Henceforth I shall be known as **BINODA KUMAR PRADHAN** for all purposes.

**Binoda Kumar Pradhan**

**NOTICE**

By virtue of an affidavit sworn before the Notary Public, Cuttack, dated 18.11.2025 I, Subhasish Satapathy, S/o - Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.-Sector-7, Dist- Sundargarh, Odisha, Pin- 769003 have changed my name from Subashish Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.

**Sd/- Subhasish Satapathy**

**AFFIDAVIT**

By virtue of an affidavit No- 2947 sworn before the Executive Magistrate, Sukinda, Jajpur on dtd- 18/11/2025, I **Sk Badal**, S/o Late Sk Halli, resident of At/Po/Ps- Sukinda, Dist- Jajpur, Odisha. My D.L Card bearing Regd No- OR0420010031407, My Aadhar Card No- 420710768126. I have changed my name and address from Badal Saha, At- Merda,PO- Merda Katichhak, Mangalpur, Jajpur, Odisha (old name & address) to Sk Badal, At/Po/Ps- Sukinda, Dist- Jajpur, Odisha (new name & address). Henceforth, both the name **Badal Saha** and **Sk Badal** is one & same person & I will be known as **Sk Badal,** permanent resident of At/Po/Ps- Sukinda, Dist- Jajpur, Odisha for all future purposes.

**ଆଫିଡେଭିଟ**

ମୁଁ ଶ୍ରୀ ରାମେଶ୍ୱର ମହାନ୍ତି, ପିତା- ନାଲୁ ମହାନ୍ତି, ସା - ଓଲାଡି, ପୋ- କୁଷଡ଼ିହା ଥାନା ବସ୍ତା ଜିଲ୍ଲା ବାଲେଶ୍ୱର ପିନ୍- 756029ର ବାସିନ୍ଦା ଅଟେ। ମୁଁ ଗୋଟିଏ LIC କରିଥିଲି। ଯାହାର ପଲିସି ନମ୍ବର 588035598। ଏହି ପଲିସିଟି ସନ୍ୟାସୀ ମହାନ୍ତି ପି- ନାଲୁ ମହାନ୍ତି ନାମରେ କରାଯାଇଥିଲା। ବର୍ତ୍ତମାନ ସନ୍ୟାସୀ ମହାନ୍ତି ନାମରେ ଥିବା ସମସ୍ତ ଡକ୍ୟୁମେଣ୍ଟ ଯଥା ଆଧାର କାର୍ଡ, ଭୋଟର କାର୍ଡ ଓ ବ୍ୟାଙ୍କ ପାସ ବୁକ୍ ଇତ୍ୟାଦି ସବୁଥିରେ ରାମେଶ୍ୱର ମହାନ୍ତି ନାମରେ ପରିବର୍ତ୍ତନ ହୋଇସାରିଛି। ସନ୍ୟାସୀ ମହାନ୍ତି ଓ ରାମେଶ୍ୱର ମହାନ୍ତି ହେଉଛନ୍ତି ଜଣେ ଓ ଅଭିନ୍ନ। ତାହା ମୁଁ ନିଜେ ଏବଂ ମୁଁ ଏହାର ସତ୍ୟତା ପାଇଁ କୋର୍ଟରେ ଏକ ଏଫିଡେଭିଟ କରିସାରିଛି। ଏଣୁ ବିନୀତ ଅନୁରୋଧ ମୋର ଏହି LIC ପଲିସିଟିରେ ସନ୍ୟାସୀ ମହାନ୍ତି ପରିବର୍ତ୍ତେ ରାମେଶ୍ୱର ମହାନ୍ତି ଅନ୍ତର୍ଭୁକ୍ତ କରିବାକୁ ଚାହୁଁଛି।

## ପ୍ରୀତିପଦ୍ମା ଭଏସ୍ ଅଫ୍ ନୟାଗଡ଼



ନୟାଗଡ଼,୨୪।୧୧(ସମିସ): ନୟାଗଡ଼ କ୍ଲବ୍ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ସଂଗୀତ ପ୍ରତିଯୋଗିତା ଭଏସ୍ ଅଫ୍ ନୟାଗଡ଼ ସିଜନ୍-୬ ଫାଇନାଲ୍ ମୁକାବିଲା ରୋଟାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଯୋଗଦେଇ ଭଏସ୍ ଅଫ୍ ନୟାଗଡ଼ ବିଜେତାଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିବା ସହିତ ସମସ୍ତ ପ୍ରତିଯୋଗୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଚାରକ ଭାବେ ବରିଷ୍ଠ କଣ୍ଠଶିଳ୍ପୀ ସୁରଗନ୍ଧର୍ବ ନବକିଶୋର ମିଶ୍ର, ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଅଶୋକ କୁମାର ଗାଣ୍ଡିଆ ଓ ସଂଗୀତ ମହାବିଦ୍ୟାଳୟ ଭୁବନେଶ୍ୱରର ଅଧ୍ୟାପକ ଲଳିତ କୁମାର କର ଯୋଗଦେଇ ୧୧ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୩ ଜଣ ସର୍ବଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପ୍ରୀତିପଦ୍ମା ମିଶ୍ର "ଭଏସ୍ ଅଫ୍ ନୟାଗଡ଼' ବିଜେତା ହୋଇଥିବାବେଳେ ସୌଦାମିନୀ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ୩ୟ ସ୍ଥାନ ଅଧିକାର କରିଛନ୍ତି ଚିନ୍ମୟ ପ୍ରସାଦ ବେହେରା। ସ୍ଥାନୀୟ ବରିଷ୍ଠ ନାଗରିକ ଗୋଷ୍ଠୀ କେନ୍ଦ୍ର ସଭାକକ୍ଷରେ ସେମିଫାଇନାଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲାବେଳେ ବିଚାରକ ଭାବେ ସଂଗୀତ ମହାବିଦ୍ୟାଳୟ ଭୁବନେଶ୍ୱରର ଅଧ୍ୟାପକ ଲଳିତ କୁମାର କର, ବରିଷ୍ଠ ସଂଗୀତ ଶିକ୍ଷକ ରାଜେଶ କୁମାର ମିଶ୍ର ଓ ସଂଗୀତ ନିର୍ଦ୍ଦେଶକ ଶ୍ରୀନିବାସ ସାମନ୍ତରାୟ ଯୋଗଦେଇ ୨୧ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୧ ଜଣ ପ୍ରତିଯୋଗୀଙ୍କୁ ଫାଇନାଲ୍‌କୁ ଚୟନ କରିଥିଲେ। ନୟାଗଡ଼ କ୍ଲବ୍ ସଭାପତି ଅଶୋକ କୁମାର ନାୟକ, ସମ୍ପାଦକ ଶ୍ରୀଧର ସାହୁ, ଭଏସ୍ ଅଫ୍ ନୟାଗଡ଼ କାର୍ଯ୍ୟକ୍ରମର ଚେୟାରମ୍ୟାନ୍ ମିହିର ରଞ୍ଜନ ନାୟକ, ନିର୍ଦ୍ଦେଶକ ଶରତ ଚନ୍ଦ୍ର ଆଚାର୍ଯ୍ୟ, ସଂଯୋଜକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଅବିନାଶ ସାହୁ ପ୍ରମୁଖ ଉପସ୍ଥିତ ହୋଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଡିସେମ୍ବର ୨୯ରୁ ଧାନକିଣା ପାଇଁ ନିଷ୍ପତ୍ତି

ନୟାଗଡ଼,୨୪।୧୧(ସମିସ)



ନୟାଗଡ଼ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଚାଷୀ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ମୁରଲୀକ୍ରିଷ୍ଣା ଆବଶ୍ୟକ ତଥ୍ୟ ଉପସ୍ଥାପନା କରିଥିଲେ। ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୩ଟି ସ୍ଥାନରେ ମଣ୍ଡି ବନ୍ଦ ଥିବାରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବା ଉପରେ ସାଂସଦ ଓ ଦଶପଲ୍ଲା ବିଧାୟକ ଗୁରୁତ୍ୱ ଦେଇଥିଲେ। ଗତବର୍ଷ ତୁଳନାରେ ଏ ବର୍ଷ ଟାର୍ଗେଟ୍ କମ୍ ଆସିଥିବା ନେଇ ବିଧାୟକ ଶ୍ରୀ ବେହେରା ପ୍ରଶ୍ନ ଉଠାଇଥିଲେ। କଟ୍‌ନୀ ଛଟ୍‌ନୀକୁ ନେଇ ଉପସ୍ଥିତ ଚାଷୀ ପ୍ରତିନିଧି ଏବଂ ଖଣ୍ଡପଡ଼ା ବିଧାୟକ ଜୋର୍‌ଦାର୍ ବିରୋଧ କରିଥିଲେ। ନୟାଗଡ଼ ଜିଲ୍ଲାରେ ମନମାନୀ ଚଳିବ ନାହିଁ ବୋଲି କହିଥିଲେ। ଚାଷୀଙ୍କୁ ଉଚିତ୍ ବ୍ୟବହାର କରିବାକୁ ପାକ୍ସ କର୍ମଚାରୀଙ୍କୁ ପରାମର୍ଶ ଦେବା ଏବଂ ୨୮ ନୂତନ ସମବାୟ ସମିତିରେ ଧାନକିଣା ଆରମ୍ଭ କରିବାକୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ। ଚଳିତ ବର୍ଷ ଡିସେମ୍ବର ୨୯ ତାରିଖରୁ ଧାନକିଣା ଆରମ୍ଭ କରିବାକୁ ଜିଲ୍ଲାପାଳ ନିଷ୍ପତ୍ତି ନେଇଛନ୍ତି।

ଗତବର୍ଷ ଏମ୍‌ଏସ୍‌ପି ପରିମାଣ ୮୦୦ ଟଙ୍କା ରହିଥିବାବେଳେ ଚଳିତ ବର୍ଷ ଏମ୍‌ଏସ୍‌ପି ୭୩୧ ଟଙ୍କା କରାଯିବାକୁ ନେଇ ଚାଷୀନେତା ଗଙ୍ଗାଧର ପଣ୍ଡା ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ହୋ-ହଲ୍ଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

- କଟ୍‌ନୀଛଟ୍‌ନୀକୁ ଜୋର୍‌ଦାର୍ ବିରୋଧ
- ଅନ୍ୟ ଜିଲ୍ଲା ମିଲର୍‌ଙ୍କୁ ସାମିଲ୍ ଦାବି
- ଏମ୍‌ଏସ୍‌ପି କମାଇବାକୁ ନେଇ କ୍ଷୋଭ

ଜିଲ୍ଲାରେ ବ୍ୟାପକ ପରିମାଣରେ ଧାନକିଣା ହେଉଥିବାରୁ ଜିଲ୍ଲାର ୧୫ ମିଲରଙ୍କ ସହ ଅନ୍ୟ ଜିଲ୍ଲା ମିଲରଙ୍କୁ ସାମିଲ୍ କରିବାକୁ ଚାଷୀ ନେତା ବସନ୍ତ ପଟ୍ଟନାୟକ ଦାବି କରିଥିଲେ। ଗତବର୍ଷ ୧୫୩ ପାକ୍ସ ଜରିଆରେ ୧୬୮ଟି ମଣ୍ଡି ହୋଇଥିଲା। ୫୧ ହଜାର ୬୮୨ ଚାଷୀ ୧୬ ଲକ୍ଷ ୯୩ ହଜାର ୨୯୦ କ୍ୱିଣ୍ଟାଲ ଧାନ ବିକ୍ରି କରିଥିଲେ। ଚାଉଳ ସଂଗ୍ରହ ସଠିକ୍ ଭାବେ ହୋଇପାରି ନ ଥିବାରୁ ମିଲରମାନେ କ୍ଷୋଭ ପ୍ରକାଶ କରିଥିଲେ। ଶୀଘ୍ର ଚାଉଳ ଉଠାଯିବାକୁ ମିଲର୍‌ମାନେ ଦାବି କରିଥିଲେ। ଚଳିତ ବର୍ଷ ୧୦ ଲକ୍ଷ ୧୬ ହଜାର କ୍ୱିଣ୍ଟାଲ ଧାନ କିଣାଯିବାକୁ ପ୍ରାଥମିକ ଭାବେ ଜିଲ୍ଲାକୁ ଟାର୍ଗେଟ୍ ମିଳିଛି। ଜିଲ୍ଲାରେ ୫୭ ହଜାର ୯୭୨ ଚାଷୀ ପଞ୍ଜୀକରଣ ହୋଇଛି। ଚଳିତ ବର୍ଷ ଡିସେମ୍ବର ୨୯ ତାରିଖରୁ ଧାନକିଣା ଆରମ୍ଭ କରିବାକୁ ଜିଲ୍ଲାପାଳ ନିଷ୍ପତ୍ତି ନେଇଛନ୍ତି। ଧାନକିଣାରେ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯିବା ସହ ଚାଷୀଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ଆର୍‌ଏମ୍‌ସିକୁ ନିର୍ଦ୍ଦେଶ ଦିଆଯାଇଛି। ପାକ୍ସଗୁଡ଼ିକରେ ଚାଷୀ ବସିବା ପାଇଁ ସୁବିଧା, ଶୌଚାଳୟ ବ୍ୟବସ୍ଥା, ପିଇବା ପାଣି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ସରକାରୀ କର୍ମଚାରୀ, ଚାଷୀ ପ୍ରତିନିଧି ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ।

## ଜିଲ୍ଲାପାଳଙ୍କ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

ଖଣ୍ଡପଡ଼ା,୨୪।୧୧(ସମିସ): ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡ଼ା ବ୍ଲକ୍ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସ୍‌ଡିପିଓ ମଦନମୋହନ ପ୍ରଧାନ, ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲ୍‌ଦାର ବିଶ୍ୱବିଶୃତ ତ୍ରିପାଠୀ, ବନାଞ୍ଚଳ ଅଧିକାରୀ ଦିଲ୍ଲୀପ କୁମାର ପଟ୍ଟନାୟକ, ଖଣ୍ଡପଡ଼ା ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ ଓ ଅନ୍ୟ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ। ସର୍ବମୋଟ୍ ୭୭ଟି ଅଭିଯୋଗପତ୍ର ଶିବିରରେ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୭୩ଟି ବ୍ୟକ୍ତିଗତ, ୪ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଅଭିଯୋଗପତ୍ର ଗ୍ରହଣ କରାଯାଇଥିବା ବ୍ଲକ୍ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ୨୭ଟି ଅଭିଯୋଗର ତତ୍କାଳ ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ ନିମନ୍ତେ ବ୍ଲକ୍ ଉନ୍ନୟନ ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ନେଇ ସୂଚନା ମିଳିଛି।

## ● ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ଚାନ୍ଦା ଆଦାୟ

# ମାନସିକ ଦୁଶ୍ଚିନ୍ତାରେ ଶିକ୍ଷକ-ଶିକ୍ଷୟିତ୍ରୀ

ଗଣିଆ,୨୪।୧୧(ସମିସ): ଗଣିଆ ବ୍ଲକ୍ ଶିକ୍ଷା ବିଭାଗରେ ଦୁର୍ନୀତି ଦିନକୁ ଦିନ ବଢ଼ିବାରେ ଲାଗିଛି। ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିରରେ ଦୁଇ ଜଣ ଆର୍‌ପିଙ୍କ ବଦଳରେ ଜଣେ ଆର୍‌ପି ନିଯୁକ୍ତି କରି ଅର୍ଥ ହଡ଼ପ କଥା ହେଉ ଅଥବା ବାଳ ଚିକିତ୍ସା ଶିବିରରେ ଛାତ୍ରଛାତ୍ରୀଙ୍କୁ ଜଳଖିଆ ଦେଇ ଟଙ୍କା ହରିଲୁଟ୍ ଖବର ଚର୍ଚ୍ଚାର ବିଷୟ ପାଲଟିଥିବାବେଳେ ଏବେ ବିଜ୍ଞାନ ମେଳାରେ ବିଦ୍ୟାଳୟଗୁଡ଼ିକରୁ ଜୁଲୁମ୍ କରି ଟଙ୍କା ଆଦାୟ କରିବା ଘଟଣା ଗଣିଆରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣାରୁ ପ୍ରକାଶ ଯେ, ଗଣିଆରେ ଚଳିତ ମାସ ୨୮ ତାରିଖରେ ବିଜ୍ଞାନ ମେଳା ଅନୁଷ୍ଠିତ ହେବ। ଏଥିପାଇଁ ଦୁଇ ଦୁଇ ଥର ପ୍ରସ୍ତୁତି ବୈଠକ ଶେଷ ହୋଇଯାଇଛି। ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଅନୁଯାୟୀ, ପ୍ରାଥମିକ ବିଦ୍ୟାଳୟ ଗୋଟିଏ ପ୍ରକଳ୍ପ ଆଣିବା ସହିତ ୬୦୦ ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୁଇଟି ପ୍ରକଳ୍ପ ଆଣିବା ସହିତ ୯୦୦ ଟଙ୍କା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ୬ଟି ପ୍ରକଳ୍ପ ଆଣିବା ସହିତ ଚାନ୍ଦା ବାବଦକୁ ୧୫୦୦ ଟଙ୍କା ଦେବାକୁ ସ୍ଥିର କରାଯାଇଛି। ଏପରିକି ସମସ୍ତ ସିଆର୍‌ସିସି ଏହି ଚାନ୍ଦା ଆଦାୟ କରିବା ଚିଠିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି। ବ୍ଲକ୍ ଶିକ୍ଷା ଅଧିକାରୀ ବିଜ୍ଞାନ ମେଳାର ସଭାପତି ଥିବାବେଳେ ଏଭଳି କାହା ଇଙ୍ଗିତରେ ଅର୍ଥ ଆଦାୟ ହେଉଛି ? ଏଠାରେ ପ୍ରଶ୍ନ ଉଠୁଛି ଯେ, ବିଜ୍ଞାନ ମେଳା ପାଇଁ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ପ୍ରାଥମିକ ସ୍ତର ପାଇଁ ୨୦ ହଜାର ଟଙ୍କା ଏବଂ ଉଚ୍ଚ ପ୍ରାଥମିକ ସ୍ତର ପାଇଁ ୨୦ ହଜାର ଟଙ୍କା ସର୍ବମୋଟ୍ ୪୦ ହଜାର ଟଙ୍କା ଚଳିତ ବର୍ଷ ଆସିଥିବାବେଳେ ବିଦ୍ୟାଳୟଗୁଡ଼ିକରୁ ଅର୍ଥ ଆଦାୟ କରାଯାଉଛି କାହିଁକି? ଏହି ଅର୍ଥ ଆଦାୟକୁ ନେଇ ପ୍ରଧାନଶିକ୍ଷକମାନେ ମାନସିକ ଦୁଶ୍ଚିନ୍ତା ଦେଇ ଗତି କରୁଛନ୍ତି। ଅନେକ ସମୟରେ ଅଡିଟ୍‌ବେଳେ ସେମାନଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟଗୁଡ଼ିକରୁ ଜୋର୍‌ଜବରଦସ୍ତ ଚାନ୍ଦା ଆଦାୟ କରାଯାଉଥିବା ବେଳେ ଏହାର ସୂତ୍ରଧର ପାଲଟିଛନ୍ତି ସିଆର୍‌ସିସି। ଏଥିପାଇଁ ସମସ୍ତଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲେ ମଧ୍ୟ ବଡ଼ ଲୋକଙ୍କୁ ଉତ୍ତର ନାହିଁ ନ୍ୟାୟରେ ଭୟଭୀତ ହୋଇ କେହି ବି ପାଟି ଫିଟାଉ ନାହାନ୍ତି। ଗତବର୍ଷ ମଧ୍ୟ ଏଭଳି ବିଦ୍ୟାଳୟଗୁଡ଼ିକରୁ ଅର୍ଥ ଆଦାୟ କରାଯାଇଥିବା ବେଳେ ଆସୁଥିବା ଅର୍ଥ କିଏ ନେଲା ତାହାର ଉତ୍ତର କାହା ପାଖରେ ନାହିଁ। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପଚାରିବାରୁ, ବିଜ୍ଞାନ ମେଳା ପାଇଁ ଅର୍ଥ ଆଦାୟ କରିବାକୁ କୌଣସି ନିର୍ଦ୍ଦେଶ ନାହିଁ। ଯଦି ଏଭଳି ହେଉଛି ତେବେ ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ନିଜେ ଏ ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

ଦୃଷ୍ଟି ଦେବେ କି ଜିଲ୍ଲା ଶିକ୍ଷା ଅଧିକାରୀ ?

## ଜିଲ୍ଲାପାଳଙ୍କ ବିଦ୍ୟାଳୟ ପରିଦର୍ଶନ

ଖଣ୍ଡପଡ଼ା,୨୪।୧୧(ସମିସ): ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳକୁ ସୋମବାର ଗସ୍ତରେ ଆସିଥିବା ଅବସରରେ ଖଣ୍ଡପଡ଼ା ସହର ସର୍ବପୁରାତନ ତଥା ପିଏମ୍‌ଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରାକୃତିକ ପରିବେଶ ଓ ମଧ୍ୟାହ୍ନଭୋଜନ ବ୍ୟବସ୍ଥା ସୁପରିଚାଳନା ନେଇ ଜିଲ୍ଲାପାଳ ଆନନ୍ଦ ପ୍ରକାଶ କରିଥିଲେ। କମ୍ପ୍ୟୁଟର ଶ୍ରେଣୀ କକ୍ଷରେ ଛାତ୍ରଛାତ୍ରୀଙ୍କ ସହ କିଛି ସମୟ ଧରି ଜିଲ୍ଲାପାଳ ଆଲୋଚନା କରିବା ସହ ସେମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଡିଜିଟାଲ ଶିକ୍ଷାର ପ୍ରସାର ଉପରେ ସର୍ବଦା ଗୁରୁତ୍ୱ ଦେଇ ଆସୁଥିବା ଜିଲ୍ଲାପାଳ ଛାତ୍ରଛାତ୍ରୀମାନଙ୍କ କମ୍ପ୍ୟୁଟର ସମ୍ବନ୍ଧିତ ଦକ୍ଷତା ଦେଖି ଆନନ୍ଦ ପ୍ରକାଶ କରିବା ସହ ବିଦ୍ୟାଳୟରେ 'ଦୀପ' କାର୍ଯ୍ୟକ୍ରମର ସଫଳ ରୂପାୟଣ ହୋଇପାରିଥିବା ନେଇ ଅନୁଭବ କରିଥିଲେ। ଜିଲ୍ଲାପାଳଙ୍କ ବିଦ୍ୟାଳୟ ପରିଦର୍ଶନ ସମୟରେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଗୀତାଞ୍ଜଳି ସାହୁ, ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ଲିପ୍‌ସା ନନ୍ଦ, ଖଣ୍ଡପଡ଼ା ବ୍ଲକ୍ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ ଓ ପ୍ରଦୀପ କୁମାର ସାହୁ, ଶିକ୍ଷକ ବିଶ୍ୱମ୍ବର ପ୍ରଧାନ, ଅନିଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଥାଉକି, ଚଳିତ ଶିକ୍ଷାବର୍ଷଠାରୁ ନୟାଗଡ଼ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳଙ୍କ ପ୍ରେରଣାକ୍ରମେ ଏହି 'ଦୀପ' କାର୍ଯ୍ୟକ୍ରମ ଚାଲୁ ରହିଥିବା ଜଣାପଡ଼ିଛି।



## ● ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ

# ଅଧ୍ୟକ୍ଷାଙ୍କ ନିର୍ଦ୍ଦେଶରେ ବେଆଇନ ଗଛକଟା

ନୟାଗଡ଼,୨୪।୧୧(ସମିସ): ନୟାଗଡ଼ ସହରରେ ଅବସ୍ଥିତ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ମିତାରାଣୀ ରାଉତରାୟଙ୍କ ନିର୍ଦ୍ଦେଶରେ ବେଆଇନ ଭାବେ ୮ଟି ଗଛ କାଟି ଦିଆଯାଇଛି। କିଛିଦିନ ତଳୁ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ରହିଥିବା ଦେବଦାରୁ, ବଉଳ ଏବଂ କଦମ୍ବ ଗଛଗୁଡ଼ିକୁ କଟାଯାଇଥିବା ବେଳେ ସୋମବାର ଏନେଇ ବନ ବିଭାଗ ଖବର ପାଇଥିଲା। ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବର୍ଚ୍ଚନା ବେହେରାଙ୍କ ନିର୍ଦ୍ଦେଶରେ ନୟାଗଡ଼ ବନପାଳ ଶୁଭେନ୍ଦ୍ର ପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ବନ କର୍ମଚାରୀମାନେ ମହାବିଦ୍ୟାଳୟକୁ ଯାଇ ପରିସ୍ଥିତି ଦେଖିଥିଲେ। କଟାଯାଇଥିବା ଗଛ ଗଣ୍ଡିକୁ ବନ ବିଭାଗ ଜବତ କରିଥିବାବେଳେ ଏହାକୁ ନେଇ ଏକ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି। ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ନାମରେ ମାମଲା ରୁଜୁ ହୋଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ପ୍ରତିକ୍ରିୟା ନେବା ପରେ ସେ ନିୟମ ବିଷୟରେ ଜାଣି ନ ଥିବା କହିଛନ୍ତି। ମହାବିଦ୍ୟାଳୟ ପରିସରକୁ ସ୍ୱଚ୍ଛ ରଖିବା ପାଇଁ ଗଛଗୁଡ଼ିକୁ କାଟିବାକୁ ବାଧ୍ୟ ହୋଇଥିଲୁ ବୋଲି ସଫେଇ ଦେଇଛନ୍ତି। କିନ୍ତୁ ବାସ୍ତବରେ ମହାବିଦ୍ୟାଳୟରେ କିଛି ଉନ୍ନୟନମୂଳକ କାର୍ଯ୍ୟ କରାଯିବାକୁ ଲକ୍ଷ୍ୟ ରଖି ଗଛଗୁଡ଼ିକୁ ବେଆଇନ ଭାବେ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। ଗଛ କାଟିବା ପାଇଁ ବନ ବିଭାଗରୁ ଅନୁମତି ଅଣାଯାଇ ନାହିଁ। ମହାବିଦ୍ୟାଳୟ ଅଧ୍ୟକ୍ଷାଙ୍କ ମନମାନୀକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନରୁ ରହିଥିବା ଏହି ଗଛଗୁଡ଼ିକୁ ଉଦ୍ଦେଶ୍ୟମୂଳକ ଭାବେ କଟାଯାଇଥିବା ଅଭିଯୋଗ ହୋଇଛି।




## ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ସନ୍ଧ୍ୟା

ଗଣିଆ,୨୪।୧୧(ସମିସ): ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞ ତଥା ମଣିଭଦ୍ରା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମନୋରଞ୍ଜନର ଖୋରାକ୍ ଯୋଗାଇଥିଲା। ସକାଳେ ସୂର୍ଯ୍ୟପୂଜା ପରେ ସିଦ୍ଧଯୋଗୀ ସ୍ୱର୍ଗତ ବାବା ରାମଦାସଙ୍କ ପାଦୁକା ପୂଜା ଅନୁଷ୍ଠିତ ହୋଇଥିଲା। ପୁରୀର ପୂଜାପଣ୍ଡା ଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଆସିଥିଲେ। ସେମାନେ ମୁଖ୍ୟ ମଞ୍ଚରେ ବେଦପାଠ କରିଥିଲେ। ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁଙ୍କୁ ନେଇ ସାଧୁମେଳା ଅନୁଷ୍ଠିତ ହୋଇଥିଲା। ଧର୍ମରକ୍ଷା, ରାଷ୍ଟ୍ର ରକ୍ଷା, ଗୋ ରକ୍ଷା ସମ୍ପର୍କରେ ସାଧୁମାନେ ମତ ଦେଇଥିଲେ। ସତ୍ୟ, ଶାନ୍ତି ସେବା ଟ୍ରଷ୍ଟର ତଥା ଯଜ୍ଞ କମିଟିର ସଭାପତି ଅଜୟ ପଟ୍ଟନାୟକ, ଉପଦେଷ୍ଟା ନିର୍ମଳ ପଟ୍ଟନାୟକ, ଧିରେନ୍ଦ୍ର ପାଣିଗ୍ରାହୀ, ସୁଧାଂଶୁ ଶେଖର ମିଶ୍ର, ଆଦିତ୍ୟ ନାରାୟଣ ମହାସୁପକାର, ପାର୍ଥସାରଥିଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଦ୍ୱିତୀୟ ଦିନରେ ୩୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାରେ ଚାଲିଥିବା ଜଣାପଡ଼ିଛି।

## ● ସାମ୍ବାଦିକଙ୍କୁ ଆକ୍ରମଣ ଘଟଣା

# ମିଥ୍ୟା ମାମଲା ପ୍ରତ୍ୟାହାର ଓ ଅଭିଯୁକ୍ତକୁ ଗିରଫ ଦାବି

ଖଣ୍ଡପଡ଼ା/ଭାପୁର,୨୪।୧୧(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ସାମ୍ବାଦିକଙ୍କୁ ଖବର ସଂଗ୍ରହ କରିବା ସମୟରେ ଆକ୍ରମଣ କରିଥିବା ବ୍ୟକ୍ତିକୁ ତୁରନ୍ତ ଗିରଫ କରିବା ସହ ସାମ୍ବାଦିକଙ୍କ ନାମରେ ହୋଇଥିବା ମିଥ୍ୟା ଅଭିଯୋଗକୁ ପ୍ରତ୍ୟାହାର ପାଇଁ ଜିଲ୍ଲାପାଳଙ୍କୁ ସାମ୍ବାଦିକଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୨୦ ତାରିଖରେ ଭାପୁର ବ୍ଲକ୍ ବିଜିପୁର ଫତେଗଡ଼ ରାଜ୍ୟ ରାଜପଥରେ ହୋଇଥିବା ଦୁର୍ଘଟଣା ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକ ପ୍ରଭାତ କୁମାର ବରାଡ଼ଙ୍କୁ ବିଜିପୁର ଗ୍ରାମର ଜଣେ ବ୍ୟକ୍ତି ମରଣାନ୍ତକ ଆକ୍ରମଣ କରିଥିଲେ। ତାଙ୍କୁ ଗିରଫ କରିବା ସହ ସାମ୍ବାଦିକଙ୍କୁ ନ୍ୟାୟ ପ୍ରଦାନ ପାଇଁ ପୁଲିସ ନିକଟରେ ସାମ୍ବାଦିକମାନେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତକୁ ଗିରଫ ତ ଦୂରର କଥା ଓଲଟି ସାମ୍ବାଦିକଙ୍କ ନାମରେ ଏକ ମିଥ୍ୟା ମୋକଦ୍ଦମା ପୁଲିସ ରୁଜୁ କରିଛି। ଏହା ବିରୋଧରେ ଖଣ୍ଡପଡ଼ା ଆଞ୍ଚଳିକର ସାମ୍ବାଦିକ ସଂଘର ୩୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ସୋମବାର ଜିଲ୍ଲାପାଳଙ୍କ ଖଣ୍ଡପଡ଼ା ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ୪ ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ କରିବା ସହ ସାମ୍ବାଦିକଙ୍କ ନାମରେ ହୋଇଥିବା ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ନୟାଗଡ଼ ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, ସମ୍ପାଦକ ଅନୀଲ କୁମାର ପଣ୍ଡା, କୋଷାଧ୍ୟକ୍ଷ ବିଶ୍ୱଜିତ୍ ନାୟକ, ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘ ସମ୍ପାଦକ ଭବାନୀ ଶଙ୍କର ସିଂହସାମନ୍ତ, କୋଷାଧ୍ୟକ୍ଷ ଶାନ୍ତିଶେଖର ରଥ, ବିନୋଦ ମହାପାତ୍ର, ଭାପୁରରୁ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଚିତ୍ତରଞ୍ଜନ ପଣ୍ଡା, ମନୋଜ କିଶୋର ସାହୁ, ସୁଶାନ୍ତ ପଟ୍ଟନାୟକ, ଗୀତିକାନ୍ତ ପଣ୍ଡାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ତୁରନ୍ତ ଏ ନେଇ ନିରପେକ୍ଷ ତଦନ୍ତ କରି ଦୋଷୀକୁ ଦଣ୍ଡ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯଦି ଆସନ୍ତା ୪ ଦିନ ମଧ୍ୟରେ ଏ ନେଇ ପୁଲିସ କୌଣସି ପଦକ୍ଷେପ ନ ନିଏ, ତେବେ ଶୁକ୍ରବାରଠାରୁ ଏସ୍‌ପିଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାର ସମସ୍ତ ସାମ୍ବାଦିକ ଧାରଣାରେ ବସିବେ ବୋଲି ଉଲ୍ଲେଖ କରିଛନ୍ତି।



## ୨ ବାଇକ୍ ମୁହାଁମୁହିଁ; ଜଣେ ମୃତ

ଓଡ଼ଗାଁ,୨୪।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଭଞ୍ଜନଗର ୨୧ ନମ୍ବର ରାଜ୍ୟ ରାଜପଥର ପଥରା ଛକଠାରେ ୨ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତ ଚାଳକ ଜଣକ ଓଡ଼ଗାଁ ପାଇକସାହିର ଶୁଭେନ୍ଦୁ ଦଳବେହେରାଙ୍କ ପୁଅ ଦିଲ୍ଲୀପ ଦଳବେହେରା। ସୋମବାର ଅପରାହ୍ଣରେ ଦିଲ୍ଲୀପ ଖଲି ଆଣିବା ନିମନ୍ତେ ସାଙ୍ଗରେ ଅନ୍ୟ ଜଣକୁ ବସାଇ ପଥରା ନିକଟ ଆଦିବାସୀ ଗାଁ ନୋତରପଲ୍ଲୀକୁ ଯାଇଥିଲେ। ସେଠାରୁ ଖଲି ଧରି ଫେରୁଥିବାବେଳେ ଭଞ୍ଜନଗର ମୁଖ୍ୟ ସଡ଼କକୁ ପ୍ରବେଶ କରିବା ସମୟରେ ଓଡ଼ଗାଁ ପଟରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ବାଇକ୍ ଦିଲ୍ଲୀପଙ୍କ ବାଇକ୍‌କୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ଦିଲ୍ଲୀପଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସହଯାତ୍ରୀ ଜଣକ ଛିଟିକି ଯାଇ ଘାସ ଉପରେ ପଡ଼ିବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ସ୍ଥଳରୁ ଦିଲ୍ଲୀପଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଚଳାବସ୍ଥା ଓ ବିଡିଓଙ୍କ ମନମାନୀ

# ବ୍ଲକ୍‌ରେ ତାଲା ପକାଇଲେ ଜନପ୍ରତିନିଧି

ଭାପୁର,୨୪।୧୧(ସମିସ)



ଜିଲ୍ଲା ପ୍ରଶାସନର ଅପାରଗତା ଯୋଗୁଁ ଭାପୁର ବ୍ଲକ୍‌ରେ ଆଇନଶୃଙ୍ଖଳା ବିଗିଡ଼ିବା ସହ ପ୍ରଶାସନିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ଜ୍ୱଳନ୍ତ ଉଦାହରଣ ଭାପୁର ବ୍ଲକ୍ ପରିସରରେ ସୋମବାର ଦେଖିବାକୁ ମିଳିଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ବର୍ତ୍ତମାନ ଜନପ୍ରତିନିଧି ଓ ବ୍ଲକ୍ ପ୍ରଶାସନ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ଏହାର ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଇ ଖସିଯିବାକୁ ବସିଛି। ବ୍ଲକ୍‌ରେ ବିଡିଓଙ୍କ ଜନବିରୋଧୀ ଓ ଦୁର୍ନୀତିରେ ଜଡ଼ିତ ହେବା ସହ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହୋଇଛି। ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ସମସ୍ତ ପ୍ରଶାସନିକ ଅଧିକାରୀମାନେ ଜନପ୍ରତିନିଧିଙ୍କୁ ଉଚିତ୍ ସମ୍ମାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି, ହେଲେ ତୃଣମୂଳସ୍ତରରେ କାର୍ଯ୍ୟ ଓଲଟା।

ଭାପୁର ବ୍ଲକ୍‌ରେ ଜନପ୍ରତିନିଧିଙ୍କୁ ବିଡିଓ ସମ୍ମାନ ନ ଦେଇ ଦୁର୍ବ୍ୟବହାର କରିବା, ଦୁର୍ନୀତିକୁ ପ୍ରଶ୍ରୟ ଦେବା ସହ ଦଳୀୟ ଭାବନା ନେଇ କାର୍ଯ୍ୟ କରୁଥିବା ଭଳି ଗୁରୁତର ଅଭିଯୋଗ ହୋଇଆସୁଛି। ଏନେଇ ଗତ ଜୁନ୍ ୨୩ ତାରିଖରେ ବ୍ଲକ୍ ପରିସରରେ ଅଧ୍ୟକ୍ଷା, ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟମାନେ ଧାରଣାରେ ବସିଥିଲେ। ସେତେବେଳେ ଜିଲ୍ଲାପାଳ ନ ଆସି ପ୍ରକଳ୍ପ ନିର୍ଦ୍ଦେଶକ ଓ ଉପଜିଲ୍ଲାପାଳଙ୍କୁ ପଠାଇ ଏକ ସପ୍ତାହ ମଧ୍ୟରେ ଏକ ସମାଧାନ ସୂତ୍ର କାଢ଼ିବେ ବୋଲି କହିଥିଲେ। ଦୀର୍ଘ ୪ ମାସ ପରେ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନକୁ ବୈଠକ ଡକାଇ ସମାଧାନ କରିବାକୁ ସମୟ ହେଲାନାହିଁ। ସୋମବାର ଭାପୁର ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ହୋଇ ଦିନ ୧୦ଟା ସମୟରେ ବ୍ଲକ୍ ମୁଖ୍ୟ ଫାଟକ ସହ ଅନେକ କାର୍ଯ୍ୟାଳୟରେ ତାଲା ପକାଇଥିଲେ। ବିଡିଓଙ୍କ କାର୍ଯ୍ୟାଳୟ ତାଲା ପକାଇବା ସମୟରେ ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ସଦଳବଳେ ଉପସ୍ଥିତ ରହି ତାଲା ନ ପକାଇ ଜିଲ୍ଲା ପ୍ରଶାସନ ସହ ଆଲୋଚନା ପାଇଁ ଉପଦେଶ ଦେଇଥିଲେ। ଏହା ପରେ ଜନପ୍ରତିନିଧିମାନେ ଏକ ସାମ୍ବାଦିକ ସମ୍ମିଳନୀ କରିବା ପରେ ବ୍ଲକ୍ ପରିସରରେ ଧାରଣାରେ ବସି ରହିଥିଲେ। ଫଳରେ ଅପରାହ୍ଣରେ ନୟାଗଡ଼ ଜିଲ୍ଲା ମୁଖ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ୍ ବେହେରା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଭାପୁର ବ୍ଲକ୍‌ରେ ପହଞ୍ଚି ଧାରଣାରତ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସେମାନେ ଆସିଥିବା କହିବା ସହ ଜନପ୍ରତିନିଧିଙ୍କ ସମସ୍ତ ଅଭିଯୋଗ ଶୁଣି ଜିଲ୍ଲାପାଳଙ୍କୁ ଅବଗତ କରାଇବେ ଓ ଏକ ସପ୍ତାହ ମଧ୍ୟରେ ଜନପ୍ରତିନିଧି ଓ ପ୍ରଶାସନ ସହ ବୈଠକ ଡକାଇ ସମସ୍ୟାର ସମାଧାନ କରିବାର ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ଜିଲ୍ଲା ପ୍ରଶାସନ ପୂର୍ବରୁ କଥା ଦେଇ କଥା ରଖି ନ ଥିବା ଜନପ୍ରତିନିଧିମାନେ କହିଥିଲେ। ପୁନର୍ବାର ପୂର୍ବ ଥର ପରି ପ୍ରତିଶ୍ରୁତି ଦେଇ ଖସିଯିବାକୁ ଉଦ୍ୟମ କଲେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଜନପ୍ରତିନିଧି କହିଛନ୍ତି।

## ଓଡ଼ଗାଁ ଏନ୍‌ଏସି ସ୍ୱଚ୍ଛତା ସର୍ବେକ୍ଷଣ

ଓଡ଼ଗାଁ,୨୪।୧୧(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞପିତ ଅଞ୍ଚଳ ପରିଷଦ ତଥା ଓଡ଼ଗାଁ ସହରର ସ୍ୱଚ୍ଛତା ଓ ସୁନ୍ଦରତାକୁ ଅନୁଧ୍ୟାନ ପାଇଁ ସୋମବାର ଆସିକା ବିଜ୍ଞପିତ ଅଞ୍ଚଳ ପରିଷଦ ତରଫରୁ ଏକ ୬ ଜଣିଆ ଟିମ୍ ଓଡ଼ଗାଁ ପରିଦର୍ଶନ କରିଥିଲେ। ରାଜ୍ୟରେ ଆସିକା ସ୍ୱଚ୍ଛ ସହର ଭାବରେ ଶୀର୍ଷ ସ୍ଥାନରେ ରହିଥିବାବେଳେ ଓଡ଼ଗାଁକୁ ସ୍ୱଚ୍ଛ ରଖିବା ସହିତ ସହରକୁ ଅଧିକ ସରସ ସୁନ୍ଦର କରିବା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ଆସିକା ଏନ୍‌ଏସିରୁ ଆସିଥିବା ୬ ଜଣିଆ ଟିମ୍ ଆଲୋଚନା ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଓଡ଼ଗାଁର ସମସ୍ତ ସଫେଇ କର୍ମଚାରୀ, ସ୍ୱଚ୍ଛସାଥି ଓ ଅଫିସ୍ କର୍ମଚାରୀଙ୍କ ଗହଣରେ ଆଲୋଚନା କରାଯାଇ ଓଡ଼ଗାଁର ସ୍ୱଚ୍ଛତା ବଜାୟ ରଖିବା ସହ ଏହାକୁ ଏକ ସବୁଜ ସୁନ୍ଦର ଓ ସୁସ୍ଥ ସହର ଭାବେ ଗଢ଼ି ତୋଳିବା ପାଇଁ ସଂକଳ୍ପ ନେଇଥିଲେ। ଆସିକା ବିଜ୍ଞପିତ ଅଞ୍ଚଳ ତରଫରୁ ଆସିଥିବା ପ୍ରତିନିଧି ମଣ୍ଡଳୀ ଓଡ଼ଗାଁର ୱାର୍ଡମାନ ପରିଦର୍ଶନ କରିବା ସହ ଜନସାଧାରଣଙ୍କୁ ବିଜ୍ଞପିତ ଅଞ୍ଚଳ ପରିଷଦ ଓଡ଼ଗାଁ ତରଫରୁ ଯୋଗାଇ ଦିଆଯାଉଥିବା ମୌଳିକ ସୁବିଧା ବିଷୟ ପଚାରି ସନ୍ତୋଷବ୍ୟକ୍ତ କରିଥିଲେ। ଓଡ଼ଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ସ୍ୱଚ୍ଛତା ନିରୀକ୍ଷକ ବରଦା ପ୍ରସନ୍ନ ଦାସ, ସହକାରୀ ଯନ୍ତ୍ରୀ ଆଦିତ୍ୟ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ସାହୁଙ୍କ ସହିତ ସମସ୍ତ କର୍ମଚାରୀ ଯୋଗଦେଇଥିବା ବେଳେ ଆସିକା ପ୍ରତିନିଧି ମଣ୍ଡଳୀର ସାନିଟେସନ ଏକ୍ସପର୍ଟ ଦୀପ୍ତିମୟୀ ସାହୁ, କନିଷ୍ଠ ଯନ୍ତ୍ରୀ ରଶ୍ମି ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଙ୍କଟମୋଚନ ବାର୍ଷିକ ମହୋତ୍ସବ ଓ ପ୍ରବଚନ ଜ୍ଞାନଯଜ୍ଞ

ନିରାକାରପୁର,୨୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ସାନରାଉତପଡ଼ା ପଞ୍ଚାୟତର ମୁଲିଝର ଗ୍ରାମରେ ଶ୍ରୀଶ୍ରୀ ସଙ୍କଟମୋଚନ ହନୁମାନଜୀଙ୍କ ବାର୍ଷିକ ମହୋତ୍ସବ ଓ ପ୍ରବଚନ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଆଜି ପ୍ରଥମ ଦିବସରେ ପଣ୍ଡିତ ନାରାୟଣ ଦାସ ପ୍ରବଚନ ଦେଇଥିବାବେଳେ ଆସନ୍ତାକାଲି ସନ୍ଧ୍ୟା ୬ଟାରେ ସନ୍ଥ ମନୋହର ଦାସମହାରାଜା ହନୁମାନଙ୍କ ଜନ୍ମ ଓ ମହିମା ବିଷୟରେ ଆଲୋଚନା କରିବେ। ମୁଲିଝର, ରାଉତରାପୁର ଓ ଆଖପାଖ ଅଞ୍ଚଳର ୧୦୦ରୁ ଅଧିକ ଲୋକ ବର୍ତ୍ତି ହୋଇ କୁମ୍ଭ ବୁଡ଼ାଇଥିଲେ। ପ୍ରତ୍ୟେକ ବର୍ଷ ଏହି ଦିନକୁ ଆନନ୍ଦ ଉଲ୍ଲାସର ସହ ପ୍ରଭୁ ହନୁମାନଙ୍କୁ ପ୍ରାର୍ଥନା କରି ନିଜ ନିଜ ମାନସ୍କାନ ପୂର୍ଣ୍ଣ ହୋଇଥିବା ଗ୍ରାମବାସୀଙ୍କ ବିଶ୍ୱାସ ରହିଥିବା ଗ୍ରାମବାସୀ କହିଛନ୍ତି।

## ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା

ବାଣପୁର,୨୪।୧୧(ସମିସ): ରାଜ୍ୟ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶକ୍ରମେ ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବାଣପୁର ବିଚାର ବିଭାଗୀୟ ଅଦାଲତ ପରିସରରେ ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିଯୋଗିତାରେ ବାଣପୁର ମଣ୍ଡଳ ଅନ୍ତର୍ଗତ ସମସ୍ତ ଉଚ୍ଚବିଦ୍ୟାଳୟର ୮୭ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୂର୍ବ ନିର୍ଦ୍ଧାରିତ ଶୀର୍ଷକରେ ପ୍ରତିଯୋଗୀ ଉଚ୍ଚକୋଟୀର ଚିତ୍ରାଙ୍କନ କରିଥିଲେ। ବିଚାରପତି ଭାବେ ଅମରେଶ ମହାପାତ୍ର, ଜେଏମଏଫସି ଇପସ୍ୱିତା ପ୍ରିୟା ଏକ୍କା, ଆଇନଜୀବୀ ବିପ୍ଳବ ମୁଦୁଲି, ପ୍ରଶାନ୍ତ ମହାନ୍ତି ଓ ପ୍ରଦୀପ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ଚିତ୍ରାଙ୍କନ ଉପକରଣ ଓ ଅଭିଧାନ ବଣ୍ଟନ କରାଯାଇଥିଲା। ଅଦାଲତର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରଘୁ-ଦିବାକର ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ପ୍ରଦର୍ଶନୀ

ଟାଙ୍ଗୀ,୨୪।୧୧(ସମିସ): ଆଜି କାନ୍ଧନୟାଗଡ ରଘୁ-ଦିବାକର ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ଗୁଲୁବାସ ସୁବୁଦ୍ଧି ଉଦଘାଟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଅରୁଣ ସୁବୁଦ୍ଧି, ବିଜ୍ଞାନ ଶିକ୍ଷକ କ୍ଷୀରୋଧ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଅକ୍ଷୟ ବଳିୟାରସିଂ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବାଳକୃଷ୍ଣ ବିଦ୍ୟାପୀଠ ବିଜ୍ଞାନ ଶିକ୍ଷକ ଅମୀୟ ବେହେରା, ରାମଚଣ୍ଡୀ ଉଚ୍ଚବିଦ୍ୟାଳୟର ମୁନା ବେହେରା ବିଚାରକ ଥିଲେ। ୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ ଶିକ୍ଷକ ଅରବିନ୍ଦ ରଣସିଂ, ପଞ୍ଚାନନ ବେହେରା, ଉପେନ୍ଦ୍ର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌମ୍ୟ ଓ ସୁବ୍ରତ, ଶିବ ଓ ଶୁଭମ, ସୁଜିତା ଓ ନିର୍ମଳାଙ୍କ ପ୍ରକଳ୍ପ ବ୍ଲକ୍ ସ୍ତରକୁ ମନୋନୀତ ହୋଇଥିଲା। ଶିକ୍ଷୟିତ୍ରୀ ସବିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ନିରାକାରପୁର, ୨୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥ ରାମଚନ୍ଦ୍ର କଳ୍ପନା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଅଧ୍ୟାପିକା ଡ. ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଗ୍ରୀଡକୋ ନିର୍ଦ୍ଦେଶକ ଡ. ସୁରେଶ ଦଳେଇ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ. ପ୍ରଫୁଲ୍ଲ ମହାନ୍ତି, ସ୍ୱତନ୍ତ୍ର ଅତିଥି ଭାବେ ଅବସରପ୍ରାପ୍ତ କୃଷି ବିଭାଗ ନିର୍ଦ୍ଦେଶକ ଡ. ବାବାଜୀ ଗିରି, ସମ୍ମାନିତ ଅତିଥି ଭାବେ ଟାଙ୍ଗୀ ବ୍ଲକ୍ ଅଧ୍ୟକ୍ଷା ରିସ୍ମା ମାନନ୍ଦତା ପ୍ରମୁଖ ଉପସ୍ଥିତ ରହି ରେଡକ୍ରସ ପତାକା ଅବତରଣ କରି ଆନୁଷ୍ଠାନିକ ଭାବେ ଉଦ୍‌ଯାପନ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିବାବେଳେ ଶିବିରକୁ ରେଡକ୍ରସ କାଉନସିଲର ଦିଲ୍ଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ହାସଲ କରିଥିବା ଶିବିରାର୍ଥୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ୧୬ଟି କଲେଜରୁ ୧୩୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ।

## ଆମ ପୁଲିସ କାର୍ଯ୍ୟକ୍ରମ

ବାଣପୁର,୨୪।୧୧(ସମିସ) : ବାଣପୁର ପୁଲିସ ପକ୍ଷରୁ ସ୍ଥାନୀୟ ଶୁଭ ମଙ୍ଗଳ କଲ୍ୟାଣ ମଣ୍ଡପ ପରିସରରେ ଆମ ପୁଲିସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ସଂଘର ସଭାପତି ଚିନ୍ତାମଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିବେକା ନନ୍ଦ ଶର୍ମା ଯୋଗଦେଇ ଅଞ୍ଚଳର ୧୧୩ଜଣ ବରିଷ୍ଠ ନାଗରୀକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଏଥିରେ ବାଲୁଗାଁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ ପଟ୍ଟନାୟକ, ସାଇବର ସୁରକ୍ଷା ବିଶେଷଜ୍ଞ ସୁଚିତ୍ରା ଜେନା, ବାଣପୁର ଥାନାଧିକାରୀ ରମେଶ ଦେବତା, ଗାୟତ୍ରୀ ଗୋଛାୟତ ପ୍ରମୁଖ ସାଇବର ସୁରକ୍ଷା ବାବଦରେ ସଚେତନ କରିଥିଲେ। ବରିଷ୍ଠ ନାଗରିକ ସଙ୍ଘର ଉପସଭାପତି ଗୋଲକ ବିହାରୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋ' ଚାଲାଣକୁ ଗୋ ସେବକଙ୍କ ବିରୋଧ

# ଖୋର୍ଦ୍ଧାରୋଡ୍ ଷ୍ଟେସନରେ ଟ୍ରେନ୍ ଅଟକାଇଲେ

ଜଟଣୀ, ୨୪।୧୧(ସମିସ)




ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ରେ ଏକ ଟ୍ରେନ୍‌ରେ ଗୋ' ଚାଲାଣ ହେଉଥିବା ସନ୍ଦେହ କରି ଗୋ ସେବକମାନେ ଚଳନ୍ତା ଟ୍ରେନଟିକୁ ଅଟକାଇ ଥିଲେ। ଜଟଣୀ ଅଞ୍ଚଳର ଶତାଧିକ ଗୋ' ସେବକମାନେ ଟ୍ରେନ୍ ଅଟକାଇବା ପରେ ରେଳ ପ୍ରଶାସନ ଓ ଗୋ ସେବକଙ୍କ ମଧ୍ୟରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ଦେଖାଦେଇଛି। ଆରପିଏଫ୍ ଓ ଜିଆରପି ପୁଲିସ ସହ ଜଟଣୀ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ବୁଝା ସୁଝା କରିଥିଲା। ଟ୍ରେନ୍‌ରେ ଅନୁମତି ନେଇ ଗନ୍ତବ୍ୟସ୍ଥଳକୁ ମଇଁଷି ଯାଉଥିବା ସୂଚନା ପାଇବା ପରେ ଚାପା ଉତ୍ତେଜନା କମିଥିଲା। ତେବେ ରେଳ ପ୍ରଶାସନ ଗୋ' ମାତାଙ୍କୁ ଲଗେଜ୍ ୱାଗନ୍‌ରେ ଅମାନୁଷିକ ଭାବେ ଏଭଳି ଚାଲାଣ କରିବାକୁ ଗୋ ସେବକମାନେ ନିନ୍ଦା କରିଛନ୍ତି। ଆଜି ସକାଳ ସମୟରେ କନ୍ୟାକୁମାରୀରୁ ଡ୍ରୁବ୍ରିଗଡ଼ ଯାଉଥିବା ବିବେକ୍ ଏକ୍ସପ୍ରେସ୍ ଟ୍ରେନ୍ ବଗିରେ ଗୋ ଚାଲାଣ ହେଉଥିବା ସନ୍ଦେହ କରି ଗୋ ସେବକମାନେ ଖୋର୍ଦ୍ଧାରୋଡ୍ ରେଳ ଷ୍ଟେସନ୍‌ର ଏକ ନମ୍ବର ପ୍ଲାଟଫର୍ମରେ ଟ୍ରେନ୍‌କୁ ଅଟକାଇ ଥିଲେ। ଟ୍ରେନ୍ ରହିବା ପରେ ଗୋ' ସେବକ ମାନେ ଟ୍ରେନ୍ ଆଗରେ ହରତାଳ କରିଥିଲେ। ଘଟଣାକୁ କେନ୍ଦ୍ରକରି ଘୋର୍ ଚାପା ଉତ୍ତେଜନା ଦେଖାଦେଇଥିଲା। ଖୋର୍ଦ୍ଧାରୋଡ୍ ରେଳସୁରକ୍ଷା ବଳ ସହ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ୍ ବଗି ଖୋଲି ଦେଖାଇଥିଲେ। ଉକ୍ତ ବଗିରେ ମଇଁଷି ଯାଉଥିବା ଦେଖିବା ପରେ ଉତ୍ତେଜନା ଥମିଥିଲା ଏବଂ ସ୍ୱାଭାବିକ ଭାବେ ଖୋର୍ଦ୍ଧାରୋଡ୍ ଷ୍ଟେସନ୍‌ରୁ ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳକୁ ଗଡ଼ିଥିଲା।

ହେଲେ ଟ୍ରେନ୍ ଲଗେଜ୍ ବଗିରେ ମଇଁଷିମାନଙ୍କୁ ଏଭଳି ଅମାନୁଷିକ ଭାବେ ନେବାକୁ ଗୋ' ସେବକମାନେ ବିରୋଧ କରିଥିଲେ।

## ଗୋରୁ ବୋଝେଇ କଣ୍ଟେନର ଓ ଅଟୋ ଜବତ

### ● ୨୯ ଗୋରୁ ଉଦ୍ଧାର, ୪ ଗିରଫ

ଖୋର୍ଦ୍ଧା,୨୪।୧୧(ସମିସ): ଶିଳ୍ପାଞ୍ଚଳ ଓ ସଦର ଥାନା ଅଞ୍ଚଳରୁ ପୁଲିସ ପୃଥକ ଭାବେ ଦୁଇଟି ସ୍ଥାନରୁ ଗୋରୁ ଗାଡି ଜବତ କରିଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ଡ୍ରାଇଭର ଉତରପ୍ରଦେଶ



ସାହାରଣପୁର ର ସାରୁଖ୍ ମଲିକ ଓରଫ ସାରୁଖ୍ (୩୪), କଲିମ୍ ମଲ୍ଲିକ ଓରଫ କଲିମ୍ (୩୫) ଓ ମେହେଫୁଜ୍ ଖାନ୍ (୫୨) ଏବଂ ବେଗୁନିଆ କୁଶପଲ୍ଲାର ଏସ୍‌କେ ନୌସାଦ୍ (୩୧)। ଗାଡି ଦୁଇଟିରୁ ୨୯ ଗୋରୁଙ୍କୁ ଉଦ୍ଧାର କରି ପୁଲିସ ଗୋସାଳାରେ ଛାଡିଛି। ଗୋରୁ ବୋଝେଇ ଏକ କଂଟେନର ଓ ଏକ ମିନିଡାଲା ଅଟୋକୁ ଜବତ କରିଛି।

ପୁଲିସ ସୂଚନା ଅନୁସାରେ, ଏକ ଗୋରୁ ବୋଝେଇ କଂଟେନର ଯାଉଥିବା ଖବର ପାଇ ପୁଲିସ ଗଡଖୋର୍ଦ୍ଧା ଛକ ନିକଟ ପେଟ୍ରୋଲ ପମ୍ପ ସମ୍ମୁଖରେ ଅଟକାଇ ଯାଂଚ କରିଥିଲା। ଯାଞ୍ଚ ସମୟରେ ଚାଳକ ଗାଈ ପରିବହନ ସମ୍ବନ୍ଧୀୟ କୌଣସି ବୈଧ କାଗଜପତ୍ର ଦେଖାଇ ପାରିନଥିବାରୁ ଚାଳକ ସାରୁଖ୍ ସହିତ କଲିମ୍ ଓ ମେହେଫୁଜ୍‌ଙ୍କୁ ପୁଲିସ ୨୮୭/୨୫ ନଂ ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି। କଂଟେନର ଭିତରୁ ପୁଲିସ ୨୩ ଗୋରୁ ଉଦ୍ଧାର କରିଛି। ତନ୍ମଧ୍ୟରେ ୧୦ଟି ବଳଦ, ୧୨ଟି ଗାଈ ଓ ଗୋଟିଏ ମଇଁଷି ରହିଛି। କଂଟେନର ଆନ୍ଧ୍ରପ୍ରଦେଶର ରାଜହୁମାଦ୍ରି ଠାରୁ କୋଲକାତାକୁ ଗାଈ କାଟିବା ଉଦ୍ଦେଶ୍ୟରେ ଯାଉଥିଲା ବୋଲି ପ୍ରାରମ୍ଭିକ ତଦନ୍ତରେ ପୁଲିସ ଜାଣିବାକୁ ପାଇଛି। ଉଦ୍ଧାର ବଳଦ, ଗାଈ ଓ ମଇଁଷିଙ୍କୁ ପ୍ରାଥମିକ ଚିକିତ୍ସା ପରେ ବୋଲାଗଡ଼ ଗୋଶାଳାରେ ଛଡାଯାଇଥିବା ପୁଲିସ ସୂଚନା ଦେଇଛି। ସେହିପରି ସଦରଥାନା ପୁଲିସ ଆଜି ସକାଳେ ଗୁଡୁମ ଛକରୁ ଏକ ଡାଲା ଅଟୋରେ ଗୋରୁ ଚାଲାଣ ବେଳେ ଧରିବା ସହ ଡ୍ରାଇଭର କୁ ଗିରଫ କରି ୩୫୫/୨୫ ନଂ ମାମଲାରେ କୋର୍ଟଚାଲାଣ କରିଛି। ଗାଡିରୁ ୬ଗୋରୁ ଉଦ୍ଧାର କରି ଜଟଣୀ ଗୋସାଳାରେ ଛାଡିଥିବା ଜଣାଯାଇଛି। ବେଗୁନିଆରୁ ଶରଧାପୁର ଅଭିମୁଖେ ଏହି ଗୋରୁଙ୍କୁ ଅଣାଯାଉଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା।

## କଲେଜ ହଷ୍ଟେଲରେ ଛାତ୍ରଙ୍କ ମୃତ୍ୟୁ

ଖୋର୍ଦ୍ଧା,୨୪।୧୧(ସମିସ): ଆଦର୍ଶଥାନା ଅନ୍ତର୍ଗତ ପୁରୁସାହିଠାରେ ଥିବା ଏକ ଘରୋଇ ବିଜ୍ଞାନ ମହାବିଦ୍ୟାଳୟ ହଷ୍ଟେଲ ପରିସରରେ ଜଣେ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାଙ୍କି ରଗଡିର ଶ୍ରୀକୃଷ୍ଣ ପାତ୍ର (୧୭)। ଖୋର୍ଦ୍ଧା ମେଡିକାଲରେ ଆଜି ଶ୍ରୀକୃଷ୍ଣଙ୍କ ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ପୁଲିସ ହସ୍ତାନ୍ତର କରିଛି। ଶ୍ରୀକୃଷ୍ଣ ଘରୋଇ ବିଜ୍ଞାନ ମହାବିଦ୍ୟାଳୟ ରେ +୨ ଦ୍ୱିତୀୟ ବର୍ଷରେ ପଢୁଥିଲେ। ଆଉ ୨/୩ମାସ ତାଙ୍କ ପରୀକ୍ଷା ରହିଥିଲା। ସେ ଜଣେ ଭଲ ଛାତ୍ର ଥିଲେ। କିନ୍ତୁ ସେ କିଛିଦିନ ହେବ ଅସୁସ୍ଥ ଥିଲେ। ପ୍ରାୟ ମାସେ ହେବ ସେ ଅସୁସ୍ଥ ରହିଥିବାରୁ ତାଙ୍କ ମାଆ ତାକୁ ଘରକୁ ନେଇ ସୁସ୍ଥ ହେବା ପରେ ଆଣି ଛାଡିଥିଲେ। ମଝିରେ ୪ଦିନ ତଳେ ପୁଅ କୁ ନେବାକୁ କହି ଆସି ନେଇଥିଲେ। ରବିବାର ସକାଳୁ ଆଣି ହଷ୍ଟେଲରେ ଛାଡିଥିଲେ। କାଲି ମଧ ଶ୍ରୀକୃଷ୍ଣ କ୍ଲାସ କରିଥିଲେ। ଅପରାହ୍ନ ୪ରୁ ୫ଟା ବେଳେ ବାନ୍ତି ହୋଇଥିଲା। ଏହାପରେ ସେ ରେଷ୍ଟ ନେଇଥିବାବେଳେ ରାତିରେ ଖାଇଥିଲା। କିନ୍ତୁ ରାତିରେ ଅସୁସ୍ଥ ଅନୁଭବ କରିବାରୁ ମେଡିକାଲ ରେ ଭର୍ତି କରାଯାଇଥିଲା। ରାତି ପ୍ରାୟ ଗୋଟାଏ ବେଳକୁ କଲେଜକୁ ଫେରିଥିଲେ।ମାତ୍ର ସକାଳୁ ସେ ନଉଠିବାରୁ ତାକୁ କର୍ତ୍ତୃପକ୍ଷ ମେଡିକାଲ ନେଇଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଆଦର୍ଶଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାଯାଇଛି।

## ଘରେ ପଶି ଆକ୍ରମଣ, ଜଣେ ଗିରଫ

ଜଟଣୀ,୨୪।୧୧(ସମିସ) : ଜଟଣୀ ବ୍ଲକ ବୀରବନ୍ଧ ଠାରେ ଜଣେ ମହିଳାଙ୍କ ଘରେ ପଶି ତାଙ୍କ ସ୍ୱାମୀ ଓ ଦୁଇ ପୁଅକୁ ଆକ୍ରମଣ କରିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲଡ ପୁଲିସ। ୨୩ ତାରିଖ ବିଳମ୍ବିତ ରାତିରେ ବୀରବନ୍ଧ ଗ୍ରାମ ଠାରେ ଏକ ଅପେରା ପାର୍ଟି ଯାତ୍ରା ପରିବେଷଣ କରୁଥିଲା। ସେହି ଗ୍ରାମର ଶଙ୍କର୍ଷଣ ପ୍ରଧାନ ଓରଫ ଶଙ୍କରା ସେଠାରେ ବିଶୃଙ୍ଖଳା ସୃଷ୍ଟି କରିଥିଲା। ଏହାକୁ ଗ୍ରାମବାସୀଙ୍କ ସମେତ ସିପୁ ଭୋଇ ନାମକ ଯୁବକ ବିରୋଧ କରିଥିଲେ। ପରେ ରାତି ୨ ଟାରେ ଅଭିଯୁକ୍ତ ଏବଂ ତାଙ୍କ ସହଯୋଗୀ ସିପୁ ଭୋଇର ଘର ଗେଟକୁ ବାଡେଇ ଜୋର ଜବରଦସ୍ତ ଘରେ ପଶି ତାଙ୍କ ବୋଉ, ବାପା, ଭାଇକୁ ଆକ୍ରମଣ କରି ରକ୍ତାକ୍ତ କରିଥିଲେ । ସିପୁ ଭୋଇର ବୋଉ ଏୟାରଫିଲଡ ଥାନାରେ ଅଭିଯୋଗ କରିବା ପରେ ମୁଖ୍ୟ ଅଭିଯୁକ୍ତ ଶଙ୍କରା ସହ ଆଉ ଜଣେ ନାବାଳକକୁ ପୁଲିସ ଗିରଫ କରିଛି । ଶଙ୍କରାକୁ କୋର୍ଟ ଚାଲାଣ କରାଯାଇଥିବାବେଳେ ନାବାଳକକୁ ସୁଧାର ଗୃହକୁ ପଠାଯାଇଛି।

## ଆସାମ ଶ୍ରମିକ ନିଖୋଜ

ନିରାକାରପୁର,୨୪।୧୧ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଗୋଡ଼ିପଡା ଟୋଲଗେଟ ନିକଟରୁ ଗତ ୧୬ ତାରିଖରୁ ଜଣେ ଶ୍ରମିକ ନିଖୋଜ ହୋଇଯାଇଥିବା ଜଂକିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆସାମ ଗୋଲପରା ଜିଲ୍ଲା ଖୁରମୁଜା ଥାନା ଖଟୁମାଟି ଗ୍ରାମର ସୁକବର ଇସଲାମ (୧୯) ନିଜର ପଡୋଶୀ ନୁର ମହମ୍ମଦ ସହିତ ଓଡ଼ିଶା ଆସି ଗୋଡ଼ିପଡା ନିକଟସ୍ଥ କମ୍ପାନୀରେ ହେଲ୍ପର କାର୍ଯ୍ୟ କରୁଥିଲା। ୧୬ ତାରିଖ ରାତି ସାଢ଼େ ୧୦ ଟା ବେଳେ ନିଖୋଜ ହୋଇଯାଇଥିବା ବେଳେ ଆଉ ନ ଫେରିବାରୁ ୨୧ ତାରିଖରେ ଜଂକିଆ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି।

## ଉତ୍କଳ ସମ୍ମିଳନୀ ପକ୍ଷରୁ ନବକୃଷ୍ଣ ଚୌଧୁରୀ ଜୟନ୍ତୀ

ଖୋର୍ଦ୍ଧା,୨୪।୧୧(ସମିସ): ଗାନ୍ଧିବାଦୀ ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ସମାଜସେବୀ ନବକୃଷ୍ଣ ଚୌଧୁରୀଙ୍କ ଜନ୍ମଦିନ ଖୋର୍ଦ୍ଧା ଜିଲ୍ଲା ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ବିଡ଼ିଏ କଲୋନୀସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ଜିଲ୍ଲା ଶାଖା ସଭାପତି ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନବକୃଷ୍ଣ ଚୌଧୁରୀଙ୍କ ବିଭିନ୍ନ ସର୍ଜନାତ୍ମକ ଗୁଣାବଳୀ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ଡ଼. ଅଦୈତ ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଭୀମସେନ ପ୍ରଧାନ, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ସତ୍ୟବାଦୀ ବଳିଆରସିଂହ, ପ୍ରସନ୍ନ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ବଡ଼ଜେନା,



ବିକ୍ରମ କେଶରୀ ଚମ୍ପତି, ବିଳାସିନୀ ଦାଶ, ଜ୍ୟୋତ୍ସ୍ନାରାଣୀ ମହାରଣା, ଗୋବିନ୍ଦ ଚନ୍ଦ୍ର ମହାରଣା, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ ପ୍ରମୁଖ ଯୋଗଦେଇ ନବକୃଷ୍ଣ ଚୌଧୁରୀଙ୍କ ଜୀବନ ଆଦର୍ଶ ଓଡ଼ିଶାର ଲୋକଙ୍କୁ ଯୁଗ ଯୁଗ ଧରି ପ୍ରେରଣା ଦେବ ବୋଲି କହିଥିଲେ। ତାଙ୍କର ଏକ ପ୍ରତିମୂର୍ତ୍ତି ଖୋର୍ଦ୍ଧା ସହରରେ ସ୍ଥାପନ ପାଇଁ ଦାବି ହୋଇଥିଲା। ଓଡ଼ିଆ ଭାଷା ଅଦ୍ୟାବଧି ସରକାରୀ ଭାଷା ରୂପେ କାର୍ଯ୍ୟକାରୀ ହୋଇ ପାରୁ ନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା।

## ସୁନ୍ଦରପୁର କଲୋନୀ ବିଦ୍ୟାଳୟରେ ବିଜ୍ଞାନ ମେଳା

ଟାଙ୍ଗୀ,୨୪।୧୧(ସମିସ): ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ



ମୁଖ୍ୟଅତିଥି ଭାବେ କମ୍ପ୍ୟୁଟର ଇଞ୍ଜିନିୟର ଜିତୁ ସାହୁ ଓ ପ୍ରୀତି ମଣ୍ଡଳ, ମଞ୍ଜୁ ସର୍ଦ୍ଦାର, ଅଞ୍ଜନା ମଣ୍ଡଳ, ଇତି ଢାଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ପିତା ବିଶ୍ୱାସ, ରିତେଶ ମଣ୍ଡଳ, ପୂର୍ବୀ ମଣ୍ଡଳ, ପ୍ରିୟଙ୍କା ମଣ୍ଡଳ, କୋଏଲ ବୈରାଗୀ, ଶ୍ରୀୟା ସାନା, ଶ୍ରୀତମ ମଣ୍ଡଳ, ଖୁସି ମିସ୍ତ୍ରୀ, ରୀୟା ସାନା, ଲିସ୍ପାରାଣୀ ସେନ ପ୍ରମୁଖ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପକୁ ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ମୂଲ୍ୟାଙ୍କନ କରିଥିଲେ। ପୂର୍ବୀ ମଣ୍ଡଳ, ଖୁସି ମିସ୍ତ୍ରୀ, ରାକ୍ଷୀ କବିରାଜ ଓ ରିତେଶ ମଣ୍ଡଳ ଯଥାକ୍ରମେ ପ୍ରଥମ, ଯୁଗ୍ମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପାଠିକା ଗାୟତ୍ରୀ ବିଶ୍ୱାସ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ରୂପାଲୀ ପାତ୍ର ସହାୟତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଳସୀ ବିଶ୍ୱାସ, ପାର୍ବତୀ ଗୋଲଦାର, ସୁଜାତା ଗୋଲଦାର, ତନୁଶ୍ରୀ ବିଶ୍ୱାସ, ଶୁଭଶ୍ରୀ ମଣ୍ଡଳ, ବୀଣାପାଣି ମଣ୍ଡଳ, ଲୀଲା ମିସ୍ତ୍ରୀ ପ୍ରମୁଖ ସହଯୋଗ କରିଥିଲେ।

## ଚିଲିକାରେ ଏକତା ପଦଯାତ୍ରା



ବାଣପୁର,୨୪।୧୧(ସମିସ) : ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ଜନ୍ମ ଜୟନ୍ତୀ ଅବସରରେ ସୋମବାର ଅପରାହ୍ଣରେ ଚିଲିକାରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିଲିକା ବିଧାୟକ ତଥା ରାଜ୍ୟ ଆଇନ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ପୁରୀ ସାଂସଦ ସମ୍ବିତ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ସାମିଲ ହୋଇ ଜାତୀୟ ପତାକା ସହ ପଦଯାତ୍ରା କରି ବାଲୁଗାଁ ଉଚ୍ଚ ବିଦ୍ୟାଳୟ ଠାରୁ ପଦଯାତ୍ରା ବାହାରି ଅଲାଇଡିହ ଛକ, ମା' ମେଘାମ୍ବରୀଙ୍କ ମନ୍ଦିର ଦେଇ ପ୍ରାୟ ୫ କିଲୋମିଟର ରାସ୍ତା ଅତିକ୍ରମ କରି ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପହଞ୍ଚି ଥିଲେ।

## ୨୬ରେ ବାଲୁଗାଁରେ ଜବରଦଖଲ ଉଚ୍ଛେଦ

ବାଲୁଗାଁ,୨୪ ।୧୧(ସମିସ): ବାଲୁଗାଁ ବଜାର ଦେଇ ଯାଇଥିବା ୫ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଚାଲିଛି ।ଏ ନେଇ ରାସ୍ତା ପାର୍ଶ୍ୱର୍ ସରକାରୀ ଜାଗାରୁ ତୃତୀୟ ପର୍ଯ୍ୟାୟ ଜବରଦଖଲ ଉଚ୍ଛେଦ କାମ ଆସନ୍ତା ୨୬ ତାରିଖରେ ହେବା ନେଇ ଚିଲିକା ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି। ଚିଲିକା ତହସିଲ ଅଧୀନ ଗୋବର୍ଦ୍ଧନପୁର ମୌଜାଠାରୁ ସିଙ୍ଗେଶ୍ୱର, ସରଳା ପଦର, ବାଲୁଗାଁ, ସାମନ୍ତରାପୁର, ଭେଲେରୀ, ଇଞ୍ଜନପୁର ଓ ଗବପଦର ଆଦି ମୌଜାର ୪ କିମି ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି। ରାଜ୍ୟ ସରକାରଙ୍କ ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଦେଶ ଅନୁଯାୟୀ ଏହି କାମ କରାଯାଉଛି। ଏ ପରିପ୍ରେକ୍ଷୀରେ ଚିଲିକା ତହସିଲ ପକ୍ଷରୁ ମାପଚୁପ କରାଯାଇ ଜବରଦଖଲକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ପୂର୍ବରୁ ଗତ ଅକ୍ଟୋବର ଓ ଜାନୁଆରୀ ମାସରେ ଦୁଇଟି ପର୍ଯ୍ୟାୟରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ତେବେ ଏ ସମୟରେ ମାପଚୁପରେ ଅନିୟମିତତା ହୋଇଥିବା ଅଭିଯୋଗ ଆଣି ସରଳାପଦର, ସାମନ୍ତରାପୁର ଓ ସିଙ୍ଗେଶ୍ୱର ମୌଜାର ୨୫ ଜଣ ଗୃହ ମାଲିକ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଚିଲିକା ତହସିଲ ପକ୍ଷରୁ ପୁନର୍ବାର ପୁଲିସ ପ୍ରଶାସନ ଉପସ୍ଥିତିରେ ଉକ୍ତ ଅଭିଯୋଗକାରୀଙ୍କ ବାସଗୃହ ଓ ଦୋକାନ ଗୃହ ମାପଚୁପ ହୋଇଥିଲା। ସମସ୍ତ ମାମଲାର ବିଚାର କରି ଉଚ୍ଚ ନ୍ୟାୟାଳୟ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶନାମା ଅନୁଯାୟୀ ଚିଲିକା ତହସିଲ ପକ୍ଷରୁ ଆସନ୍ତା ୨୫ ତାରିଖ ସୁଦ୍ଧା ଜବରଦଖଲକାରୀ ଉକ୍ତ ଜାଗାକୁ ଅବରୋଧ ମୁକ୍ତ କରିବାକୁ ନୋଟିସ କରାଯିବା ସହ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ଯଦି ଏହାକୁ କେହି ଅବମାନନା କରେ ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ମିଳିତ ଓଡ଼ିଶା ନିଶାନିବାରଣ ଅଭିଯାନର ବୈଠକ



ବୋଲଗଡ଼,୨୪।୧୧(ସମିସ): ମିଳିତ ଓଡିଶା ନିଶାନିବାରଣ ଅଭିଯାନ (ମୋନା) ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକଷ୍ଣ ଚୌଧୁରୀଙ୍କ ପବିତ୍ର ଜନ୍ମତିଥୀ ଅବସରେ ବୋଲଗଡ଼ ସ୍ଥିତ ଗାନ୍ଧୀ ମଣ୍ଡପରେ ଓଡିଶାକୁ ସମ୍ପୂର୍ଣ୍ଣ ନିଶା ମୁକ୍ତି ପାଇଁ ଏକ ବୈଠକରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ମଦବିରୋଧୀ ଆନ୍ଦୋଳନକୁ ତୃଣମୂଳ ସ୍ତରରେ ବ୍ୟାପକ କରାଯାଇ ଜନବିରୋଧୀ ମଦନୀତିକୁ ପ୍ରତ୍ୟାହାର କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା` ଏହି ନିଶନିବାରଣ ବୈଠକରେ ଗୋପୀନାଥ ଖାଡେଙ୍ଗା ସଭାପତିତ୍ୱ କରିଥିଲା ବେଳେ ରବୀନ୍ଦ୍ର କୁମାର ପରିଡା, ପ୍ରଫୁଲ୍ଲ ମହାପାତ୍ର, ହରିବନ୍ଧୁ ସାହୁ, ଦିବାକର ପରମଗୁରୁ, ରାଧାଶ୍ୟାମ ରାୟଗୁରୁ ମହାପାତ୍ର, ରଘୁନାଥ ଦଳବେହେରା, ଫକୀର ମୋହନ ଫତେସିଂହ, ପୁରେନ୍ଦ୍ର ବେହେରା, ଗୌରାଙ୍ଗ ଚମ୍ପତି, ଭକ୍ତ ବଲ୍ଲଭ ପଟନାୟକ ଏବଂ ଫାତିମା ବେଗମ ପ୍ରମୁଖ ନିଶା ନିବାରଣ ପରିପ୍ରେକ୍ଷୀରେ ଆଲୋଚନା କରିଥିଲେ। ରଘୁନାଥ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ; ବୋଲଗଡ଼ ବିଜୟୀ

ନିରାକାରପୁର,୨୪।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ଗୟାବନ୍ଧ ଖେଳ ପଡିଆରେ ବାପୁଜୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ ଗୟାବନ୍ଧ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ମ୍ୟାଚ୍ ରିଜିମ ଷ୍ଟାର ତରତୁଆ ଓ ବୋଲଗଡ଼ ଫୁଟବଲ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ଏଥିରେ ରିଜିମ ଷ୍ଟାର୍‌କୁ ୩-୨ ଗୋଲରେ ବୋଲଗଡ଼ ଫୁଟବଲ କ୍ଲବ୍ ପରାସ୍ତ କରିଥିଲା। ଖେଳକୁ ଶରତ ଛୋଟରାୟ, ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ। ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ, ସମାଜସେବୀ ଚିତ୍ତରଞ୍ଜନ ଭୋଳ, ସମିତି ସଭ୍ୟ ନେତ୍ରାନନ୍ଦ ପ୍ରଧାନ, ପୂର୍ବତନ ସରପଞ୍ଚ ପ୍ରେମାନନ୍ଦ ପରିଡ଼ା ଓ ରାଜକିଶୋର ବେହେରା ପ୍ରମୁଖ ଯୋଗ ଦେଇଥିଲେ। କ୍ଲବର ସଭ୍ୟ ପବିତ୍ର ବେହେରା, ଆଲୋକ ଭୁଜବଳ, ୱାହିଦ ଖାଁ, ଗୌସ ଖାଁ ଓ ନରେନ୍ଦ୍ର ଜେନା ପ୍ରମୁଖ ସହଯୋଗ କରିଥିଲେ।

### କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ମକୁନ୍ଦପ୍ରସାଦ ଓ ଅଟ୍ରି ବିଜୟୀ

ଖୋର୍ଦ୍ଧା,୨୪।୧୧(ସମିସ)

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ମକୁନ୍ଦପ୍ରସାଦ ଦଳ କୁମାରବସ୍ତ ଦଳକୁ ୪ ୱିକେଟରେ ପରାସ୍ତ କରିଛି। କୁମାରବସ୍ତ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ରେ ୧୧୧ ରନ୍ ସଂଗ୍ରହ କରିଥିଲେ। ଜବାବ ରେ ମକୁନ୍ଦ ପ୍ରସାଦ ଦଳ ୧୪ ଓଭରରେ ଆବଶ୍ୟକ ୧୧୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା ।ଶ୍ରେଷ୍ଠ ଖେଳାଳି ପଙ୍କଜ ନାୟକ ଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚ (ନନ ଆଧାର) ଟସ୍ ରେ ବିଜୟ ଲାଭ କରି ଅଟ୍ରି ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା ।ପ୍ରଥମେ ବ୍ୟାଟିଂ କରି ଅଟ୍ରି ଦଳ ନିର୍ଦ୍ଧାରିତ ୨୦ ଓଭରରୁ ସମସ୍ତ ୱିକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲେ ।ଦଳ ପକ୍ଷରୁ ପ୍ରଦୀପ ରାଉତ ୫୮ ରନ୍ ସଂଗ୍ରହ କରିଥିଲେ।

ଜବାବରେ ଭୁବନେଶ୍ୱର ଦଳ ନିର୍ଦ୍ଧାରିତ ୨୦ଓଭର ରେ ୭ ୱିକେଟ ହରାଇ ୧୭୫ ରନ୍ ରେ ସିମିତ ରହି ପରାଜିତ ହୋଇଥିଲା। ଦଳ ପକ୍ଷରୁ ରିତିକ ମହାନ୍ତି ୩ଟି ୱିକେଟ ନେଇ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ସମାଜସେବୀ ରାମଚନ୍ଦ୍ର ସାମନ୍ତରାୟଙ୍କଠୁ ପୁରସ୍କାର ଗ୍ରହଣ କରିଥିଲେ। ଖେଳକୁ ସାନୁଜ ବିଶ୍ୱାଳ, ସୋଭାକର ପାତ୍ର ପରିଚାଳନା କରୁଥିବାବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ରହିଥିଲେ। ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା,ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ।

## ଜି ଷ୍ଟାର୍ ପ୍ରିମିୟର ଲିଗ୍; ଖୁସି ୱାରିୟର ବିଜୟୀ

ଟାଙ୍ଗୀ,୨୪।୧୧(ସମିସ): କୁହୁଡ଼ି ଜନତା ମହାବିଦ୍ୟାଳୟ ଷ୍ଟାଡ଼ିୟମରେ ତୃତୀୟ ଜିପିଏଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଥିଲା ଚତୁର୍ଥ ଦିବସ। ଶ୍ରୀୟନ୍ସିଖା ଟ୍ୟାଟନ୍ ଓ ଖୁସି ୱାରିୟର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଖୁସି ୱାରିୟର ୧୨ ଓଭରେ ୭ ୱିକେଟ ହରାଇ ୧୦୮ ରନ୍ କରିଥିବାବେଳେ ଶ୍ରୀୟନ୍ସିଖା ଟ୍ୟାଟନ ୧୦୭ ରନରେ ସମସ୍ତ ୱିକେଟ ହରାଇ ୧ ରନ୍‌ରେ ପରାସ୍ତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମାଜସେବୀ ବାପୁ ଶ୍ରୀଚନ୍ଦନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ୨.୫ ଲକ୍ଷ ଛଟେଇ ପରେ ଟ୍ରମ୍ପଙ୍କ 'ଡୋଜ୍' ବିଭାଗ ବନ୍ଦ



ୱାଶିଂଟନ, ୨୪।୧୧ (ଏଜେନ୍ସି): ଶିଳ୍ପପତି ଏଲନ ମସ୍କଙ୍କ ନେତୃତ୍ୱରେ ଗଠିତ ଆମେରିକାର ଡିପାର୍ଟମେଣ୍ଟ ଅଫ ଗମେଣ୍ଟ ଏଫିସିଏନ୍ସି (ଡୋଜ୍) ବିଭାଗକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବନ୍ଦ କରିଦେଇଛନ୍ତି। ଆମେରିକାର ଅଢେଇ ଲକ୍ଷ ଚାକିରି ଖାଇବା ପରେ ନିର୍ଦ୍ଧାରିତ ସମୟର ୮ ମାସ ପୂର୍ବରୁ ଏହି ବିଭାଗରେ ତାଲା ଲଗାଇ ଦିଆଯାଇଛି। ବହୁ ପୂର୍ବରୁ ଏହି ବିଭାଗର ମୁଖ୍ୟ ହୋଇଥିବା ଶିଳ୍ପପତି ମସ୍କ ଇସ୍ତଫା ଦେଇ ସାରିଛନ୍ତି। ବନ୍ଧୁ ଟ୍ରମ୍ପଙ୍କ ସହ ଝଗଡ଼ା ହେବା ପରେ ସେ ଏହି ନିଷ୍ପତ୍ତି ନେଇଥିଲେ। ଏପରିକି ସରକାରଙ୍କଠାରୁ ଦୂରେଇ ଯାଇ ନିଜର ଏକ ଦଳ ମଧ୍ୟ ଗଢ଼ି ଥିଲେ। ମାତ୍ର କିଛି ଦିନ ତଳେ ସେ ପୁଣି ଟ୍ରମ୍ପଙ୍କ ଗୋଷ୍ଠୀକୁ ଫେରି ରାଜନୈତିକ ଦଳକୁ ବନ୍ଦ କରିଦେଇଥିଲେ।

ଗତ ଜାନୁଆରୀ ୨୦ରେ ଟ୍ରମ୍ପଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ପରେ ଡୋଜ୍ ବିଭାଗର ଗଠନ ହୋଇଥିଲା। ଏହା ୨୦୨୬ ଜୁଲାଇ ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିଥାନ୍ତା। ରିପୋର୍ଟ ଅନୁଯାୟୀ ଏହି ବିଭାଗ ଅଢ଼େଇ ଲକ୍ଷରୁ ଅଧିକ ,ସରକାରୀ କର୍ମଚାରୀଙ୍କୁ ସିଧାସଳଖ ଚାକିରିରୁ ହଟାଯାଇଛି କିମ୍ବା ଭିଆରଏସ ଦେଇ ବାହାର କରିଦିଆଯାଇଛି। ପ୍ରଥମେ ଏହି ବିଭାଗ ଖୁବ ସକ୍ରିୟ ଥିଲା। କିନ୍ତୁ ଏବେ ଏହାର ପ୍ରମୁଖ ଅଧିକାରୀଙ୍କୁ ଅଲଗା ଅଲଗା ସରକାରୀ ଅଫିସରେ କାମ କରୁଛନ୍ତି। ସରକାରଙ୍କ ଅର୍ଥ ସଞ୍ଚୟ ଏବଂ କାର୍ଯ୍ୟଶୈଳୀ ଦ୍ରୁତ କରିବା ଏହାର ଉଦ୍ଦେଶ୍ୟ ଥିଲା। ଏହି ବିଭାଗ ଟ୍ରମ୍ପଙ୍କ 'ପ୍ରୋଜେକ୍ଟ ୨୦୨୫'ର ଅଂଶବିଶେଷ ଥିଲା। ପ୍ରାରମ୍ଭରେ ଏଲନ ମସ୍କ ଏବଂ ଭାରତୀୟ ବ୍ୟବସାୟୀ ବିବେକ ରାମାସ୍ୱାମୀ ଏହାର ମୁଖ୍ୟ ହୋଇଥିଲେ। କିନ୍ତୁ ବିଭାଗ ଆରମ୍ଭ ହେବା ପୂର୍ବରୁ ରାମାସ୍ୱାମୀ ଅଲଗା ହୋଇ ଯାଇଥିଲେ। ସେ ହଟିବା ପଛରେ ମସ୍କଙ୍କ ବଡ଼ ଭୂମିକା ଥିଲା। ଏହି ବିଭାଗ ସରକାରଙ୍କ ୨ ଟ୍ରିଲିୟନ ଡଲାର (୧୭୦ ଲକ୍ଷ କୋଟି ଟଙ୍କା) ସଞ୍ଚୟ କରିବ ବୋଲି କହିଥିଲେ। ତେବେ ଡୋଜ୍ ୱେବସାଇଟରେ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ବିଭାଗ ୨୧୪ ବିଲିୟନ ଡଲାର ସଞ୍ଚୟ କରିଥିଲା। କିନ୍ତୁ ଏକ ସଂସ୍ଥାର ଯାଞ୍ଚରୁ ଅର୍ଥକୁ ବଢ଼େଇ ଚଢ଼େଇ ଦର୍ଶାଯାଇଥିବା ଜଣା ପଡ଼ିଥିଲା। ଏହି ବିଭାଗ ସରକାରୀ ଖର୍ଚ୍ଚରେ ନିୟନ୍ତ୍ରଣ ଲଗାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରଥମେ ଭଲ ଦ୍ରୁତ ଗତିରେ ପଦକ୍ଷେପ ମଧ୍ୟ ନିଆଯାଇଥିଲା। କିନ୍ତୁ ଗତ ମେ'ରେ ମସ୍କ ନିଜେ ଏହି ବିଭାଗ ଛାଡ଼ି ଦେଇଥିଲେ। ତେବେ ନ୍ୟାସନାଲ ନ୍ୟୁକ୍ଲିୟର ସିକ୍ୟୁରିଟି ଆଡମିନିଷ୍ଟ୍ରେସନ (ଏନଏନଏସଏ)ରୁ ୩୫୦ ଲୋକଙ୍କୁ ହଟାଇବାକୁ ନେଇ ଡୋଜ୍‌କୁ ତୀବ୍ର ସମାଲୋଚନା କରାଯାଇଥିଲା। ଏହି ନିଷ୍ପତ୍ତି ଏତେ ବିବାଦୀୟ ଥିଲା ଯେ ଶକ୍ତି ବିଭାଗ ପଛଘୁଞ୍ଚା ଦେଇଥିଲା। ଏବଂ ୩୨୨ କର୍ମଚାରୀଙ୍କୁ ପୁଣି ଡକାଇ ଥିଲା। ଡୋଜ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କ କୌଣସି ଅଭିଜ୍ଞତା ନ ଥିଲା। ସେମାନେ ଡାଟା ସିଷ୍ଟମରେ ମୁଣ୍ଡ ପୁରାଇ ଡିଇଆଇ ପ୍ରୋଗ୍ରାମ ବନ୍ଦ କରିଥିଲେ। କିଛି ଏଜେନ୍ସିକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ମଧ୍ୟ ପ୍ରୟାସ କରିଥିଲେ।

# ଆଜି ଅଯୋଧ୍ୟା ରାମ ମନ୍ଦିରରେ ଧ୍ୱଜାରୋହଣ କରିବେ ପ୍ରଧାନମନ୍ତ୍ରୀ

ଅଯୋଧ୍ୟା, ୨୪।୧୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ନଭେମ୍ବର ୨୫ରେ ରାମ ମନ୍ଦିରର ମୁଖ୍ୟ ଶିଖରରେ ଧ୍ୱଜାରୋହଣ କରିବେ। ଏହି ଐତିହାସିକ ସମାରୋହରେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧୁ-ସନ୍ଥ, ଧର୍ମାଚାର୍ଯ୍ୟ ଓ ଶ୍ରଦ୍ଧାଳୁ ଯୋଗ ଦେବେ। ଏହି ସମାରୋହକୁ ସଫଳ କରିବା ପାଇଁ ସମ୍ପୂର୍ଣ୍ଣ ସହରକୁ ୧୦୦୦ କ୍ୱିଣ୍ଟାଲ ଫୁଲରେ ସଜ୍ଜିତ କରାଯାଇଛି। ମୋଦୀ ୧୬୧ ଫୁଟ ଉଚ୍ଚ ଶିଖରରେ ପ୍ରଥମଥର ପାଇଁ ଧ୍ୱଜା ଉଡାଇବେ। ଏହି ମୁହୂର୍ତ୍ତକୁ ଏବେ ସମସ୍ତେ ଅପେକ୍ଷା କରି ରହିଛନ୍ତି। ଏଥିପାଇଁ ରାମ ଜନ୍ମଭୂମିର ଆଖାପାଖ ଅଞ୍ଚଳରେ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥାକୁ କଡ଼ା କରାଯାଇଛି। ଏଟିଏସ ଓ ଏନ୍‌ଏସ୍‌ଜି କମାଣ୍ଡୋ ମନ୍ଦିରକୁ ଘେରାଉ କରି ରଖିଛନ୍ତି।

# ଉତ୍ତରାଖଣ୍ଡରେ ଖାଇକୁ ବସ୍ ଖସି ୫ ମୃତ

ଟେହରୀ, ୨୪।୧୧(ଏଜେନ୍ସି): ଉତ୍ତରାଖଣ୍ଡର ଟେହେରୀ ଜିଲ୍ଲାରେ ଏକ ଯାତ୍ରୀବାହୀ ବସ୍ ୭୦ ମିଟର ଖାଇକୁ ଖସି ଦୁର୍ଘଟଣା ସମ୍ମୁଖୀନ ହୋଇଛି। ଏଥିରେ ୫ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୩ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ଟେହରୀ ଏସ୍‌ପି ଆୟୁଷ ଅଗ୍ରୱାଲ ସୂଚନା ଦେଇଛନ୍ତି। ସୋମବାର ଦ୍ୱିପହର ପାଖାପାଖି ସାଢ଼େ ୧୨ଟାରେ ଘଟିଥିବା ଏହି ଦୁର୍ଘଟଣା ଘଟିଥିଲା। ୭ଜଣ ଆହତ ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ଏହି ବସ୍ ଋଷିକେଶର ଦୟାନନ୍ଦ ଆଶ୍ରମରୁ ୨୯ ଶ୍ରଦ୍ଧାଳୁଙ୍କୁ ନେଇ କୁଞ୍ଜାପୁରୀ ମନ୍ଦିର ନେଇ ଯାଇଥିଲା। କିନ୍ତୁ ବସ୍ ଫେରିବା ବେଳେ କୁଞ୍ଜାପୁରୀ-ହିଣ୍ଡୋଲାଖାଲ୍ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଅଚାନକ ବ୍ରେକ୍ ଫେଲ୍ ହେବା କାରଣରୁ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇଥିଲେ।

# ଆମେରିକା ଭିସା ନ ମିଳିବାରୁ ମହିଳା ଡାକ୍ତରଙ୍କ ଆତ୍ମହତ୍ୟା

ହାଇଦରାବାଦ, ୨୪।୧୧ (ଏଜେନ୍ସି): ଆମେରିକା ଭିସା ନ ମିଳିବାରୁ ହାଇଦରାବାଦରେ ମହିଳା ଡାକ୍ତର ରୋହିଣୀ (୩୮) ଆତ୍ମହତ୍ୟା କରିଛନ୍ତି। ପୁଲିସ ସୁଇସାଇଡ ନୋଟ ଜବତ କରିଛି। ଏଥିରେ ଭିସା ନ ମିଳିବାରୁ ଅବସାଦର ଶିକାର ହୋଇ ଆତ୍ମହତ୍ୟା କରିଥିବା ଲେଖା ଯାଇଛି। ରୋହିଣୀ ନିଦ ବଟିକା କିମ୍ବା କୌଣସି ପ୍ରକାରର ଇଞ୍ଜେକ୍ସନ ନେଇ ଥିବା ପୁଲିସ ସନ୍ଦେହ କରୁଛି। ସୂଚନା ଅନୁଯାୟୀ, ରୋହିଣୀ ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲ୍ଲାର ବାସିନ୍ଦା। ସେ ହାଇଦରାବାଦର ପଦାମ ନଗର ସ୍ଥିତ ଫ୍ଲାଟରେ ରହୁଥିଲେ। ସେ 'ଇଣ୍ଟରନାଲ ମେଡିସିନ' ପଢ଼ିବା ପାଇଁ ଆମେରିକା ଯିବାକୁ ଚାହୁଁଥିଲେ। ସେ କ୍ୟାରିୟର ପାଇଁ ବିବାହ ମଧ୍ୟ କରି ନ ଥିଲେ। ମାତ୍ର ବାରମ୍ବାର ଭିସା ଆବେଦନ ଖାରଜ କରାଯାଉଥିବାରୁ ସେ ଚିନ୍ତିତ ଥିଲେ।

# ବିନା ଭିସାରେ ଭାରତରେ ୨୭ ବର୍ଷ

ଇନ୍ଦୋର, ୨୪।୧୧(ଏଜେନ୍ସି): କେନିଆ ନାଗରିକ ରିଚାର୍ଡ ଏସ୍ ମାଇକା ଗତ ୨୭ ବର୍ଷ ହେବା ବିନା ଭିସାରେ ମଧ୍ୟପ୍ରଦେଶର ଇନ୍ଦୋରରେ ରହିଆସୁଥିଲେ। ଏକଥା କେହି ଜାଣିପାରି ନଥିଲେ। କିନ୍ତୁ ଇନ୍ଦୋର ପୁଲିସ ଏବେ ତାଙ୍କୁ ଚିହ୍ନଟ କରିବାରେ ସଫଳ ହୋଇଛି। ଦିଲ୍ଲୀର ଲାଲ୍‌କିଲ୍ଲା ବିସ୍ଫୋରଣ ପରେ ଇନ୍ଦୋର ପୁଲିସ ସହର ସାରା ଭଡାଟିଆଙ୍କ ବିବରଣୀ ସଂଗ୍ରହ କରୁଛି। ଫଳରେ ପୁଲିସ ମାଇକାଙ୍କ ସମ୍ପର୍କରେ ବିଶେଷ ତଥ୍ୟ ହାସଲ କରିଛି। ସେ ମଧ୍ୟ ସାମାଜିକ ଗଣମାଧ୍ୟମରେ ଆପତ୍ତିଜନକ ପୋଷ୍ଟ କରୁଥିଲେ। ଆଶ୍ଚର୍ଯ୍ୟଜନକ ଭାବେ ୭ ବର୍ଷ ତଳେ ତାଙ୍କ ବିରୋଧରେ ପୁଲିସ ଏଫ୍‌ଆଇଆର ଦାଏର କରିଥିଲା। ସେତେବେଳେ ସବୁ ଜାଣି ବି କିଛି ପଦକ୍ଷେପ ନିଆଯାଇ ନ ଥିଲା।

# ଡାକ୍ତର ପତ୍ନୀ ମୃତ୍ୟୁ ମାମଲାରେ ମନ୍ତ୍ରୀଙ୍କ ପିଏ ଗିରଫ

ମୁମ୍ବଇ, ୨୪।୧୧ (ଏଜେନ୍ସି): ପତ୍ନୀ ତଥା ଡ. ଗୌରୀ ପାଲୱେ (୨୮)ଙ୍କ ଆତ୍ମହତ୍ୟାକୁ ନେଇ ମହାରାଷ୍ଟ୍ର ମନ୍ତ୍ରୀ ପଙ୍କଜା ମୁଣ୍ଡେଙ୍କ ପିଏ ଅନନ୍ତ ଗର୍ଜେଙ୍କୁ ସୋମବାର ଗିରଫ କରାଯାଇଛି। ସେ ଶନିବାର ୱର୍ଲି ସ୍ଥିତ ଫ୍ଲାଟରେ ଦଉଡ଼ି ଦେଇଥିଲେ। ଏହାକୁ ନେଇ ଅନନ୍ତ ଏବଂ ଦୁଇ ସମ୍ପର୍କୀୟଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ଉସୁକାଇବା ମାମଲା ରୁଜୁ କରାଯାଇଛି। ଗୌରୀ କେଇଏମ ହସ୍ପିଟାଲରେ ଦନ୍ତ ଚିକିତ୍ସକ ଥିଲେ। ୨୦୨୪ରେ ଉଭୟେ ବିବାହ କରିଥିଲେ। ଅନ୍ୟ ମହିଳାଙ୍କ ସହ ସମ୍ବନ୍ଧ ଥିବା ନେଇ ସନ୍ଦେହ କରିବାରୁ ଅନନ୍ତ ନିଜ ପତ୍ନୀଙ୍କୁ ନିର୍ଯାତନା ଦେଉଥିଲେ।

**ବଢ଼ି ଚାଲିଛି କର୍ଣ୍ଣାଟକ କଂଗ୍ରେସ କଳି**

# ବଦଳିପାରନ୍ତି ମୁଖ୍ୟମନ୍ତ୍ରୀ

- ଗୃହମନ୍ତ୍ରୀ ନୂଆ ଦାବିଦାର
- ହାଇକମାଣ୍ଡ ନେବେ ଚୂଡ଼ାନ୍ତ ନିଷ୍ପତ୍ତି: ଖଡ୍‌ଗେ



ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ଥମିବା ପରିବର୍ତ୍ତେ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅଢେଇ ବର୍ଷ କାର୍ଯ୍ୟକାଳ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ଚର୍ଚ୍ଚା ଦଳରେ ଗୋଷ୍ଠୀ କନ୍ଦଳ ସୃଷ୍ଟି କରିଛି। କଥା କର୍ଣ୍ଣାଟକରୁ ଯାଇ ଦିଲ୍ଲୀରେ ପହଞ୍ଚିଛି। ତଥାପି ଅଙ୍କ ଛିଡ଼ି ପାରୁନି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଏକ ଗୋଷ୍ଠୀ ଦାବି କରୁଥିବାବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ପଦ ଛାଡ଼ିବାକୁ ଚାହୁଁନାହାନ୍ତି। ସେ ନିଜ କାର୍ଯ୍ୟକାଳ ପୂରଣ କରିବେ ବୋଲି କହି ସାରିଛନ୍ତି। ଶିବକୁମାର ଏବଂ ସେ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବା ଉଚିତ ବୋଲି କହି ସେ ନୂଆ ଚର୍ଚ୍ଚାକୁ ଖୋରାକ ଯୋଗାଇଛନ୍ତି। ତେବେ କିଛି ଦିନ ହେଲା ଡିକେ ଦେଇ ଚାଲିଥିବା ବୟାନ ମଧ୍ୟ ସଂଶୟକୁ ଅଧିକ ଘନୀଭୂତ କରୁଛି। ରାଜ୍ୟର ସବୁ ବିଧାୟକ ମୋର ଏବଂ ହାଇକମାଣ୍ଡଙ୍କ ନିଷ୍ପତ୍ତି ମାନିବୁ କହି ସେ ଦ୍ୱନ୍ଦ୍ୱ ବଢ଼ାଇଛନ୍ତି। କର୍ଣ୍ଣାଟକର କିଛି ବିଧାୟକ ଦିଲ୍ଲୀ ଯାଇ ଦଳୀୟ ନେତୃତ୍ୱଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ପନ୍ଥା ଆପଣାଇଛନ୍ତି। ସେ ରବିବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଭେଟି ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଆଲୋଚନା କରିଛନ୍ତି। ଏହି ବୈଠକରେ କି ନିଷ୍ପତ୍ତି ନିଆଯାଇଥିଲା ତାହା ଏ ପର୍ଯ୍ୟନ୍ତ ସାମ୍ନାକୁ ଆସିନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଦାବିଦାର ବଢ଼ିବାରେ ଲାଗିଛନ୍ତି। ଗୃହମନ୍ତ୍ରୀ ଜି. ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦାବିଦାର ବୋଲି କହିଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ନେଇ ଖଡଗେ ମୁହଁ ଖୋଲିଛନ୍ତି। ଏହା ଉପରେ ହାଇକମାଣ୍ଡ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। କିନ୍ତୁ ସେ ଏନେଇ ଆଉ କିଛିବାକୁ ଚାହୁଁ ନ ଥିବା ଉଲ୍ଲେଖ କରିଛନ୍ତି।

ଆଜି ସିଦ୍ଧରମୈୟାଙ୍କ ସହ ବୈଠକରେ କି ଚର୍ଚ୍ଚା ହେଲା ବୋଲି ସାମ୍ବାଦିକ ପ୍ରଶ୍ନ କରିବାରୁ ଖଡଗେ ଚିଡ଼ି ଯାଇଥିଲେ। ଯାହା ହେବ ତାହା ହାଇକମାଣ୍ଡ କରିବେ, ଆପଣଙ୍କୁ ଚିନ୍ତା କରିବାର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଖଡ୍‌ଗେଙ୍କ ଏହି ବୟାନକୁ ନେଇ ବିଜେପି ନିଶାଣ କରିଛି। ଯଦି କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦଳର ହାଇକମାଣ୍ଡ ନୁହଁନ୍ତି,ତେବେ ସେ ଆଉ କିଏ ବୋଲି ବିଜେପି ବିଧାୟକ ସୁରେଶ କୁମାର ପଚାରିଛନ୍ତି। ଖଡ଼ଗେଙ୍କ ସ୍ଥିତି କଂଗ୍ରେସର ବାସ୍ତବିକ ସ୍ଥିତିକୁ ଦେଖାଉଛି। ନକଲି ଗାନ୍ଧୀ ପରିବାର କଂଗ୍ରେସର ସବୁ କ୍ଷମତା ନିଜ ପାଖରେ ରଖିଛି ବୋଲି କର୍ଣ୍ଣାଟକ ବିରୋଧୀ ଦଳ ନେତା ଆର ଅଶୋକ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟ ଗୃହମନ୍ତ୍ରୀ ଜି ପରମେଶ୍ୱର ନିଜକୁ ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ନେତା ଭାବେ ଉପସ୍ଥାପନ କରିଛନ୍ତି। ତେବେ ହାଇକମାଣ୍ଡଙ୍କ ସହ କିମ୍ବା ବିଧାୟକ ଦଳ ବୈଠକରେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ କୌଣସି ଚର୍ଚ୍ଚା ହୋଇନାହିଁ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ବଦଳାଇବାର ଚର୍ଚ୍ଚାକୁ ନେଇ ଆଜି ସିଦ୍ଧରମୈୟା କହିଛନ୍ତି ଯେ ହାଇକମାଣ୍ଡଙ୍କ ନିଷ୍ପତ୍ତିକୁ ମୁଁ ଏବଂ ଡିକେ ପାଳନ କରିବା ଉଚିତ। ଯାହା ନିଷ୍ପତ୍ତି ଆସିବ ସେଥିରେ ସହମତ ହେବା ଆବଶ୍ୟକ। ସେହିପରି ସିଦ୍ଧରମୈୟାଙ୍କ ଘନିଷ୍ଠ ମନ୍ତ୍ରୀ ଏଚ.ଟି ମହାଦେବପା ଏବଂ କେ ଭେଙ୍କଟେଶ ମଧ୍ୟ ଖଡଗେଙ୍କୁ ଭେଟିଛନ୍ତି।

# ପାକ୍ ସେନା ଉପରେ ଆତ୍ମଘାତୀ ଆକ୍ରମଣ; ୩ କମାଣ୍ଡର ନିହତ

ଇସଲାମାବାଦ୍, ୨୪।୧୧(ଏଜେନ୍ସି): ପାକିସ୍ତାନର ପେଶାୱରରେ ସୋମବାର ସକାଳେ ଫ୍ରଣ୍ଟିୟର କନଷ୍ଟାବୁଲାରୀ ମୁଖ୍ୟାଳୟରେ ଦୁଇଟି ଆତ୍ମଘାତୀ ଆକ୍ରମଣ ହୋଇଛି। ଏଥିରେ ୬ ଜଣ ମୃତ୍ୟୁବରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩ ଜଣ କମାଣ୍ଡର ଓ ୩ ଜଣ ଆକ୍ରମଣକାରୀ ସାମିଲ ରହିଛନ୍ତି। ଏଥିରେ ଏକାଧିକ ଲୋକ ଆହତ ହୋଇଛନ୍ତି। ଆକ୍ରମଣକାରୀ ଚାଦର ଘୋଡ଼ାଇ ହୋଇ ଆସିଥିଲେ ଏବଂ ସେନା କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ଏହାପରେ ବଡ଼ ଧରଣର ଅପରେସନ୍ କରାଯାଇଥିଲା। ସକାଳ ୮ଟାରେ ଏହି ଆକ୍ରମଣ ହୋଇଥିଲା। ପାରାମିଲିଟାରୀ ବିଲ୍ଡିଂର ଦ୍ୱାରରେ ଦୁଇଟି ବିସ୍ଫୋରଣ ହୋଇଥିଲା ବୋଲି ପୁଲିସ କହିଛି।

# ଇଣ୍ଡିଆ ଗେଟ୍‌ରେ ଲାଗିଲା ମାଓବାଦୀ ହିଡମାର ପୋଷ୍ଟର; ୨୨ ଗିରଫ

ନୂଆଦିଲ୍ଲୀ, ୨୪।୧୧ (ଏଜେନ୍ସି): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସାଙ୍ଘାତିକ ହେବାରେ ଲାଗିଛି। ଏହାକୁ ନେଇ ରବିବାର ସନ୍ଧ୍ୟାରେ 'ଇଣ୍ଡିଆ ଗେଟ' ସାମ୍ନାରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଦୁର୍ଦ୍ଦାନ୍ତ ମାଓବାଦୀ 'ମାଡଭି ହିଡମା'ର ପୋଷ୍ଟର ଲଗାଯାଇଛି। ଏଥିରେ ହିଡମାର ତୁଳନା ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ସହ କରାଯାଇଛି। ହିଡମା ଅମର ରହେ ସ୍ଲୋଗାନ ମଧ୍ୟ ଲେଖାଯାଇଛି। ଏହାକୁ ନେଇ ପୁଲିସ ଦୁଇଟି ଏତଲା ରୁଜୁ କରିଛି। ଏ ପର୍ଯ୍ୟନ୍ତ ୨୨ ଜଣଙ୍କୁ ଗିରଫ କରାଗଲାଣି।ଅନ୍ୟପକ୍ଷରେ ପ୍ରଦୂଷଣକୁ ଦେଖି ଦିଲ୍ଲୀରେ ୫୦ ପ୍ରତିଶତ ଘରୋଇ ଏବଂ ସରକାରୀ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ୯ ସେନା ଅଧିକାରୀଙ୍କୁ ବରଖାସ୍ତ କଲା ଇସ୍ରାଏଲ୍

ତେଲ ଅଭିଭ୍, ୨୪।୧୧(ଏଜେନ୍ସି): ଇସ୍ରାଏଲ ୯ ଜଣ ଆଗଧାଡିର ସେନା ଅଧିକାରୀଙ୍କୁ ବରଖାସ୍ତ କରିଛି। ଦୁଇବର୍ଷ ତଳେ ୨୦୨୩ ଅକ୍ଟୋବର ୭ ରେ ହୋଇଥିବା ହମାସ ଆକ୍ରମଣକୁ ରୋକିବାରେ ଏହି ଅଧିକାରୀମାନେ ବିଫଳ ହୋଇଥିଲେ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ଚିଫ୍ ଅଫ୍ ଷ୍ଟାଫ୍ ଲେଫ୍ଟନାଣ୍ଟ ଜେନେରାଲ ଇଆଲ ଜମିର କହିଛନ୍ତି। ହମାସର ଏହି ଆକ୍ରମଣରେ ୧, ୨୦୦ ଇସ୍ରାଏଲ ନାଗରିକ ମୃତ୍ୟୁବରଣ କରିଥିଲେ। ସୁରକ୍ଷା ବ୍ୟବସ୍ଥାରେ ତ୍ରୁଟି ଯୋଗୁଁ ହମାସ ଏହି ଆକ୍ରମଣ କରିବାର ସୁଯୋଗ ପାଇଥିଲା। ଏହାକୁ ନେଇ ରବିବାର ଇସ୍ରାଏଲ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାର ନିରପେକ୍ଷ ତଦନ୍ତ ପାଇଁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନରେ ୫୦୦, ୦୦୦ ଲୋକ ଅଂଶଗ୍ରହଣ କରିଥିଲେ। ଫଳରେ ଏହି ଅଧିକାରୀମାନଙ୍କ ବରଖାସ୍ତ କରିବା ପାଇଁ ସରକାରଙ୍କ ଉପରେ ଚାପ ବୃଦ୍ଧି ପାଇଥିଲା। କିନ୍ତୁ ବରଖାସ୍ତ ହୋଇଥିବା ଅଧିକାଂଶ ଅଧିକାରୀ ସେନ ଛାଡି ସାରିଛନ୍ତି ବୋଲି ଜଣାଯାଇଛି। ସେନାର ଏହି ନିଷ୍ପତ୍ତି କଷ୍ଟକର ବୋଲି ଆଇଡିଏଫ୍ ମୁଖ୍ୟ ଜମିର କହିଛନ୍ତି।

# ଇସିଙ୍କୁ ମମତାଙ୍କ ଚିଠି:ପଶ୍ଚିମବଙ୍ଗରେ ଘରୋଇ କମ୍ପାନୀଙ୍କୁ ବିରୋଧ

କୋଲକାତା, ୨୪।୧୧ (ଏଜେନ୍ସି): ପଶ୍ଚିମବଙ୍ଗରେ ନିର୍ବାଚନୀ ବ୍ୟବସ୍ଥାକୁ ନେଇ ଦିଆଯାଇଥିବା ଦୁଇଟି ପ୍ରସ୍ତାବ ଉପରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପ୍ରଶ୍ନ ଉଠାଇଛନ୍ତି। 'ଡାଟା ଏଣ୍ଟ୍ରି' କାମ ଘରୋଇ କମ୍ପାନୀଙ୍କୁ ଦେବା ଏବଂ ପ୍ରାଇଭେଟ ହାଉସିଂ ସୋସାଇଟିରେ ମତଦାନ କେନ୍ଦ୍ରକୁ ବିରୋଧ କରାଯାଇଛି। ଏହାକୁ ନେଇ ମମତା ସୋମବାର ନିର୍ବାଚନ କମିଶନଙ୍କୁ ଚିଠି ଲେଖିଛନ୍ତି। ଏଥିରେ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଦେଇଥିବା ପ୍ରସ୍ତାବ ଉପରେ ଦିଦି ପ୍ରଶ୍ନ ଉଠାଇଛନ୍ତି। ହଜାରେ ଡାଟା ଏଣ୍ଟ୍ରି ଅପରେଟର୍ସ ଏବଂ ୫୦ ସଫ୍ଟୱେୟର ଡେଭଲପର୍ସଙ୍କୁ ବାହାରୁ ନିଯୁକ୍ତି ଦେବାକୁ ବିରୋଧ କରାଯାଇଛି। ଏହି ଦୁଇ ପ୍ରସ୍ତାବ ବିପଦପୂର୍ଣ୍ଣ ବୋଲି ଦିଦି କହିଛନ୍ତି। ଏହା ଦ୍ୱାରା ନିର୍ବଚନୀ ବ୍ୟବସ୍ଥାର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିବ। ତେଣୁ ଏହି ପ୍ରସଙ୍ଗକୁ ନିରପେକ୍ଷ ଏବଂ ସ୍ୱଚ୍ଛତାର ସହ ଯାଞ୍ଚ କରିବାକୁ ନିବେଦନ କରିଛନ୍ତି। ଏହି ନିଷ୍ପତ୍ତି ପଛରେ ରାଜନୈତିକ ଉଦ୍ଦେଶ୍ୟ ଲୁଚି ରହିଥିବା ଦିଦି କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୬ ମାର୍ଚ୍ଚ ଏପ୍ରିଲରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟରେ ଏସଆଇଆର ଆରମ୍ଭ ହୋଇଯାଇଛି। ଅନ୍ୟପକ୍ଷରେ ଉତ୍ତର ପ୍ରଦେଶ ନୋଏଡ଼ାର ବିଏଲଓ ପିଙ୍କି ସିଂହ ଏସଆଇଆର ଜନିତ କାର୍ଯ୍ୟଚାପ ଯୋଗୁଁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଶିକ୍ଷା ସହିତ ବିଏଲଓ କାର୍ଯ୍ୟ ତୁଲାଇବା କଷ୍ଟସାଧ୍ୟ ହେଉଛି ବୋଲି ଇସ୍ତଫାପତ୍ରରେ ସେ ଉଲ୍ଲେଖ କରିଛନ୍ତି।

# ସ୍ୱଦେଶୀ ଯୁଦ୍ଧପୋତ 'ଆଇଏନ୍‌ଏସ୍ ମାହେ' ନୌସେନାରେ ସାମିଲ




ନୂଆଦିଲ୍ଲୀ, ୨୪।୧୧(ଏଜେନ୍ସି): ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଯୁଦ୍ଧପୋତ ଆଇଏନ୍‌ଏସ୍ ମାହେ ସୋମାବାର ଭାରତୀୟ ନୌସେନାରେ ସାମିଲ ହୋଇଛି। ଏହା ମାହେ- କ୍ଲାସର ପ୍ରଥମ ଆଣ୍ଟି ସବମେରିନ ଓ ଅପେକ୍ଷାକୃତ କମ୍ ଗଭୀର ପାଣିରେ ଚାଲୁଥିବା ଯୁଦ୍ଧପୋତ। ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଏହାକୁ ସ୍ୱତନ୍ତ୍ର ଭାବେ ଡିଜାଇନ୍ କରାଯାଇଛି। ପୁଡୁଚେରୀର ମାହେ ସହର ନାମ ଅନୁସାରେ ଏହାର ନାମକରଣ ହୋଇଛି। ମୁମ୍ବଇର ନୌସେନା ଡକୟାର୍ଡରେ ଆୟୋଜିତ କମିଶନିଙ୍ଗ୍ ସମାରୋହରେ ଭାରତୀୟ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସେ ୩ଟି ସେନାର ମିଳିତ ସାମର୍ଥ୍ୟ ଓ ଶକ୍ତି ଉପରେ ଜୋର ଦେଇଥିଲେ। ସିନର୍ଜି ଅର୍ଥାତ ତାଳମେଳ ହିଁ ସଶସ୍ତ୍ର ବଳର ପ୍ରକୃତ ଶକ୍ତି। ଅପରେସନ ସିନ୍ଦୂରର ଉଦାହରଣ ଦେଇ ସେ ଏହି କଥା କହିଥିଲେ। ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ଆଇଏନ୍‌ଏସ୍ ମାହେ ଓ ତା'ର କ୍ରୁ ମେମ୍ବରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା କେବଳ ନୌସେନା ନୁହଁ ପୂରା ଦେଶର ବିଶ୍ୱାସ ନେଇ ସାଥିରେ ଚାଲିବ। ଆଧୁନିକ ଯୁଗରେ ଯୁଦ୍ଧ କେବଳ ଗୋଟିଏ ସ୍ଥାନରେ ହେଉନାହିଁ। ଏହା ଜଳ, ସ୍ଥଳ, ଆକାଶ, ଅନ୍ତରୀକ୍ଷ ଓ ସାଇବର ସବୁ ସ୍ଥାନରେ ହେଉଛି। ୩ଟି ସେନା ସାଥି ହୋଇ ତାଳମେଳ ରକ୍ଷା କରିବା ସହ ନିଜ ରଣନୀତ ଅନୁସାରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ଏହି ଜାହାଜ କମ୍ ଗଭୀର ଜଳରେ ଅପରେସନ, କୋଷ୍ଟାଲ ପାଟ୍ରୋଲିଂ, ସାମୁଦ୍ରିକ ରାସ୍ତାର ସୁରକ୍ଷା ଓ ଶତ୍ରୁ ଦେଶରୁ ବୁଡ଼ା ଜାହାଜକୁ ଖୋଜିବା ପ୍ରକ୍ରିୟାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିବ। ବିନା କୌଣସି ଶବ୍ଦରେ ଅତି ଶାନ୍ତ ଭାବେ ଏହି ଜାହଜ ତା'ର କାର୍ଯ୍ୟ କରିବ। ସେଥିପାଇଁ ଏହି ଜାହଜକୁ 'ସାଇଲେଣ୍ଟ ହଣ୍ଟର' ବୋଲି କୁହାଯାଇଛି। ଆଇଏନ୍‌ଏସ୍ ମାହେର ୮୦ ପ୍ରତିଶତ ଅଂଶ ଭାରତରେ ନିର୍ମିତ ହୋଇଛି। ଏହାକୁ କୋଚିନ ସିପ୍‌ୟାର୍ଡ ଲିମିଟେଡ (ସିଏସ୍‌ଏଲ୍) ରେ ପ୍ରସ୍ତୁତ କରାଯାଇଛି। ଏହା ନୌସେନାର ଆତ୍ମ ନିର୍ଭର ଭାରତ ଅଭିଯାନ ପାଇଁ ଏକ ବଳିଷ୍ଠ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ଅରୁଣାଚଳରେ ଜନ୍ମିତ ମହିଳାଙ୍କ ପାସ୍‌ପୋର୍ଟକୁ ଅବୈଧ କହିଲା ଚୀନ୍

ବେଜିଂ, ୨୪।୧୧(ଏଜେନ୍ସି): ବ୍ରିଟେନରେ ରହୁଥିବା ଜଣେ ଭାରତୀୟ ମହିଳା ପେମ୍ ୱାଙ୍ଗାଜଙ୍ଗ୍‌ଙ୍କୁ ଚୀନର ସଂଘାଇ ବିମାନ ବନ୍ଦରରେ ଇମିଗ୍ରେସ୍‌ନ ଅଧିକାରୀମାନେ ଘଣ୍ଟା ଘଣ୍ଟା ଧରି ଅଟକ ରଖିବା ସହ ସମସ୍ୟାରେ ପକାଇଥିଲେ ବୋଲି ଅଭିଯୋଗ କରିଛନ୍ତି। ଏକ ଗଣମାଧ୍ୟମ ଏଜେନ୍ସିକୁ ସେ କଥାବାର୍ତ୍ତା ବେଳେ ଏହି କଥା କହିଛନ୍ତି। ଚୀନ୍ ଅଧିକାରୀମାନେ ତାଙ୍କ ଭାରତୀୟ ପାସପୋର୍ଟକୁ ମାନିବାକୁ ମନା କରିଦେଇଥିଲେ। ପାସ୍‌ପୋର୍ଟରେ ତାଙ୍କ ଜନ୍ମସ୍ଥାନ ଅରୁଣାଚଳ ପ୍ରଦେଶ ଲେଖାଯାଇଥିବାରୁ ଅଧିକାରୀମାନେ ତାଙ୍କ ପାସ୍‌ପୋର୍ଟକୁ ଗ୍ରହଣ କରି ନ ଥିଲେ ବୋଲି ସେ କହିଛନ୍ତି। ନଭେମ୍ବର ୨୧ରେ ସେ ଲଣ୍ଡନରୁ ଜାପାନ ଯାଉଥିଲେ। କିନ୍ତୁ ସାଙ୍ଘାଇ ବିମାନ ବନ୍ଦରରେ ତାଙ୍କର ୩ ଘଣ୍ଟାର ଟ୍ରାନଜିଟ୍ ଥିଲା। ଏଠାରେ ଅଧିକାରୀମାନେ ମୋ ପାସ୍‌ପୋର୍ଟକୁ ଅବୈଧ ବୋଲି କହିଥିଲେ। ଅରୁଣାଚଳ ପ୍ରଦେଶ ଚୀନ୍‌ର ଅଂଶ ବୋଲି ସେମାନେ ଉଲ୍ଲେଖ କରିଥିଲେ। ମୋତେ ୧୮ ଘଣ୍ଟା ଧରି ପଚରା ଉଚରା କରିବା ସହ ପରିହାସ କରାଯାଇଥିଲା ବୋଲି ପେମ୍ କହିଛନ୍ତି। ଏହି ଅବସରରେ ମୋତେ କୌଣସି ସଠିକ ସୂଚନା ଦିଆଯାଇ ନଥିଲା ଓ ଖାଇବାକୁ ମଧ୍ୟ ଦିଆଯାଇ ନଥିଲା। କେବଳ ସେତିକି ନୁହଁ ବିମାନ ବନ୍ଦରର ସୁବିଧା ସୁଯୋଗ ବ୍ୟବହାର କରିବାକୁ ଦିଆଯାଇ ନ ଥିଲା ବୋଲି ସେ କହିଛନ୍ତି। ପେମ୍ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ନିକଟକୁ ଅଭିଯୋଗ କରି ଚିଠି ଲେଖିଛନ୍ତି। ଏହା ଦ୍ୱାରା ଭାରତର ସାର୍ବଭୌମତ୍ୱ ଓ ଅରୁଣାଚଳ ପ୍ରଦେଶ ନାଗରିକଙ୍କର ଅପମାନ ହୋଇଛି ବୋଲି ପେମ୍ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ସେମାନେ ପାସ୍‌ପୋର୍ଟକୁ ଜବତ କରିବା ସହ ଲିଗାଲ ଭିସା ସତ୍ତ୍ୱେ ଜାପାନ ଯିବାକୁ ଥିବା ଫ୍ଲାଇଟ୍‌ରେ ଚୀନ୍ ଅଧିକାରୀମାନେ ତାଙ୍କୁ ଚଢ଼ିବାକୁ ଦେଇ ନଥିଲେ। ଭାରତୀୟ ଦୂତାବାସର ସହାୟତାରେ ସେ ଏହି ସମସ୍ୟାରୁ ବାହାରିବା ସହ ଜାପାନ ଯାଇଥିଲେ।

# ପାକିସ୍ତାନକୁ ଅଣଦେଖା କରିବାର ଫଳ ଭୋଗୁଛି ଆମେରିକା



ୱାଶିଂଟନ, ୨୪।୧୧ (ଏଜେନ୍ସି): ଆମେରିକା ଗୁଇନ୍ଦା ଏଜେନ୍ସି ସିଆଇଏର ପୂର୍ବତନ ବରିଷ୍ଠ ଅଧିକାରୀ ଜେମ୍ସ ଲଲାର ପାକିସ୍ତାନ କଳାକାରନାମାର ମୁଖା ଖୋଲି ଦେଇଛନ୍ତି। ପୁଣିଥରେ ବିଶ୍ୱରେ ଆତଙ୍କବାଦୀଙ୍କୁ ପ୍ରୋତ୍ସାହନ ଦେଉଥିବା ଏହି ଦେଶ ନିନ୍ଦିତ ହୋଇଛି। ପାକିସ୍ତାନ କେମିତି ପରମାଣୁ ଅସ୍ତ୍ରଶସ୍ତ୍ର ଚୋରାଚାଲାଣ କରୁଥିଲା, ଆଉ ଏହା ପଛରେ କିଏ କିଏ ରହିଥିଲେ ତାହାର ଗୁମର ଖୋଲି ଯାଇଛି। ପାକିସ୍ତାନୀ ବୈଜ୍ଞାନିକ ଡ.ଅବଦୁଲ କାଦିର ଖାନଙ୍କ 'ପରମାଣୁ ଚୋରାଚାଲାଣ ନେଟୱର୍କ'କୁ ନେଇ ଲଲାର ଅନେକ ସୂଚନା ଦେଇଛନ୍ତି। ପାକିସ୍ତାନକୁ ପ୍ରଥମେ ଅଣଦେଖା କରିବାର ଭଳ ଆଜି ଯାଏଁ ଆମେରିକା ଭୋଗୁଛି ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ଜେମ୍ସ କହିଛନ୍ତି ଯେ କାଦିର ଖାନ୍ କେବଳ ଆମେରିକା ପାଇଁ ପରମାଣୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିବା ଆମେରିକା ଭାବୁଥିଲା। କିନ୍ତୁ ପରେ ସେ ଲିବିୟା, ଇରାନ ଭଳି ଅନେକ ଦେଶ ପାଇଁ ପରମାଣୁ ଜ୍ଞାନକୌଶଳ ଏବଂ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ କରିବାର ସାମଗ୍ରୀ ବେଆଇନ ଭାବେ ବିକ୍ରି କରୁଥିବା ଜଣାପଡ଼ିଥିଲା। ବହୁତ ବିଳମ୍ବରେ ଆମେରିକାର ନିଦ ଭାଙ୍ଗି ଥିଲା। କାଦର ଏତେ ବଡ଼ ଚୋର ବୋଲି ଆମେ ସ୍ୱପ୍ନରେ ସୁଧା ଭାବି ନ ଥିଲୁ। ସେ କିଛି ନେତା ଏବଂ ସେନା ଅଧିକାରୀଙ୍କ ସହ ମିଶି ଏପରି କରୁଥିଲା। ସେମାନଙ୍କୁ ମୋଟା ଅଙ୍କର ଲାଞ୍ଚ ଦେଉଥିଲେ। ସିଆଇଏର ପୂର୍ବତନ ମୁଖ୍ୟ ଜର୍ଜ ଟେନେଟ ଏ ବିଷୟରେ ପାକିସ୍ତାନର ପୂର୍ବତନ ରାଷ୍ଟ୍ରପତି ପରଭେଜ ମୁଶାରଫଙ୍କୁ ସୂଚନା ଦେଇଥିଲେ। ସେ ଏହା ଶୁଣି ରାଗି ଯାଇଥିଲେ ଏବଂ କାଦର ଖାନଙ୍କୁ ଗାଳି ଦେଇ ମାରି ଦେବେ ବୋଲି ଧମକ ଦେଇଥିଲେ।

କାଦିର ପାକିସ୍ତାନ ପରମାଣୁ କାର୍ଯ୍ୟକ୍ରମର ଜନକ ଭାବେ ପରିଚିତ। ସେହିପରି ତାଙ୍କ ନେଟୱର୍କକୁ ଭୁଶୁଡ଼ାଇବାର ଶ୍ରେୟ ଜେମ୍ସଙ୍କୁ ଯାଉଛି। ସିଆଇଏର ପୂର୍ବତନ ଅଧିକାରୀ ଏହି କାଦିରଙ୍କୁ ମୃତ୍ୟୁର ସୌଦାଗର କହୁଥିଲେ। ତାଙ୍କ ନେଟୱର୍କ ବହୁତ ବଡ଼ ଥିଲା। ସାରା ବିଶ୍ୱରେ ପରମାଣୁ ବୋମା ପ୍ରସ୍ତୁତିର ମେସିନ, ବ୍ଲୁ-ପ୍ରିଣ୍ଟ, ସେଣ୍ଟ୍ରିଫ୍ୟୁଜ ଏବଂ ୟୁରାନିୟମ ବିଶୁଦ୍ଧ କରିବାର ଜ୍ଞାନକୌଶଳକୁ ବେଆଇନ ଭାବେ ଅନ୍ୟ ଦେଶକୁ ପଠା ଯାଉଥିଲା। ସେ ବିଶ୍ୱର ସବୁଠୁ ବିପଜ୍ଜନକ ପରମାଣୁ ବ୍ଲାକ ମାର୍କେଟ ଚଳାଉ ଥିଲେ। ଏହା ୧୯୯୦ରେ ଜଣା ପଡ଼ିଥିଲା। ଏହି ନେଟୱର୍କରେ ସାମିଲ ହେବାର କାମ ଲଲାରଙ୍କୁ ଦିଆଯାଇଥିଲା। ସ୍ୱିଜରଲାଣ୍ଡ, ଜର୍ମାନୀ, ମାଲେସିଆ ଏବଂ ଦୁବାଇରେ ଜାଲ କମ୍ପାନୀ ଗଢ଼ା ଯାଇଥିଲା।ଏହା ମାଧ୍ୟମରେ ପରମାଣୁ ଡିଭାଇସ ବିକ୍ରି କରାଯାଉଥିଲା। ଖାନ୍‌ଙ୍କ ଲୋକ ଏହି କମ୍ପାନୀ ମାଧ୍ୟମରେ ସାମଗ୍ରୀ ଅର୍ଡର କରୁଥିଲେ। ଚୋରଙ୍କୁ ହରାଇବା ପାଇଁ ଆମକୁ ଚୋର ହେବାକୁ ପଡ଼ିଥିଲା। ଏହି ଜାଲ୍ କମ୍ପାନୀରୁ ଖରାପ ଯନ୍ତ୍ରାଂଶ ପଠା ଯାଉଥିଲା। ସେଥିପାଇଁ ଇରାନ ଏବଂ ଲିବିୟା ଭଳି ଦେଶର ସେଣ୍ଟ୍ରିଫ୍ୟୁଜ ବାରମ୍ବାର ଖରାପ ହେଉଥିଲା। ୨୦୦୩ରେ ଧରା ପଡ଼ିବାରୁ ଇରାନ ନିଜ ପରମାଣୁ କାର୍ଯ୍ୟକ୍ରମ ବନ୍ଦ କରିଥିଲା। ଇରାନକୁ ପରମାଣୁ ବୋମା ଜ୍ଞାନକୌଶଳ ଦିଆଯାଇଥିଲା। ଏହା ଉପରେ ଏବେ ବି ଇରାନ କାମ କରୁଛି। ଲଲାର କହିଛନ୍ତି ଯେ ୧୯୮୦ରେ ଆଫଗାନିସ୍ତାନରେ ସୋଭିଏତ ସଂଘ ସହ ଲଢିବା ପାଇଁ ଆମେରିକାକୁ ପାକିସ୍ତାନର ଆବଶ୍ୟକତା ଥିଲା। ତେଣୁ ଜାଣିଶୁଣି କାଦିରଙ୍କୁ ଆମରିକା ଅଣଦେଖା କରିଥିଲା। ଏହା ଏକ ବଡ଼ ଭୁଲ୍ ଥିଲା। ଆମେରିକା ଏହାର ଫଳ ଆଜି ଯାଏଁ ଭୋଗୁଛି। ଭାରତ ଏବଂ ଆମେରିକା ମିଶି ପରମାଣୁ ଚୋରାଚାଲାଣକୁ ରୋକିବା ପାଇଁ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଛନ୍ତି।

# ତାମିଲନାଡୁ: ଦୁଇ ବସ୍ ମୁହାଁମୁହିଁ ଧକ୍କାରେ ୬ ମୃତ

ତେନକାସୀ, ୨୪।୧୧(ଏଜେନ୍ସି): ତାମିଲନାଡୁର ତେନକାସି ଜିଲ୍ଲାରେ ସୋମାବାର ଦୁଇଟି ବସ୍‌ର ମୁହାଁମୁହିଁ ଧକ୍କା ହେବା ଫଳରେ ବଡ଼ ଦୁର୍ଘଟଣା ଘଟିଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ଜଣ ମହିଳା ଓ ଜଣେ ପୁରୁଷ ସାମିଲ ଅଛନ୍ତି। ଗୋଟିଏ ବସ ମଦୁରାଇରୁ ସେନକୋଟାଇ ଓ ଅନ୍ୟ ବସ୍‌ଟି ଟେନ୍‌କାସିରୁ କୋଭିଲପାଟି ଯାଉଥିବା ବେଳେ ସୋମବାର ସକାଳ ୧୧ଟାରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଡ୍ରାଇଭରର ତ୍ରୁଟି ଥିଲା ବୋଲି ପୁଲିସ କହିଛି। ମଦୁରାଇରୁ ସେନକୋଟାଇ ଯାଉଥିବା ବସ୍‌ର ଡ୍ରାଇଭର ବେପରୁଆ ଭାବେ ଓ ଦ୍ରୁତ ଗତିରେ ଗାଡ଼ି ଚଳାଉଥିଲେ। ଆହତ ଯାତ୍ରୀଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ଓ ସେମାନଙ୍କର ଚିକିତ୍ସା ଚାଲିଛି। କିଛି ପୀଡିତଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି। ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ପୁଲିସ ଆଶଙ୍କା ପ୍ରକଟ କରିଛି। ୨୫ଟି ଆମ୍ବୁଲାନ୍ସରେ ଆହତଙ୍କୁ ହସ୍ପିଟାଲ ନିଆଯାଇଥିଲା। ବସରେ ଫସି ରହିଥିବା ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ଜେସିବିର ସହାୟତା ନିଆଯାଇଥିଲା। ବସ୍‌ର କ୍ଷତିଗ୍ରସ୍ତ ହୋଇଥିବା ଅଂଶକୁ କାଟି ଯାତ୍ରୀମାନଙ୍କୁ ବାହାରକୁ ନିଆଯାଇଥିଲା। ଦୁର୍ଘଟଣା ବେଳେ ଦୁଇଟି ବସ୍‌ରେ ମୋଟ୍ ୫୫ ଯାତ୍ରୀ ରହିଥିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୮୬୬- ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟର ଉଦ୍‌ଘାଟନ।
- ୧୯୪୮ - ଭାରତରେ ରାଷ୍ଟ୍ରୀୟ କ୍ୟାଡେଟ୍ କୋର୍ (ଏନ୍‌ସିସି)ର ସ୍ଥାପନା।
- ୧୯୬୦- ଭାରତରେ ପ୍ରଥମେ କାନପୁର ଓ ଲକ୍ଷ୍ନୌ ମଧ୍ୟରେ ଏସ୍‌ଟିଡି ସେବା ଆରମ୍ଭ ହେଲା।
- ୧୯୬୫- ଫ୍ରାନ୍ସ ପ୍ରଥମ ସାଟେଲାଇଟ୍ ଲଞ୍ଚ୍ କଲା।
- ୨୦୦୧- ପାକିସ୍ତାନ ପ୍ରଧାନମନ୍ତ୍ରୀ ବେନଜିର ଭୁଟ୍ଟୋ ପାଞ୍ଚଦିନିଆ ଯାତ୍ରାରେ ଭାରତ ପହଞ୍ଚିଲେ।
- ୨୦୧୪: ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ସିତାରା ଦେବୀଙ୍କ ପରଲୋକ।

# ଦୀର୍ଘ ଜୀବନର ରହସ୍ୟ କାମ



ଦୀର୍ଘାୟୁ ହେବା ତଥା ସୁସ୍ଥ ଜୀବନ କଥା ଉଠିଲେ ଅଧିକାଂଶ ଶାରୀରିକ ଓ ମାନସିକ ସୁସ୍ଥତା ସହ ହେଲଦି ଡାଏଟ୍ କଥା ଭାବିଥାନ୍ତି। ହେଲେ ଦୀର୍ଘାୟୁ ହେବାର ବି ଆଉ ଏକ ରହସ୍ୟ ଅଛି। ଯାହା ସମ୍ପର୍କରେ ଲୋକେ ଖୁବ୍ କମ୍ ଆଲୋଚନା କରିଥାନ୍ତି। ଦୀର୍ଘାୟୁ ହେବାର ଅନ୍ୟତମ ରହସ୍ୟ କାମକୁ କୁହାଯାଉଛି। ତେବେ ଏ ଲାଗି କାମକୁ ବୋଝ ବୋଲି ଭାବିବା ଉଚିତ ନୁହେଁ ବରଂ ଏହାର ମଜା ନେବାକୁ ପଡ଼ିଥାଏ। ଅନେକଙ୍କ ପାଇଁ କାମ ଚାପ ଓ ଥକ୍କାଯୁକ୍ତ ଲାଗେ। ହେଲେ ଜାପାନର ଲୋକପ୍ରିୟ ସୁଶୀ ସେଫ୍ ଜିରୋ ଓନୋ କାମକୁ ଜୀବନର ଶକ୍ତି ବୋଲି କହିଛନ୍ତି। ଜିରୋ ତାଙ୍କର ଶହେ ତମ ଜନ୍ମ ଦିବସ ଅକ୍ଟୋବର ୨୭ରେ ପାଳନ କରିଛନ୍ତି। ୧୦୦ଟି ବସନ୍ତ ଅତିକ୍ରମ କରିଥିବା ଜିରୋ ଏବେ ବି କାମରୁ ଅବସର ନେଇ ନାହାନ୍ତି। ତାଙ୍କ ସ୍ୱାସ୍ଥ୍ୟର ରହସ୍ୟ କ'ଣ ବୋଲି ପଚରାଯିବାରୁ ଜିରୋ କୁହନ୍ତି, ସବୁଦିନ ସେ ଏବେ ରେଷ୍ଟୋରାଁ ଯାଇପାରୁ ନାହାନ୍ତି। ହେଲେ ଯଥା ସମ୍ଭବ କାମ କରିବାକୁ ଚେଷ୍ଟା କରୁଛନ୍ତି। ତାଙ୍କ ମତରେ ମଣିଷ ପାଇଁ ମହୌଷଧି ହେଉଛି କାମ କରିବା। ଯଦିଓ ବୟସାଧିକ ଯୋଗୁ ତାଙ୍କ କାମ କରିବାର ବେଗ ପୂର୍ବ ଭଳି ନାହିଁ। ହେଲେ ତାଙ୍କ ଇଚ୍ଛାଶକ୍ତି ପୂର୍ବଭଳି ରହିଛି। ସେହିପରି ସୁଶୀ ତିଆରି କରିବା ତାଙ୍କ ପାଇଁ କେବଳ ଏକ କାମ ନୁହେଁ, ବରଂ ଜୀବନ ପ୍ରତି ଭଲପାଇବା ବୋଲି ସେ କହିଛନ୍ତି। ଆଜିର ବ୍ୟସ୍ତତାପୂର୍ଣ୍ଣ ଜୀବନରେ ଲୋକେ ଶୀଘ୍ର ଥକ୍କି ଯାଉଛନ୍ତି ଏବଂ ଅବସର ଅପେକ୍ଷାରେ ରହୁଛନ୍ତି। ନିଜ କାମକୁ ଭଲପାଇଲେ କେହି ଥକ୍କିବେ ନାହିଁ, ବରଂ ଏହା ଜଣକୁ ଜୀବନ ଜିଇଁବା ପାଇଁ ଉତ୍ସାହିତ କରିଥାଏ ବୋଲି ସେ କହିଛନ୍ତି। ତେଣୁ ଏ ଦୃଷ୍ଟିରୁ ଦୀର୍ଘାୟୁ ହେବାର ଜୀବନର ମୂଳ ରହସ୍ୟ କେବଳ ଖାଦ୍ୟ ଓ ବ୍ୟାୟାମ ନୁହେଁ, ବରଂ ଏମିତି କିଛି କାର୍ଯ୍ୟ କରିବା ଯାହା ମନକୁ ଆନନ୍ଦ ଦେଉଥିବ। ସେହିପରି ଚାପ ଗ୍ରସ୍ତ ହୋଇ କାମ କରୁଥିଲେ ଏମିତି ନ କରି ଏବେଠୁ ତାକୁ ଉପଭୋଗ କରିବାକୁ ଚେଷ୍ଟା କରନ୍ତୁ ବୋଲି ସେ କହିଛନ୍ତି।

# ନିଖୋଜଙ୍କୁ ଖୋଜିବାର ନିଆରା ଉପାୟ

ଦକ୍ଷିଣ କୋରିଆରେ ମାନବ ଚାଲାଣ ଚିନ୍ତାର ବିଷୟ ପାଲଟିଛି। କାରଣ ଗତ କିଛି ବର୍ଷ ମଧ୍ୟରେ ଏଠାରେ ମାନବ ଚାଲାଣ ମାମଲା ବଢ଼ି ଚାଲିଛି। ତେବେ ଏହି ଚାଲାଣରେ ଅଧିକାଂଶ ପିଲା ସାମିଲ ଅଛନ୍ତି। ଏଭଳି ସ୍ଥଳରେ ନିଖୋଜ ପିଲାମାନଙ୍କୁ ଖୋଜିବା ପାଇଁ ନିଆରା ଉପାୟ ବାହାର କରାଯାଇଛି। ଏହି ଉପାୟ ମାଧ୍ୟମରେ ଅନେକ ନିଖୋଜ ମାମଲାର ସମାଧାନ ମଧ୍ୟ କରାଗଲାଣି। ସାଧାରଣତଃ ନିଖୋଜ ପିଲାମାନଙ୍କୁ ଖୋଜିବା ଲାଗି ପୋଷ୍ଟର ବଣ୍ଟାଯାଏ, ଟିଭିରେ ମଧ୍ୟ ସୂଚନା ପ୍ରଦାନ କରାଯାଏ। ଏହିସବୁ ଉପାୟ କାମ ନ କରିବା ପରେ କୋରିଆନ ନେସନାଲ ପୁଲିସ୍ ଏଜେନ୍ସି (କେନ୍‌ପିଏ) ହାର୍ ମାନିଲା ନାହିଁ। ଏଥିପାଇଁ କେନ୍‌ପିଏ ପକ୍ଷରୁ 'ହୋପ ଟେପ୍' ଅଭିଯାନ ଆରମ୍ଭ କରାଯାଇଥିଲା। ଏହା ହେଉଛି ଏକ ସାଧାରଣ ପ୍ୟାକେଜିଂ ଟେପ୍ ଯାହାକି ଡେଲିଭରି ସେବାକୁ ଏକ ସର୍ଚ୍ଚ ମିଶନରେ ପରିଣତ କରିଥିଲା। ତେବେ ଏଭଳି ଏକ ପରିକଳ୍ପନା ଚେଲ୍ ୱାର୍ଲଡ୍‌ୱାଇଡ୍ ଏଜେନ୍ସିର ଥିଲା। କରୋନା ମହାମାରୀ ଏହାକୁ ସୁଯୋଗ ଦେଇଥିଲା। ଲୋକେ ଏହି ସମୟରେ ଘରେ ବସି ସପିଂ କରୁଥିଲେ। ହୋପ୍ ଟେପ୍‌ରେ ଦୀର୍ଘଦିନ ପର୍ଯ୍ୟନ୍ତ ନିଖୋଜ ଥିବା ୨୮ ଜଣ ପିଲାଙ୍କ ବିବରଣୀ ପ୍ରିଣ୍ଟ କରାଯାଇଥିଲା। କେବଳ ସେତିକି ନୁହେଁ ପୁରୁଣା ଫଟୋ ସହ ଏଆଇ ଦ୍ୱାରା ବୟସ ବଢ଼ିବା ପରେ ସେମାନେ କିପରି ଦେଖାଯାଉଥିବେ ତା'ର ଫଟୋ ଲଗାଯାଇଥିଲା। ତା'ସହ ସେମାନଙ୍କ ଶାରୀରିକ ବୈଶିଷ୍ଟ୍ୟ ମଧ୍ୟ ଉଲ୍ଲେଖ କରାଯିବା ସହ କ୍ୟୁଆର କୋଡ୍ ବି ପ୍ରଦାନ କରାଯାଇଥିଲା। ତେବେ ଏହି ଅଭିଯାନ ସଫଳ ସାବ୍ୟସ୍ତ ହୋଇଛି ଏବଂ ଅନେକ ପିଲାଙ୍କୁ ଚିହ୍ନଟ ବି କରାଯାଇଛି। ଏହି ଟେପ୍ ୨୨ଟି ସେଣ୍ଟ୍ରାଲ ଅଫିସ୍‌ରେ ମାଗଣାରେ ମିଳୁଛି। ଡେଲିଭରି ପ୍ୟାକେଜ୍‌ରୁ ଏହି ଟେପ୍‌କୁ ଖୋଲିବା ମାତ୍ରେ ଲୋକେ ନିଖୋଜ ପିଲାମାନଙ୍କୁ ଦେଖିପାରନ୍ତି।



# 'ଦ ରାଜା ସାବ୍'ର ଗୀତ ରିଲିଜ୍



ସାଉଥ୍ ସୁପରଷ୍ଟାର୍ ପ୍ରଭାସ 'ବାହୁବଳି' ଫିଲ୍ମ ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇଯାଇଛନ୍ତି। ଏବେ ପ୍ରଭାସ ତାଙ୍କ ହରର୍-କମେଡି ଫିଲ୍ମ 'ଦ ରାଜା ସାବ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ପୂର୍ବରୁ ଟିଜର୍ ଓ ଟ୍ରେଲର୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଥିବାବେଳେ ଏବେ ଏହି ଫିଲ୍ମର ପ୍ରଥମ ଗୀତ 'ରିବେଲ୍ ସାବ୍' ରିଲିଜ୍ ହୋଇଛି। ଏହି ଗୀତକୁ ରବିବାରଦିନ ହାଇଦ୍ରାବାଦସ୍ଥିତ ବିମଲ ଥିଏଟରରେ ଓ ଅନ୍‌ଲାଇନ୍‌ରେ ଲଞ୍ଚ କରାଯାଇଛି। ଏହାକୁ ତାମିଲ, କନ୍ନଡ଼, ମଲୟାଲମ୍ ଓ ହିନ୍ଦୀରେ ରିଲିଜ୍ କରାଯାଇଛି। ଏଥିରେ ପ୍ରଭାସ ରଙ୍ଗୀନ ପୋଷାକ ପିନ୍ଧି ଜବରଦସ୍ତ ନାଚୁଥିବାର ଦେଖାଯାଇଛି। ଦର୍ଶକଙ୍କୁ ଏହି ଗୀତ ବେଶ୍ ପସନ୍ଦ ଆସିଛି। 'ଦ ରାଜା ସାବ୍' ଆସନ୍ତା ଜାନୁଆରୀ ୯ ରେ ପରଦାକୁ ଆସିବ। ଏଥିରେ ମାଳବିକା ମୋହନନ୍, ନିଧି ଅଗ୍ରୱାଲ୍, ରିଦ୍ଧି କୁମାର, ଯୋଗୀ ବାବୁ, ଜରିନା ବହାବ ଲିଡ୍ ରୋଲରେ ନଜର ଆସିବେ। ୪୫୦ କୋଟି ବଜେଟ୍‌ରେ ନିର୍ମିତ 'ଦ ରାଜା ସାବ୍' ନିର୍ଦ୍ଦେଶନା ଦେଇଛନ୍ତି ମାରୁତି ଦସାରି। ଏହି ଫିଲ୍ମ ପାଇଁ ପ୍ରଭାସ ୧୦୦ କୋଟି ନେଇଥିବା ଚର୍ଚ୍ଚା ହେଉଛି।



## ସୁବର୍ଣ୍ଣା

## କୃଷି ପାଠଶାଳା

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ କେଣ୍ଡାରେ ଶତକଡ଼ା ୮୫ ଭାଗ ପାଚିଯାଇଥିଲେ କାଟି ନିଅନ୍ତୁ।
- ମୁଗ ଓ ବିରି ବିହନ ବୁଣିବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ମାଟି ବତର ଥିବା ଅବସ୍ଥାରେ ଏକର ପ୍ରତି ୧ ଲିଟର ପେଣ୍ଡିମିଥାଲିନ୍ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୀତଦିନିଆ ପନିପରିବା ତଳିଘରାରେ ବିହନ ବୁଣିବା କାର୍ଯ୍ୟ ସମାପ୍ତ କରନ୍ତୁ। ସକାଳ ଓ ସନ୍ଧ୍ୟା ସମୟରେ ପନିପରିବା ତଳିଘରାରେ ଜଳସେଚନ କରନ୍ତୁ।
- ୨୫ରୁ ୩୦ ଦିନର ପନିପରିବା ଚାରା ଯଥା -ଟମାଟୋ, ବାଇଗଣ, ଲଙ୍କା ଆଦିକୁ ମୁଖ୍ୟ ଜମିରେ ରୋପଣ କରିଦିଅନ୍ତୁ।
- କୋବି ଫସଲରେ ଠିକିରି ପିଠିଆ ପୋକର ପରିଚାଳନା ପାଇଁ ଏକର ପ୍ରତି ୬ରୁ ୮ଟି ଆଲୋକଯନ୍ତା ଲଗାନ୍ତୁ।
- କଦଳୀ କାନ୍ଦି ଅମଳ ଯୋଗ୍ୟ ହୋଇଥିଲେ, ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଶୀତଋତୁରେ ଗାଈଗୋରୁମାନଙ୍କୁ ବାୟୁ ଚଳାଚଳ ଗୁହାଳରେ ରଖନ୍ତୁ। ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ। ସେମାନଙ୍କୁ ପ୍ରତିଦିନ ମିନେରାଲ ମିକ୍ସର ସହ ଲୁଣ, ଚୋକଡ଼ ଓ ଗୁଡ ୧୦ରୁ ୨୦ ଶତକଡ଼ା ମିଶାଇ ଖାଇବାକୁ ଦିଅନ୍ତୁ।

## ଅନନ୍ୟ ଚାଷୀ

# ବର୍ଜ୍ୟରୁ କୃଷିଯନ୍ତ୍ର ନିର୍ମିତ



ବର୍ଜ୍ୟ ଭଙ୍ଗା ଲୁହାକୁ ବ୍ୟବହାର କରି ହରିୟାଣା, ହିସାର ଜିଲ୍ଲା, ସାତରୋଡର ଚାଷୀ ରାଜେନ୍ଦ୍ର ପୁନିଆ ତିନିଟି କୃଷି ଯନ୍ତ୍ର ବନାଇଛନ୍ତି। ଡିଏସ୍‌ଆର୍ ଯନ୍ତ୍ର ଡିଜାଇନ୍ କରି ଏଥିରେ ରୋଟାଭେଟରକୁ ସଂଯୋଗ କରି ସେ ଧାନ ଧାଡ଼ି ବୁଣା କରିଥିଲେ। ଏହା ଦ୍ୱାରା ଜମିପ୍ରସ୍ତୁତ ସହିତ ବିହନ ବୁଣା କାମ ଏକାସାଙ୍ଗରେ ହୋଇଥିଲା। ଏହି ଯନ୍ତ୍ରଟି ବିହନକୁ ମାଟିରେ ସମାନ୍ତରାଳ ଭାବେ ଖୋଳି ବିହନ ପୋତିଥାଏ। ତେଣୁ ପାରମ୍ପରିକ ରୁଆ ତୁଳନାରେ ଏହି ଯନ୍ତ୍ରରେ ପାଣି ଓ ଡିଜେଲ ଖର୍ଚ୍ଚ କମ୍ ହୋଇଥିଲା। ସେହିପରି ସେ 'ଟାର୍‌ଜନ' ନାମକ ଦେଶୀ ଯୋଗାଡ ବିକଶିତ କରିଛନ୍ତି। ଏହା ବିନା ଟ୍ରାକ୍ଟରରେ ଚାଲିପାରିବ। ହାଲୁକା ଏବଂ ସ୍ୱୟଂଚାଳିତ ଏହି ଯନ୍ତ୍ରଟି ଜମିରେ ହଳ କରେ, ପଥରକୁ ଭାଙ୍ଗେ, ଘାସନିୟନ୍ତ୍ରଣ, ଖତକୁ ପ୍ରୟୋଗ କରିବା କାମ କରିଥାଏ। ଏତିକିରେ ସରିନି ରାଜେନ୍ଦ୍ରଙ୍କ ସୃଜନଶୀଳତା। ଶସ୍ୟକୁ ସଫା କରିବାକୁ ସେ ବର୍ଜ୍ୟରୁ ଏକ ସ୍ୱତନ୍ତ୍ର ପଙ୍ଖା ବିକଶିତ କରିଛନ୍ତି। ଏହି ପଙ୍ଖା ଏତେ ଶକ୍ତିଶାଳୀ ଯେ, ଘଣ୍ଟାକରେ ୧୨୦ରୁ ୧୫୦ କି.ଗ୍ରା ଶସ୍ୟ ଯଥା- ଗହମ, ଧାନ, ଗୁଆର, ବାଜରା ଆଦିକୁ ସଫା କରିପାରିଥାଏ।

# ମାଛଙ୍କ ଖାଦ୍ୟପେୟରେ ସତର୍କତା

ଶୀତଋତୁରେ ପୋଖରୀର ପାଣି ଶୀଘ୍ର ଥଣ୍ଡା ହୋଇଥାଏ। ଥଣ୍ଡା ପାଣି ମାଛମାନଙ୍କ ଶରୀରକୁ ଅଧିକ ପ୍ରଭାବିତ କରିଥାଏ। ତେଣୁ ଏହି ସମୟରେ ନିୟମିତ ପାଣିର ତାପମାତ୍ରା ଓ ଅମ୍ଳଜାନ ଚେକ୍ କରିବା ସହ ମାଛଙ୍କ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ।

- ଶୀତଦିନେ ପୋଖରୀର ଥଣ୍ଡା ପାଣି ଯୋଗୁ ମାଛ ବିଭିନ୍ନ ରୋଗରେ ପୀଡ଼ିତ ହୁଅନ୍ତି। ତେଣୁ ପାଣିର ତାପମାତ୍ରା ସନ୍ତୁଳିତ ରଖିବାକୁ ସକାଳ ଏବଂ ସନ୍ଧ୍ୟା ସମୟରେ ମଟର ଚଳାଇ ପୋଖରୀ ପାଣିରେ ନଳକୂପ ପାଣି ମିଶାଇ ପାରିବେ। ପାଣିର ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ।
- ତାପମାତ୍ରା କମିବା ଦ୍ୱାରା ମାଛଙ୍କ ପାଚନ ଶକ୍ତି ଧୀମା ହୋଇଯାଏ। ସେମାନଙ୍କ ଖାଇବା ପରିମାଣ କମିଯାଏ। ମାଛଙ୍କୁ ଭାସମାନ ତଥା ପୌଷ୍ଟିକ ଖାଦ୍ୟ ଦେଇ ପାରିବେ। ଖାଦ୍ୟରେ ପ୍ରୋଟିନ୍ ମାତ୍ରା ୨୮%ରୁ ୩୦ % କରି ରଖନ୍ତୁ। ଦିନରେ ଗୋଟିଏ ଥର ଅପରାହ୍ନ ୩ଟା ସମୟରେ ମାଛଙ୍କୁ ଖାଇବାକୁ ଦେବା ଉଚିତ। କାରଣ ସେହି ସମୟରେ ପୋଖରୀ ପାଣିର ଉତ୍ତାପ ସର୍ବାଧିକ ରହିଥାଏ। ଫ୍ରେମ୍ ଫିଡିଂ ମାଧ୍ୟମରେ ମାଛଙ୍କୁ ଭାସମାନ ଖାଦ୍ୟ ଖାଇବାକୁ ଦେବା ଉଚିତ।
- ପାଣିର ତାପମାତ୍ରା ୨୪ ଡିଗ୍ରୀ ତଳକୁ ଖସିଲେ ଦାନା ପକାଇବା ପରିମାଣ କମ୍ କରିବା ଆବଶ୍ୟକ। ମାଛ ଅଧଘଣ୍ଟାରେ ଯେତିକି ଖାଦ୍ୟ ଖାଇବେ ସେତିକି ଖାଦ୍ୟ ଦିଅନ୍ତୁ। ଅଧଘଣ୍ଟା ପରେ ଯଦି ଖାଦ୍ୟ ବଳକା ରୁହେ ଖାଦ୍ୟ ପରିମାଣ କମ୍ କରନ୍ତୁ। ସେହିପରି ଅଧଘଣ୍ଟା ଭିତରେ ଯଦି ଖାଦ୍ୟ ସରିଯାଉଛି, ତାହେଲେ ଖାଦ୍ୟ ପରିମାଣକୁ ସେହି ଅନୁପାତରେ ବଢ଼ାଇ ପାରିବେ।



# ଫସଲକୁ ପ୍ରଭାବିତ କରିପାରେ ପ୍ରଦୂଷିତ ବାୟୁ

ଅଧୁନା ଭାରତର ଦିଲ୍ଲୀ ସମେତ ପ୍ରମୁଖ ସହରରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଚାରିଆଡ଼େ ଧୂଆଁମୟ ପରିସ୍ଥିତି। ହେଲେ ଜାଣନ୍ତିକି, ପ୍ରଦୂଷିତ ବାୟୁ ଫସଲକୁ ପ୍ରଭାବିତ କରିଥାଏ। ତେଣୁ ବାୟୁ ପ୍ରଦୂଷଣରୁ ଫସଲକୁ କେମିତି ସୁରକ୍ଷା ଦେବେ ଜାଣନ୍ତୁ।



ବାୟୁରେ ବିଷାକ୍ତମାତ୍ରା ବୃଦ୍ଧି ପାଇଲେ ଗଛ ଏବଂ ପତ୍ରରେ ଏକ ପରସ୍ତ ଭଳି ବସିଯାଏ। ଏହାଦ୍ୱାରା ଗଛକୁ ସୂର୍ଯ୍ୟକିରଣ ପହଞ୍ଚି ପାରେ ନାହିଁ। ଗଛକୁ ଆଲୋକ ଏବଂ ଅମ୍ଳଜାନ ମିଳିପାରୁନଥିବାରୁ ଗଛର ବିକାଶ ହୁଏନି। ଗଛରେ କଳା ଦାଗ ପଡ଼ି ପତ୍ର ମଉଳିଯାଏ। ପତ୍ରଜନିତ ରୋଗ ସୃଷ୍ଟି ହୁଏ। ଫସଲ ପ୍ରଭାବିତ ହୁଏ। ଫୁଲ ଓ ଫଳ ଆସିବାରେ ମଧ୍ୟ ସମସ୍ୟା ହୁଏ।

**କେଉଁ ଫସଲକୁ କାଳ:** ମୁଖ୍ୟତଃ ବାୟୁ ପ୍ରଦୂଷଣର ପ୍ରଭାବ ତୁଳସୀ, ମନିପ୍ଲାଣ୍ଟ, ଗୋଲାପ, ଘି-କୁଆଁରୀ, ଟମାଟୋ, ବାଇଗଣ, ଲଙ୍କା, କଣ୍ଟାଜାତୀୟ ଗଛକୁ ନଷ୍ଟ କରିଥାଏ। ସେହିପରି ରୋଷେଇଶାଳ ବଗିଚାରେ ବାଇଗଣ, ଲଙ୍କା, ଟମାଟୋ ଆଦି ଫସଲରେ ଉତ୍ପାଦନ ହ୍ରାସ ପାଇଥାଏ।

**ସୁରକ୍ଷିତ ଉପାୟ:** ପତ୍ରରୁ ଧୂଳି ସଫା କରିବାକୁ ହାଲୁକା ପାଣି ସିଞ୍ଚନ କରିପାରିବେ। ଏହାଦ୍ୱାରା ଗଛକୁ ଅମ୍ଳଜାନ ଓ ବାୟୁ ଚଳାଚଳ ହୋଇପାରେ। ଗଛ ମୂଳେ ଶୁଖିଲା ପତ୍ର, କୋକୋପିଟ୍, ଖତ ପକାଇଲେ ମାଟିର ଆର୍ଦ୍ରତା ଠିକ୍ ରହିଥାଏ। ସକାଳ ୮ଟା ପୂର୍ବ ଏବଂ ସନ୍ଧ୍ୟା ୫ଟା ପରେ ଜଳସେଚନ କରନ୍ତୁ। ନିମ୍ବ ତେଲ, ପଟାସିୟମ ବାଇକାର୍ବୋନେଟ୍ ସ୍ପ୍ରେ ଗଛକୁ ପ୍ରଦୂଷଣ ପ୍ରଭାବରୁ ସୁରକ୍ଷା ଦିଏ। ଇନ୍‌ଡୋର ପ୍ଲାଣ୍ଟକୁ ଘର ଭିତରେ ରଖନ୍ତୁ। ୧୫ ଦିନ ଅନ୍ତରରେ ଗଛରେ ହ୍ୟୁମିକ୍ ଏସିଡ, ଗୋମୂତ୍ର, ନିମ୍ବ ଖତ ଆଦି ପ୍ରୟୋଗ କଲେ, ଗଛରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

### ଜାନ୍‌ସେନ୍‌ଙ୍କୁ ୬ ୱିକେଟ, ଲଢ଼ିଲେ ସୁନ୍ଦର-କୁଳଦୀପ୍

# ଦକ୍ଷିଣ ଆଫ୍ରିକା ନିୟନ୍ତ୍ରଣରେ ବର୍ଷାପଡ଼ା ଟେଷ୍ଟ

ଗୌହାଟୀ,୨୪।୧୧(ଏଜେନ୍ସି)

ଘରୋଇ ମାଟିରେ ଟେଷ୍ଟ କ୍ରିକେଟ ଖେଳିବାର କଳା ଭୁଲିଗଲାଣି ଭାରତ। ଏଠାରେ ଦକ୍ଷିଣ ଆଫ୍ରିକା ସହ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦଳର ତଥାକଥିତ ସୁପରଷ୍ଟାର ମାନେ କ୍ରିକେଟ ଖେଳର ସବୁ ବିଭାଗରେ ଫେଲ୍ ମାରିଛନ୍ତି। ଯାହା ଫଳରେ ଏଠାରେ ଭାରତ ମ୍ୟାଚ୍ ବଞ୍ଚାଇବାକୁ ସଂଘର୍ଷ କରୁଛି। ଭାରତର ବୋଲିଂ ଫେଲ୍ ମାରିବା ପରେ ଏଠାରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ କରିଥିଲା ୪୮୯ ରନ୍। ଜବାବରେ କାମଚଳା ଅଧିନାୟକ ଋଷଭ ପନ୍ତଙ୍କ ନେତୃତ୍ୱରେ ଖେଳୁଥିବା ଭାରତ ପ୍ରତିପକ୍ଷ ପେସ୍ (ଜାନସେନ-୬/୪୮) ଓ ସ୍ପିନ୍ (ହାର୍ମର (୩/୬୪) ବୋଲିଂର ମୁକାବିଲା କରି ନ ପାରି ପ୍ରଥମ ଇନିଂସରେ କରିଥିଲା ୨୦୧ ରନ୍। ଯାହା ଫଳରେ ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକାକୁ ୨୮୮ ରନ୍‌ର ଅଗ୍ରଣୀ ମିଳିଥିଲା। କିନ୍ତୁ ଦଳ ଭାରତକୁ ଫଲୋଅନ୍ ନ ଦେଇ ଦ୍ୱିତୀୟ ଇନିଂସରେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତୃତୀୟ ଦିନ ଖେଳ ଶେଷ ସୁଦ୍ଧା କୌଣସି ୱିକେଟ ନ ହରାଇ ୨୬ ରନ୍ ସଂଗ୍ରହ କରିନେଇଛି। ଏହା ଫଳରେ ଦଳ ୩୧୪ ରନ୍‌ରେ ଆଗୁଆ ରହି ଏହି ଟେଷ୍ଟରେ ନିଜର ସ୍ଥିତି ସୁଦୃଢ଼ କରିଛି। ଖେଳ ଆଉ ଦୁଇ ଦିନ ଥିଲାବେଳେ ଭାରତ ଯଦି ଅତି ଭଲ ବ୍ୟାଟିଂ ନ କରେ ତେବେ ମ୍ୟାଚ୍ ଓ ସିରିଜ୍ ହାରିଯିବାର ଆଶଙ୍କା ପ୍ରକାଶ ପାଇଛି। ଭ୍ରମଣକାରୀ ଦଳ ଦୀର୍ଘ ୧୭ ବର୍ଷ ପରେ କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ଜିତି ନେଇଥିଲା। ଏଠାରେ ଦଳ ଯଦି ମ୍ୟାଚ୍ ବିଜୟୀ ହୁଏ କିମ୍ବା ଡ୍ର ରଖେ, ତେବେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଐତିହାସିକ ଟେଷ୍ଟ ସିରିଜ୍ ବିଜୟୀ ହେବ।





ଏହି ଟେଷ୍ଟର ତୃତୀୟ ଦିନରେ ଭାରତର ପ୍ରଥମ ଇନିଂସ ୭ ୱିକେଟରେ ୧୨୨ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ୱାଶିଂଟନ ସୁନ୍ଦର ଓ କୁଳଦୀପ ଯାଦବ ୮ମ ୱିକେଟ ଭାଗୀଦାରିରେ ୨୦୮ ବଲ୍‌ରୁ ୭୨ ରନ୍ ଉଠାଇ ଦଳର କିଛି ସମ୍ମାନ ରଖିଥିଲେ। ୪୮ ରନ୍‌ରେ ସୁନ୍ଦର ଆଉଟ ହେବା ସହ ଭାରତ ଇନିଂସ ୨୦୧ ରନ୍‌ରେ ଶେଷ ହୋଇଯାଇଥିଲା। କୁଳଦୀପ ୧୩୪ ବଲ୍ ଖେଳି ୧୯ ରନ୍ କରିଥିଲେ। ଏହା ଫଳରେ ଏହି ସିରିଜ୍‌ରେ ସେ ସର୍ବାଧିକ ବଲ୍ ଖେଳିବାର ରେକର୍ଡ କରିଥିଲେ। ଏଥିରୁ ସ୍ପଷ୍ଟ ହେଉଛି, ଭାରତର ଟପ୍ ଅର୍ଡର ବ୍ୟାଟରଙ୍କ ଅନିଚ୍ଛା ଯୋଗୁ କ୍ରିଜ୍‌ରେ ବେଶି ସମୟ ରହୁନାହାନ୍ତି। ଭାରତ ପକ୍ଷରୁ ଜୟସ୍ୱାଲ ୫୮ ଓ ସୁନ୍ଦରଙ୍କ ୪୮କୁ ଛାଡିଦେଲେ ଅନ୍ୟ କେହି କ୍ଲିକ୍ କରିନାହାନ୍ତି। ରାହୁଲ ୨୨, ସାଇ ସୁଦର୍ଶନ ୧୫, ଧ୍ରୁବ ଜୁରେଲ ୦, ଋଷଭ ପନ୍ତ ୭, ରବୀନ୍ଦ୍ର ଜାଡେଜା ୬ ଓ ନୀତୀଶ କୁମାର ରେଡ୍ଡୀ ୧୦ ରନ୍‌ରେ ଆଉଟ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଚମତ୍କାର ବୋଲିଂ କରି ୪୮ ରନ୍‌ରେ ୬ଟି ଓ ଅଫ୍ ସ୍ପିନର ସାଇମନ ହାର୍ମର ୩ଟି ୱିକେଟ ପାଇଥିଲେ। ବ୍ୟାଟିଂରେ ଜାନ୍‌ସେନ ମଧ୍ୟ ୯୧ ବଲ୍‌ରୁ ୯୩ ରନ୍‌ର ଭଲ ଇନିଂସ ଖେଳିଥିଲେ। ଭାରତରେ ଗୋଟିଏ ଟେଷ୍ଟରେ ୬ ୱିକେଟ ନେବା ଓ ଅର୍ଦ୍ଧଶତକ ହାସଲ କରିବାରେ ସେ ଦକ୍ଷିଣ ଆଫ୍ରିକାର ପ୍ରଥମ ଖେଳାଳି ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ :** ୪୮୯/୧୦ (ମୁଥୁସାମୀ-୧୦୯, ଜାନ୍‌ସେନ୍- ୯୩, କୁଳଦୀପ-୪/୧୧୫) ଓ ଦ୍ୱିତୀୟ ଇନିଂସ: ୨୬/୦।
**ଭାରତ ପ୍ରଥମ ଇନିଂସ :** ୨୦୧/୧୦ (ଜୟସ୍ୱାଲ-୫୮, ସୁନ୍ଦର-୪୮, ଜାନ୍‌ସେନ୍-୬/୪୮, ହାର୍ମର- ୩/୬୪)।

■ ୨୩ ବର୍ଷରୁ କମ୍ ମହିଳା ଟି-୨୦

## ଓଡ଼ିଶାର ସହଜ ବିଜୟ



ଋତ୍ୱିକା ଛେତ୍ରୀ

ଭୁବନେଶ୍ୱର, ୨୪।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ବିଜୟରୁ ଅଭିଯାନ ଆରମ୍ଭ କରିଛି। ଥିରୁଅନନ୍ତପୁରମରେ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୮୫ ରନରେ ସିକ୍କିମକୁ ପରାସ୍ତ କରିଛି। ଅଲିସ୍ପା ବିଶ୍ୱାଳ (୨୯ ବଲରେ ଅପରାଜିତ ୫୧ ରନ)ଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ୱିକେଟ୍‌ରେ ୧୫୨ ରନ କରିଥିଲା। ସିକ୍କିମର ପ୍ରିତୀକା ଛେତ୍ରୀଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ ସିକ୍କିମ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ୭ ୱିକେଟରେ ମାତ୍ର ୬୭ ରନ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳର ଏସ୍‌ବି ଲରେନ୍ସ ୨ଟି ଓ ଜ୍ୟୋତି ପ୍ରସାଦଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

## ସେଫିଲ୍ଡ ସିଲ୍ଡରେ ଶତକ: ନିଖିଳ ପ୍ରଥମ ଭାରତୀୟ

ସିଡ୍‌ନୀ, ୨୪।୧୧ (ଏଜେନ୍ସି): ଅଷ୍ଟ୍ରେଲିଆର ଘରୋଇ ପ୍ରଥମ ଶ୍ରେଣୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସେଫିଲ୍ଡ ସିଲ୍ଡରେ ଶତକ ମାରି ଭାରତୀୟ ଖେଳାଳି ନିଖିଳ ଚୌଧୁରୀ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛନ୍ତି। ତାସମାନିଆ ପକ୍ଷରୁ ଖେଳି ନ୍ୟୁ ସାଉଥ୍ ୱେଲ୍ସ ଦଳ ବିପକ୍ଷରେ ନିଖିଳ ୧୬୩ ରନର ମାରାଥନ ଇନିଂସ ଖେଳିଥିଲେ। ଫଳରେ ଚଳିତ ଶତାବ୍ଦୀରେ ପ୍ରଥମ ଭାରତୀୟ କ୍ରିକେଟର୍ ଭାବେ ୨୯ ବର୍ଷୀୟ ନିଖିଳ ସେଫିଲ୍ଡ ସିଲ୍ଡ ଟୁର୍ଣ୍ଣାମେଣ୍ଟରେ ଶତକ ମାରିବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କର ଏହି ଶତକ ବଳରେ ତାସମାନିଆ ପ୍ରଥମ ପାଳିରେ ୮ ୱିକେଟରେ ୬୨୩ ରନର ବିଶାଳ ସ୍କୋର କରିଛି।



ଦିଲ୍ଲୀ ଜନ୍ମିତ ନିଖିଳ ପଞ୍ଜାବ ପକ୍ଷରୁ ବିଜୟ ହଜାରେ ଟ୍ରଫି କ୍ରିକେଟ୍ ଖେଳିଛନ୍ତି। ସେ ଶୁବମନ ଗିଲ୍, ଅଭିଷେକ ଶର୍ମା ଓ ଅର୍ଶଦୀପ୍ ସିଂହଙ୍କ ଭଳି ଖେଳାଳିଙ୍କ ସହ ଏକାଠି ଡ୍ରେସିଂ ରୁମ ଶେୟାର କରିଛନ୍ତି। ତେବେ ୨୦୨୦ ମସିହାରେ ସେ ଏକ ସଂକ୍ଷିପ୍ତ ସମୟ ଲାଗି ଅଷ୍ଟ୍ରେଲିଆ ଯାଇଥିଲେ। କିନ୍ତୁ କୋଭିଡ୍-୧୯ ଲାଗି ସେଠାରେ ଫସି ରହିଥିଲେ। ଏହାପରେ ସେ ଅଷ୍ଟ୍ରେଲିଆରେ ସ୍ଥାୟୀ ଭାବେ ରହି ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। କିନ୍ତୁ କ୍ରିକେଟ୍ ଖେଳକୁ ଜାରି ରଖିବା ତାଙ୍କ ଲାଗି ସହଜ ନ ଥିଲା। ସେ ଖେଳ ସହିତ ପାର୍ଟଟାଇମ ଚାକିରି ଭାବେ ମାଂସ କାଟିବା, ପାର୍ସଲ ଡେଲିଭରୀ ଓ ଉବେର ଗାଡ଼ି ଚଳାଉଥିଲେ।

### ମହିଳା କବାଡ଼ି ବିଶ୍ୱକପ୍

## କ୍ରମାଗତ ୨ୟ ଟାଇଟଲ୍ ଜିତିଲା ଭାରତ



ଢାକା, ୨୪।୧୧ (ଏଜେନ୍ସି): ବାଂଲାଦେଶରେ ଶେଷ ହୋଇଥିବା ମହିଳା କବାଡ଼ି ବିଶ୍ୱକପ୍‌ର ଦ୍ୱିତୀୟ ସଂସ୍କରଣରେ ଭାରତ ଚାମ୍ପିଅନ ହୋଇଛି। କଡ଼ା ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭାରତୀୟ ମହିଳା ଦଳ ୭ (୩୫-୨୮) ପଏଣ୍ଟରେ ଚାଇନିଜ ତାଇପେଇକୁ ପରାସ୍ତ କରିଥିଲା। ଫଳରେ ଭାରତୀୟ ମହିଳା କବାଡ଼ି ଦଳ କ୍ରମାଗତ ୨ୟଥର ଲାଗି ବିଶ୍ୱକପ୍ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଛି। ଏଥିପୂର୍ବରୁ ୨୦୧୨ରେ ପାଟନାରେ ଖେଳାଯାଇଥିବା ମହିଳା ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଇରାନକୁ ହରାଇ ଭାରତ ବିଶ୍ୱ ବିଜୟିନୀ ହୋଇଥିଲା। ଭାରତ ଏଥର ଟାଇଟଲ୍ ବଜାୟ ରଖିବା ସହ ସମ୍ପୂର୍ଣ୍ଣ ବିଶ୍ୱକପ୍‌ରେ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ଟି ଯାକ ମ୍ୟାଚ୍ ଜିତି ସେମିଫାଇନାଲରେ ପହଞ୍ଚିଥିଲା। ଏହାପରେ ସେମିଫାଇନାଲରେ ଭାରତ ୩୩-୨୧ରେ ଇରାନକୁ ହରାଇ ଫାଇନାଲକୁ ଉଠିଥିଲା। ଏହି ବିଶ୍ୱକପ୍‌ରେ ମୋଟ୍ ୧୧ଟି ଦେଶ ଅଂଶଗ୍ରହଣ କରିଥିଲେ।

### ବଧିର ଅଲିମ୍ପିକ୍ସ

## ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ



ଟୋକିଓ, ୨୪।୧୧ (ଏଜେନ୍ସି): ଜାପାନରେ ଚାଲିଥିବା ଡିଫ୍ (ବଧିର) ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଲୋମା ସ୍ୱାଇଁଙ୍କୁ କାଂସ୍ୟ ପଦକ ମିଳିଛି। ସେ କରାଟେର ୫୦ କିଲୋରୁ କମ୍ କାଟାଗୋରୀରେ ଏହି ସଫଳତା ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଲୋମା ହାରିଯିବା ପରେ ବିଜୟୀ କରାଟେକା ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଯାହା ଫଳରେ ଲୋମାଙ୍କୁ ରିପ୍‌ଚେଜ୍‌ରେ ଖେଳିବାକୁ ସୁଯୋଗ ମିଳିଥିଲା। ଏଥିରେ ସେ ବ୍ରାଜିଲ୍‌ର ପ୍ରତିଯୋଗୀଙ୍କୁ ପରାସ୍ତ କରି କାଂସ୍ୟ ପଦକ ଜିତିବାରେ ସଫଳତା ପାଇଥିଲେ। ସେହିଭଳି ମହିଳା ସୁଟିଂର ୨୫ ମିଟର ପିସ୍ତଲ ଇଭେଣ୍ଟରେ ଭାରତର ପ୍ରଞ୍ଜଳି ପ୍ରଶାନ୍ତ ଧୁମାଲ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ତାଙ୍କର ୨ୟ ସ୍ୱର୍ଣ୍ଣ ପଦକ। ଚଳିତ ଅଲିମ୍ପିକ୍ସରେ ଭାରତୀୟ ସୁଟରମାନେ ବର୍ତ୍ତମାନ ସୁଦ୍ଧା ୧୬ଟି ପଦକ ଜିତିସାରିଛନ୍ତି। ଯେଉଁଥିରେ ୭ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ରହିଛି।

■ ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ

## ବିହାର ବିପକ୍ଷରୁ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୨୪।୧୧ (ସମିସ): ଅନନ୍ତପୁରରେ ଚାଲିଥିବା ଜାତୀୟ ଜୁନିଅର ବାଳିକା ଫୁଟ୍‌ବଲ ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ କରିବା ଲାଗି ୨୦ ଜଣିଆ ଓଡ଼ିଶା ଦଳ ସୋମବାର ଆନ୍ଧ୍ର ପ୍ରଦେଶ ଅଭିମୁଖେ ଗସ୍ତ କରିଛି। ଏହି ଚାମ୍ପିଅନସିପ୍‌ରେ ଓଡ଼ିଶା ଗ୍ରୁପ୍-ଡି'ରେ ସ୍ଥାନ ପାଇଛି। ଓଡ଼ିଶା ସମେତ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାର ଏହି ଗ୍ରୁପ୍‌ରେ ରହିଛନ୍ତି। ନଭେମ୍ବର ୨୮ ରେ ବିହାର ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଏହାପରେ ଓଡ଼ିଶା ୩୦ରେ ପଶ୍ଚିମବଙ୍ଗଙ୍କୁ ଏବଂ ଡିସେମ୍ବର ୨ରେ ଝାଡ଼ଖଣ୍ଡ ସହ ଶେଷ ଗ୍ରୁପ୍ ମ୍ୟାଚ୍ ଖେଳିବ। ଚାରୋଟି ଯାକ ଗ୍ରୁପ୍‌ର ପଏଣ୍ଟ ଟେବଲ ଶୀର୍ଷରେ ରହିଥିବା ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୋମବାର ଆନ୍ଧ୍ର ଗସ୍ତ କରିବା ପୂର୍ବରୁ ଓଡ଼ିଶା ଦଳର ଖେଳାଳି ଓ ୪ଜଣ ସପୋର୍ଟ ଷ୍ଟାଫ୍‌ଙ୍କୁ କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଯାଇଥିଲା।

■ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍

## ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ

ଭୁବନେଶ୍ୱର,୨୪।୧୧(ସମିସ): ସିଡିଏ ସେକ୍ଟର-୭ରେ ଥିବା ବିଜୁ ପଟ୍ଟନାୟକ ଇଣ୍ଡୋର ହଲ୍‌ରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଟିଟି ଚାମ୍ପିଅନସିପ୍‌ର ୧୫ ବର୍ଷରୁ କମ୍ ବାଳକ, ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ବିଭାଗର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଆସନ୍ତାକାଲି ସେମିଫାଇନାଲ ଖେଳାଯିବ। ୧୫ ବର୍ଷରୁ କମ୍ ବାଳକ ବିଭାଗ ପ୍ରଥମ ସେମିଫାଇନାଲରେ ପୁରୀର ଜିଜ୍ଞାସୁ ସାଇ କିରଣ ପ୍ରଧାନଙ୍କ ସହ ଭୁବନେଶ୍ୱରର ସୋମନାଥ ସୁବୁଦ୍ଧି, ଦ୍ୱିତୀୟ ସେମିରେ ଭୁବନେଶ୍ୱରର ହିତେଶ ଅଗରୱାଲଙ୍କ ସହ କଟକର ସୟଦ୍ ଅର୍ଶ ଅଲିଙ୍କର ମୁକାବିଲା ହେବ। ୧୯ ବର୍ଷରୁ କମ୍ ବାଳକ ସେମିଫାଇନାଲରେ କଟକର ସାର୍ଥକ ରାୟଙ୍କ ସହ ପୁରୀର ଜିଜ୍ଞାସୁଙ୍କର ଓ କଟକର ଜିଜ୍ଞାସୁ ସାହୁଙ୍କ ସହ ଖୋର୍ଦ୍ଧାର ଅନିନ୍ଦ୍ୟ ଅନୁପମ ଦାସ୍‌ଙ୍କର ଲଢ଼େଇ ହେବ। ବାଳିକା ସିଙ୍ଗଲ୍ସ ଫାଇନାଲ ଟିକେଟ ଲାଗି କଟକର ସାକ୍ଷୀ ଭଗତଙ୍କ ସହ ଖୋର୍ଦ୍ଧାର ଆସ୍ମା ଅଦିତି ଓ କଟକର ଆରାଧ୍ୟା ସାହୁଙ୍କ ସହ ଖୋର୍ଦ୍ଧାର ଉର୍ଜା ବର୍ମାଙ୍କର ମୁକାବିଲା ହେବ।

## ବିଶାଖାଙ୍କୁ ରୌପ୍ୟ, ତନ୍ୱୀଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୪।୧୧ (ସମିସ): ଓଡ଼ିଶାର ଦୁଇ ଉଦୀୟମାନ ବ୍ୟାଡ୍‌ମିଣ୍ଟନ ଖେଳାଳି ବିଶାଖା ଟପ୍ପୋ ଓ ତନ୍ୱୀ ପତ୍ରି ଜାତୀୟ ପ୍ରତିଯୋଗିତାରେ ପଦକ ସଫଳତା ପାଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ଅରୁଣାଚଳର ଇଟାନଗରରେ ଅନୁଷ୍ଠିତ ୪୮ ତମ ଆନ୍ତଃ ରାଜ୍ୟ ଜୋନାଲ ଓ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ବିଶାଖା ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଭବ୍ୟା ଛାବ୍ରାଙ୍କୁ ସାଥୀ କରି ମିକ୍ସଡ ଡବଲ୍ସରେ ରନର୍ସଅପ୍ ହୋଇଥିଲେ। ସେହିଭଳି ତନ୍ୱୀ ଏହି ଚାମ୍ପିଅନସିପ୍‌ର ବାଳିକା ସିଙ୍ଗଲ୍ସରେ କାଂସ୍ୟ ପଦକ ସଫଳତା ପାଇଥିଲେ। ଉଭୟ ପଦକ ବିଜୟିନୀଙ୍କୁ ଏହି ଅବସରରେ ରାଜ୍ୟ କ୍ରୀଡ଼ାଜଗତରୁ ଶୁଭେଚ୍ଛାର ସୁଅ ଛୁଟିଛି।

**ବାରବାଟୀ ଟି-୨୦**

## ଫ୍ଲଡ୍‌ଲାଇଟ୍ ତ୍ରୁଟି ଧରିବ ସଫ୍ଟୱେୟାର

■ ମ୍ୟାଚ୍ ପୂର୍ବରୁ ହେବ ଲାଇଟ୍ ଶୋ
■ ସମସ୍ୟା କରୁଛି ସାଇଡ୍‌ସ୍କ୍ରିନ; ଘୁଞ୍ଚିବ ସିଏମ୍ ଲାଉଞ୍ଜ

କଟକ,୨୪।୧୧(ସମିସ)

ବାରବାଟୀରେ ହେବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍‌କୁ ଆଉ ୧୪ଦିନ ବାକି। ଶୃଙ୍ଖଳିତ ଢ଼ଙ୍ଗରେ ମ୍ୟାଚ୍ ପରିଚାଳନା କରାଯିବା ଏବଂ ପୂର୍ବ ତ୍ରୁଟିକୁ ନଦୋହରାଇବା ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ ବୋଲି ଓସିଏ କନସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ବାରବାଟୀରେ ୮ଟି ଫ୍ଲଡଲାଇଟ୍ ରହିଛି। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ। ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ପ୍ରଥମଥର ନିମନ୍ତେ ଓସିଏ ଏହି ପଦକ୍ଷେପ ନେଇଛି ବୋଲି ବିଷ୍ଣୁପ୍ରସାଦ କହିଛନ୍ତି। ସେହିପରି ପ୍ରତ୍ୟେକ ଫ୍ଲଡଲାଇଟ୍‌କୁ ୨ଟି ଲେଖାଏ ଡିଜି ସେଟ୍ ସଂଯୋଗ କରାଯିବ। ଆଉ ୨ଟି ଡିଜି ସେଟ୍ ପାୱାର ଅନ୍ ଅବସ୍ଥାରେ ମହଜୁଦ ରଖାଯିବ।

ଗତ ଭାରତ-ଇଂଲଣ୍ଡ ଏକଦିବସୀୟ ମ୍ୟାଚ୍ ବେଳେ ଫ୍ଲଡଲାଇଟ୍ ଲିଭିବା ଘଟଣାର ପୁନଃରାବୃତ୍ତି ଘଟିବାକୁ ଦିଆଯିବ ନାହିଁ ସେ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଆଗାମୀ ମ୍ୟାଚ୍ ପାଇଁ ମୁଖ୍ୟମନ୍ତ୍ରୀ ଲାଉଞ୍ଜକୁ ସ୍ଥାନାନ୍ତର କରାଯିବା ପାଇଁ ଯୋଜନା ହୋଇଛି। ଲାଉଞ୍ଜ ସମ୍ମୁଖରେ ସାଇଡ୍ ସ୍କ୍ରିନ ରହି ବାଧା ସୃଷ୍ଟି କରୁଛି। ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଏବଂ ହାଇକୋର୍ଟର ମୁଖ୍ୟ ବିଚାରପତି ଲାଉଞ୍ଜରେ ଦେଖିବାକୁ ମିଳିବେ। ପଦ୍ମ ଉପାଧି ବିଜେତା ଏବଂ ରାଜ୍ୟର ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଲାଉଞ୍ଜ ହେବ। ମ୍ୟାଚ୍ ଆରମ୍ଭ ପୂର୍ବରୁ ବାରବାଟୀରେ ଏଥର ଆକର୍ଷଣୀୟ ଲାଇଟ୍ ଶୋ ହେବ ବୋଲି ସୂଚନା ମିଳିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS